


ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ସୋମବାର ୨୬ ଜାନୁଆରୀ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 26 JANUARY 2026
Vol.No. 36 ■ No.25 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଖୁବ୍‌ଶୀଘ୍ର ପ୍ରକାଶ ପାଇବ
ସାଗରିକା
(ନୂଆବର୍ଷ ସଂଖ୍ୟା)
ଡିଜିଟାଲ ଫର୍ମାଟରେ ମଧ୍ୟ ଉପଲବ୍ଧ...
website : sagarika.in.net


## ଘୋଷିତ ହେଲା ପଦ୍ମ ପୁରସ୍କାର: ଧର୍ମେନ୍ଦ୍ରଙ୍କୁ ପଦ୍ମ ବିଭୂଷଣ, ରୋହିତଙ୍କୁ ପଦ୍ମଶ୍ରୀ, ତାଲିକାରେ ଓଡ଼ିଶାର ୪ ଜଣ

ନୂଆଦିଲ୍ଲୀ,୨୫/୧ : ୨୦୨୬ ମସିହା ପାଇଁ ରବିବାର ଘୋଷଣା କରାଯାଇଛି ପଦ୍ମ ପୁରସ୍କାର। ୫ ଜଣଙ୍କୁ ପଦ୍ମ ବିଭୂଷଣ, ୧୩ ଜଣଙ୍କୁ ପଦ୍ମ ଭୂଷଣ ଓ ୧୧୩ ଜଣଙ୍କୁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରାଯିବା ବୋଲି କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ପ୍ରେସ୍ ରିଲିଜ୍ ଜାରି କରାଯାଇଛି। କଳା କ୍ଷେତ୍ରରେ ଅବଦାନ ପାଇଁ ବଲିଉଡ୍ ଅଭିନେତା ଧର୍ମେନ୍ଦ୍ରଙ୍କୁ ମରଣୋତ୍ତର ଭାବେ ପଦ୍ମ ବିଭୂଷଣ ପୁରସ୍କାର ପ୍ରଦାନ କରାଯିବ। କେରଳର ୩ ଜଣଙ୍କୁ ପ୍ରଦାନ କରାଯିବ ପଦ୍ମ ବିଭୂଷଣ ପୁରସ୍କାର। ସେମାନେ ହେଉଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ଭି ଏସ୍ ଅଚ୍ୟୁତାନନ୍ଦନ, କେ.ଟି ଥୋମାସ ଓ ପି ନାରାୟଣନ। ଭି ଏସ୍ ଅଚ୍ୟୁତାନନ୍ଦନଙ୍କୁ ମରଣୋତ୍ତର ଭାବେ ଏହି ପୁରସ୍କାର ପ୍ରଦାନ କରାଯିବ। କେ.ଟି ଥୋମାସଙ୍କୁ ପବ୍ଲିକ୍ ଆଫାୟର୍ସ କ୍ଷେତ୍ର ପାଇଁ ଏବଂ ପି ନାରାୟଣନଙ୍କୁ ଶିକ୍ଷା ଓ ସାହିତ୍ୟ କ୍ଷେତ୍ର ପାଇଁ ମିଳିବ ପଦ୍ମ ବିଭୂଷଣ ପୁରସ୍କାର। ସେହିପରି କଳା କ୍ଷେତ୍ରରେ ଅବଦାନ ପାଇଁ ଉତ୍ତର ପ୍ରଦେଶର ଏନ୍ ରାଜମଙ୍କୁ କଳା କ୍ଷେତ୍ରରେ ଅବଦାନ ପାଇଁ ପଦ୍ମ ବିଭୂଷଣ ପୁରସ୍କାର ପ୍ରଦାଦ କରାଯିବ।






## ଆପଣମାନେ ସମସ୍ତେ ଆମର ଜୀବନ୍ତ ଗଣତନ୍ତ୍ରକୁ ମଜବୁତ୍ କରୁଛନ୍ତି: ରାଷ୍ଟ୍ରପତି



ନୂଆଦିଲ୍ଲୀ,୨୫/୧ : ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରବିବାର ସନ୍ଧ୍ୟାରେ ଦେଶବାସୀଙ୍କୁ ୭୭ତମ ଗଣତନ୍ତ୍ର ଦିବସ ପୂର୍ବରୁ ସମ୍ବୋଧିତ କରିଛନ୍ତି। ସେ କହିଛନ୍ତି, ଦେଶ ଏବଂ ବିଦେଶରେ ରହୁଥିବା ଆମେ ଭାରତର ଲୋକମାନେ, ଉତ୍ସାହର ସହ ଗଣତନ୍ତ୍ର ଦିବସ ପାଳନ କରିବାକୁ ଯାଉଛୁ। ମୁଁ ଆପଣମାନଙ୍କୁ ସମସ୍ତଙ୍କୁ ଜାତୀୟ ପର୍ବ ଗଣତନ୍ତ୍ର ଦିବସର ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି। ପବିତ୍ର ଗଣତନ୍ତ୍ର ଦିବସ ଆମ ଦେଶର ଅତୀତ, ବର୍ତ୍ତମାନ ଏବଂ ଭବିଷ୍ୟତରେ ଦେଶର ଭାଗ୍ୟ ଏବଂ ପରିସ୍ଥିତି ଉପରେ ଅବଲୋକନ କରିବାର ଏକ ଅବସର ଆଣିଦେଇଥାଏ। ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ, ସ୍ୱାଧୀନତା ସଂଗ୍ରାମ ଯୋଗୁଁ, ଆମ ଦେଶର ଭାଗ୍ୟ ପରିବର୍ତ୍ତନ ହେବା ସହ ଭାରତ ସ୍ୱାଧୀନ ହୋଇଥିଲା। ଆମେ ଆମ ଜାତିର ଭାଗ୍ୟ ନିର୍ଦ୍ଧାରଣ କରିଥିଲୁ। ୧୯୫୦ ମସିହା ଜାନୁଆରି ୨୬ ତାରିଖରୁ ଆମେ ଆମ ଗଣତନ୍ତ୍ରର ସାମ୍ବିଧାନିକ ଆଦର୍ଶ ଦିଗରେ ଆଗକୁ ବଢ଼ୁଛେ। ସେହି ଦିନ ଆମେ ଆମର ସମ୍ବିଧାନକୁ ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ କରିଥିଲୁ। ଗଣତନ୍ତ୍ରର ଜନନୀ ଭାରତର ସମ୍ବିଧାନ ଉପନିବେଶବାଦର ବିଧି ବିଧାନରୁ ମୁକ୍ତ ହୋଇ ଲୋକତନ୍ତ୍ରର ଏହି ଗଣରାଜ୍ୟ ତାର ଅସ୍ତିତ୍ୱକୁ ଫେରି ପାଇଥିଲା। ଆମର ସମ୍ବିଧାନ ହେଉଛି ବିଶ୍ୱ ଇତିହାସରେ ଆଜି ପର୍ଯ୍ୟନ୍ତ ସର୍ବବୃହତ ଗଣତନ୍ତ୍ରର ଆଧାର ଗ୍ରନ୍ଥ। ନ୍ୟାୟ, ସ୍ୱାଧୀନତା, ସମାନତା ଏବଂ ଭ୍ରାତୃତ୍ୱର ଆଦର୍ଶ ଆମ ସମ୍ବିଧାନର ପରିଭାଷା। ସମ୍ବିଧାନ ପ୍ରଣେତାମାନେ ଜାତୀୟତା ଏବଂ ଏକତାର ଭାବନା ସହ ସାମ୍ବିଧାନିକ ବ୍ୟବସ୍ଥାକୁ ଏକ ଦୃଢ଼ ଭିତ୍ତିଭୂମି ପ୍ରଦାନ କରିଛନ୍ତି। ଲୌହ ପୁରୁଷ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଆମ ଦେଶକୁ ଏକତ୍ର କରିଥିଲେ। ଗତବର୍ଷ ଅକ୍ଟୋବର ୩୧ ତାରିଖରେ, କୃତଜ୍ଞ ଦେଶବାସୀମାନେ ଉତ୍ସାହର ସହ ତାଙ୍କର ୧୫୦ ତମ ଜୟନ୍ତୀ ପାଳନର ଶୁଭ ଅବସରରେ ବିଭିନ୍ନ ଉତ୍ସବ ଏବଂ କାର୍ଯ୍ୟକ୍ରମମାନ ଆୟୋଜନ କରିଛନ୍ତି। ରାଷ୍ଟ୍ରପତି କହିଛନ୍ତି, ଆପଣମାନେ ସମସ୍ତେ ଆମର ଜୀବନ୍ତ ଗଣତନ୍ତ୍ରକୁ ମଜବୁତ୍ କରୁଛନ୍ତି।

## ସୈରିନ୍ଧ୍ରୀ ସାହୁଙ୍କ ଗଳ୍ପପୁସ୍ତକ 'ମହାଭାବ' ଓ ନୂଆବର୍ଷ ସଂଖ୍ୟା 'ସାଗରିକା' ପାଠକାର୍ପଣ ଉତ୍ସବ ମହାସମାରୋହରେ ପାଳିତ



ବାଲେଶ୍ୱର, ୨୫/୧ (ନି.ପ୍ର): ଆଜି ସ୍ଥାନୀୟ ହୋଟେଲ ଦି ହେରିଟେଜ (ଫାଣ୍ଟାସି) କକ୍ଷରେ ସୈରିନ୍ଧ୍ରୀ ସାହୁଙ୍କ ଲିଖିତ ସପ୍ତମ ଗଳ୍ପ ପୁସ୍ତକ 'ମହାଭାଗ' ଓ 'ସାଗରିକା'ର ନୂଆବର୍ଷ ସଂଖ୍ୟାର ଉନ୍ମୋଚନ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରଥମେ ସଂଯୋଜିକା ମିତା ପଟ୍ଟନାୟକ ଅତିଥିମାନଙ୍କର ପରିଚୟ ପ୍ରଦାନ କରିବା ସହ ଅତିଥିମାନଙ୍କୁ ମଂଚକୁ ଆମନ୍ତ୍ରଣ କରିଥିଲେ। ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରିବା ପରେ କଣ୍ଠଶିଳ୍ପୀ ଶ୍ୱେତାଲିସା ଶୁଭଦର୍ଶିନୀ, କିରଣବାଳା ନାୟକ, ସୁହାନି ସାଇ ପ୍ରମୁଖ ପ୍ରାରମ୍ଭିକ ସଂଗୀତ କରିଥିବାବେଳେ ଅତିଥିମାନଙ୍କ ଦ୍ୱାରା ଗଳ୍ପ ପୁସ୍ତକ 'ମହାଭାଗ' ଓ ନୂଆବର୍ଷ ସଂଖ୍ୟା 'ସାଗରିକା' ଉନ୍ମୋଚିତ ହୋଇଥିଲା। ଏହି ଉନ୍ମୋଚନ ଉତ୍ସବରେ ସଭାପତିତ୍ୱ କରିଥିଲେ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି। ସେ କହିଥିଲେ ସୈରିନ୍ଧ୍ରୀ ଓ ସୃଷ୍ଟିଧର ନିରନ୍ତର ଭାବେ ଦୀର୍ଘ ବର୍ଷ ଧରି ଗୋଟେ ଦୈନିକ ଖବର କାଗଜ ଓ ସାହିତ୍ୟ ପତ୍ରିକା ପ୍ରକାଶନ ଓ ସମ୍ପାଦନ କରିବା ଭିତରେ ଏହାର ଗୁଣାତ୍ମକ ବିକାଶ ଉପରେ ନିରନ୍ତର ଦୃଷ୍ଟି ଦେଇ ଆସିଛନ୍ତି ଓ ପରବର୍ତ୍ତୀ ସମୟରେ ସେ ଏହିପରି ବିକାଶ ପଥରେ ଅଗ୍ରଗତି କରି ଚାଲନ୍ତୁ ବୋଲି କହିଥିଲେ । ପ୍ରାରମ୍ଭରେ 'ସାଗରିକା' ଓ 'ଧ୍ୱନି ପ୍ରତିଧ୍ୱନି'ର ପରିଚାଳନା ସମ୍ପାଦକ ସୃଷ୍ଟିଧର ପରିଡ଼ା ପ୍ରାରମ୍ଭିକ କଥା ରଖିଥିଲା ବେଳେ ସମ୍ପାଦିକା ତଥା ଗାଳ୍ପିକା ସୈରିନ୍ଧ୍ରୀ ସାହୁ ନିଜ ଗଳ୍ପ ପୁସ୍ତକ 'ମହାଭାବ' ଓ 'ସାଗରିକା' ସଂକ୍ରାନ୍ତରେ ନିଜର ବକ୍ତବ୍ୟ ରଖିଥିଲେ। ଅତିଥିଭାବେ ଯୋଗଦେଇ ବରିଷ୍ଠ ସାହିତ୍ୟିକ ଡ. ଶ୍ରୀକାନ୍ତ ଚରଣ ପାତ୍ର 'ସାଗରିକା' ବାଲେଶ୍ୱର ମାଟିର ଗର୍ବ ବୋଲି କହିବା ସହ ଉଭୟ ଦମ୍ପତ୍ତି ସାହିତ୍ୟ କ୍ଷେତ୍ରରେ ସାଧନା କରି ଓଡ଼ିଶା ସାହିତ୍ୟ କ୍ଷେତ୍ରରେ ଏକ ମାଇଲଖୁଂଟ ଓ ବତିଘର ସାଜିଛନ୍ତି ବୋଲି କହିଥିଲେ । ଏଥିରେ ଅନ୍ୟତମ ଅତିଥି ଭାବେ ଯୋଗଦେଇ ମୌସୁମୀ ପତ୍ରିକାର ସମ୍ପାଦକ ଡ. ଶ୍ରୀଧର ସାମଲ କହିଲେ ଆମେ ଆମର ତିନୋଟି ମା'ଙ୍କୁ କୌଣସି ପରିପ୍ରେକ୍ଷୀରେ ବି ଭୁଲିଯିବା ଉଚିତ୍ ନୁହେଁ । ଜନ୍ମଦାତ୍ରୀ ମା', ମାତୃଭୂମି ଓ ମାତୃଭାଷାକୁ ସମ୍ମାନ ଦେବା ଆମ ସମସ୍ତଙ୍କର କର୍ତ୍ତବ୍ୟ ହେବା ଉଚିତ୍ । ବରିଷ୍ଠ ସାମ୍ବାଦିକ କୁଳମଣି ବାରିକ 'ଓଡିଆ ଭାଷା ସଙ୍କଟକୁ ଦୂରୀଭୂତ କରିବାକୁ ହେଲେ ଓଡିଆ ପତ୍ରିକା କିଣି ପଢିବାର ଅଭ୍ୟାସ କରିବା ସହ ସତ୍ୟକୁ ନୀର୍ଭୀକ ଭାବେ ପ୍ରକାଶ କରିବା ଦରକାର' ବୋଲି କହିଥିବା ବେଳେ ପରାଗର ସମ୍ପାଦକ ବନମାଳୀ ସେନାପତି ଓଡିଆ ଅସ୍ମିତାକୁ ତୁଳନାତ୍ମକ ଭାବେ ବର୍ଣ୍ଣନା କରିବା ସହ ଆମେ ସମସ୍ତେ ଓଡିଆ ଭାଷାକୁ ସମ୍ମାନ ଦେବାକୁ ପ୍ରସ୍ତୁତ ରହିବା ଆବଶ୍ୟକ ବୋଲି କହିଥିଲେ । ସୁବର୍ଣ୍ଣଶ୍ରୀ ପ୍ରକାଶନୀର ପ୍ରକାଶକ କବି ଡ. କବି କାଳୀପଦ ପଣ୍ଡା ଗଳ୍ପ ପୁସ୍ତକ 'ମହାଭାବ' ଉପରେ ପ୍ରକାଶକୀୟ ଅଭିବ୍ୟକ୍ତି ରଖିଥିବା ବେଳେ ଉତ୍ସବକୁ ସଂଯୋଜନା କରିଥିଲେ କବି ମିତା ପଟ୍ଟନାୟକ। ପରିଶେଷରେ ଲେଖିକା ସୈରିନ୍ଧ୍ରୀ ସାହୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ଉତ୍ସବରେ ଓଡ଼ିଶାର ସମଗ୍ର ଅଂଚଳରୁ ପ୍ରାୟ ଶତାଧିକ ଲେଖକ ଲେଖିକା ଏହି ଉତ୍ସବରେ ଯୋଗଦାନ କରିଥିଲେ।


DADLS-83



ପବିତ୍ର ସାଧାରଣତନ୍ତ୍ର ଦିବସ-୨୦୨୬ ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ସାଧାରଣତନ୍ତ୍ର ଦିବସ-୨୦୨୬ ପାଳନ ଅବସରରେ ମୁଁ ଓଡ଼ିଶାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ।

ଓଡ଼ିଶାକୁ ଦେଶର ଏକ ସମୃଦ୍ଧ, ଅଗ୍ରଣୀ ଏବଂ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଏହି ପବିତ୍ର ଦିବସରେ ସମସ୍ତେ ଶପଥ ନେବାକୁ ମୁଁ ଆହ୍ୱାନ ଜଣାଉଛି ।

(ଡ. ହରି ବାବୁ କମ୍ଭମପାଟି)

DADLS-83



ପବିତ୍ର ସାଧାରଣତନ୍ତ୍ର ଦିବସ-୨୦୨୬
ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ପବିତ୍ର ସାଧାରଣତନ୍ତ୍ର ଦିବସ ଅବସରରେ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଆଜିର ଦିବସ ହେଉଛି ଗର୍ବ, ଗୌରବ ଓ ସଂକଳ୍ପର ଦିବସ ।

ଆସନ୍ତୁ, ସମ୍ବିଧାନର ମୂଲ୍ୟବୋଧକୁ ଆଧାର କରି ଦେଶର ଶକ୍ତି, ସାମର୍ଥ୍ୟ ଓ ସମ୍ମାନ ବଢ଼ାଇବା ସହିତ ୨୦୩୬ ସୁଦ୍ଧା ଏକ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ସମସ୍ତେ ସଂକଳ୍ପବଦ୍ଧ ହୋଇ କାମ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ପୂର୍ବତନ ସାଂସଦ ଡ. ଶ୍ୟାମସୁନ୍ଦର ମହାପାତ୍ରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ



ବାଲେଶ୍ୱର, ୨୫/୧ (ନି.ପ୍ର): ବାଲେଶ୍ୱରର ପୂର୍ବତନ ଲୋକସଭା ସାଂସଦ, ରାଜ୍ୟସଭା ସାଂସଦ, ଓଡ଼ିଶା ତଥା ପୂର୍ବତନ ରାଉରକେଲା ବିଧାୟକ ଡ. ଶ୍ୟାମସୁନ୍ଦର ମହାପାତ୍ରଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ତାଙ୍କ ଜୟନ୍ତୀ ଜାନୁଆରୀ ୨୫ ତାରିଖ ପୂର୍ବାହ୍ନରେ ଶୁଭ ଉନ୍ମୋଚିତ ହୋଇଯାଇଛି। ଡ. ଶ୍ୟାମସୁନ୍ଦର ମହାପାତ୍ର ସ୍ମୃତି କମିଟିର ଆବାହକ ବରିଷ୍ଠ ସାମ୍ବାଦିକ ଶ୍ରୀଯୁକ୍ତ ବିପ୍ଳବ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଏହି ଉନ୍ମୋଚନ ସଭା ଅନୁଷ୍ଠିତ ହୋଇଥିଲା। ବାଲେଶ୍ୱର ସହରର ଆଇ.ଟି.ଆଇ. ଛକ ନିକଟସ୍ଥ ଓ.ଟି. ରୋଡ୍ ପାର୍ଶ୍ୱରେ ଶ୍ୟାମସୁନ୍ଦର ମହାପାତ୍ର ସ୍ମୃତିକମିଟି, ଓଡ଼ିଶା ଓ ଯୁଗଶ୍ରୀ ଟ୍ରଷ୍ଟ ପକ୍ଷରୁ ସ୍ଥାପନ କରାଯାଇଥିବା ଡ. ମହାପାତ୍ରଙ୍କ ପ୍ରତିମୂର୍ତ୍ତିକୁ ବାଲେଶ୍ୱର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟଅତିଥି ଓ ଉଦ୍‌ଘାଟକ ଭାବେ ଉଦ୍‌ଘାଟନ କରିଥିଲେ। ସେଠାରେ ଆୟୋଜିତ ଏହି ବର୍ଣ୍ଣାଢ଼୍ୟ ଉନ୍ମୋଚନ ଉତ୍ସବରେ ଉଦ୍‌ବୋଧନ ଦେଇ ଶ୍ରୀ ଷଡ଼ଙ୍ଗୀ କହିଲେ ଯେ ଡ. ଶ୍ୟାମସୁନ୍ଦର ମହାପାତ୍ର ଏକାଧାରରେ ଜଣେ ଅପ୍ରତିଦ୍ୱନ୍ଦୀ ଛାତ୍ରନେତା, ଦକ୍ଷ ଶ୍ରମିକ ନେତା, ସୁସଂଗଠକ, ବିଚକ୍ଷଣ ରାଜନୀତିଜ୍ଞ ସାଂସଦ, ବିଧାୟକ ଥିଲେ। ସେ ମଧ ଜଣେ ବୈଦେଶିକ ନୀତି ବିଶାରଦ ଥିଲେ ଏବଂ ବାଲେଶ୍ୱର ତଥା ଓଡ଼ିଶାର ବିକାଶ ପାଇଁ ସେ ଚେଷ୍ଟିତ ଥିଲେ ବୋଲି ଶ୍ରୀ ଷଡ଼ଙ୍ଗୀ ଉଲ୍ଲେଖ କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ସରକାରଙ୍କର ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦାସ ଯୋଗଦେଇ କହିଥିଲେ ଡ. ଶ୍ୟାମସୁନ୍ଦର ମହାପାତ୍ର ରାଜନୀତିରେ ଏତେ ପ୍ରବୀଣ ଥିଲେ ଯେ ଗୋଟିଏ ଦିନ ପାଇଁ ଲଣ୍ଡନର ମେୟର ହୋଇପାରିଥିଲେ। ଅନ୍ୟତମ ସମ୍ମାନିତ ଅତିଥିଭାବେ ବାଲେଶ୍ୱର ସଦର ବିଧାୟକ ଶ୍ରୀଯୁକ୍ତ ମାନସ କୁମାର ଦତ୍ତ, ପୂର୍ବତନ ମନ୍ତ୍ରୀ ଶ୍ରୀଯୁକ୍ତ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଓ ଶ୍ରୀଯୁକ୍ତ ରଘୁନାଥ ମହାନ୍ତି, ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ଜୀବନ ପ୍ରଦୀପ ଦାଶ, ଶ୍ରୀଯୁକ୍ତ ସୁକାନ୍ତ ନାୟକ, ଶ୍ରୀଯୁକ୍ତ ପ୍ରଦୀପ୍ତ ପଣ୍ଡା, ଶ୍ରୀଯୁକ୍ତ ଚିତ୍ତରଂଜନ ଷଡ଼ଙ୍ଗୀ, ଶ୍ରୀଯୁକ୍ତ ସୁରେନ୍ଦ୍ର ପ୍ରମାଣିକ, ଶ୍ରୀଯୁକ୍ତ ସୁଧାଂଶୁ ଶେଖର ପରିଡ଼ା, ଶ୍ରୀଯୁକ୍ତ ସୁଦର୍ଶନ ଜେନା ଯୋଗଦେଇ ଡ. ଶ୍ୟାମସୁନ୍ଦର ମହାପାତ୍ରଙ୍କ ବହୁମୁଖୀ ପ୍ରତିଭା ଓ ସୁଦକ୍ଷ ରାଜନୈତିକ କାର୍ଯ୍ୟାବଳୀ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲେଶ୍ୱର ଜିଲ୍ଲା ପରିଷଦ ସଭାପତି ଶ୍ରୀଯୁକ୍ତ ନାରାୟଣ ଚନ୍ଦ୍ର ପ୍ରଧାନ, ବାଲେଶ୍ୱର ପୌରାଧ୍ୟକ୍ଷ ଶ୍ରୀମତୀ ସବିତା ସାହୁ, ରେମୁଣା ପଞ୍ଚାୟତ ସମିତି ଅଧକ୍ଷ ଶ୍ରୀ ରାଜେନ୍ଦ୍ର ରାଉତ, ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷ ଗିରୀଶ ଚନ୍ଦ୍ର ଦାଶ, ବରିଷ୍ଠ ସାମ୍ବାଦିକ କୁଳମଣି ବାରିକ, ଶ୍ରୀ ଉମାକାନ୍ତ ମହାପାତ୍ର, ଫକୀରମୋହନ ସାହିତ୍ୟ ପରିଷଦର ପୂର୍ବତନ ସଭାପତି ଡ. ହରିଶ୍ଚନ୍ଦ୍ର ବେହେରା ଓ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ବରିଷ୍ଠ ଆଇନଜୀବୀ କରୁଣାକର ରଥ, ମୀର ଅବଦୁଲ ମଜିଦ୍, ଜୀତେନ୍ଦ୍ର ଉପାଧ୍ୟାୟ, ପ୍ରଫେସର ଆଶୀଷ କୁମାର ଦାସ, ପୂର୍ବତନ କାଉନସିଲର ସୁଜିତ୍ ଦେବ, ତୁଷାରକାନ୍ତି ମହାପାତ୍ର ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ଡ. ମହାପାତ୍ରଙ୍କର ଜୀବନାଦର୍ଶ, ରାଜନୈତିକ ଜୀବନ ଓ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟ ସଂପର୍କରେ ବର୍ଣ୍ଣନା କରିଥିଲେ। ସ୍ୱର୍ଗତ ମହାପାତ୍ରଙ୍କ ଜ୍ୟେଷ୍ଠପୁତ୍ର ତଥା ବିଶିଷ୍ଟ ରାଜନେତା ଶ୍ରୀ ଶୁଭଙ୍କର ମହାପାତ୍ରଙ୍କ ଦ୍ୱାରା ଏହି ପ୍ରତିମୂର୍ତ୍ତି ସ୍ଥାପନ କରାଯିବା ପାଇଁ ବହୁତ ଦିନରୁ ଉଦ୍ୟମ କରାଯାଇଥିଲାବେଳେ ସରକାରଙ୍କ ପକ୍ଷରୁ ଏବେ ଆବଶ୍ୟକୀୟ ଜମି ଯୋଗାଇ ଦିଆଯାଇଥିବାରୁ ଏହା ସମ୍ଭବ ହୋଇପାରିଛି ବୋଲି ଉଲ୍ଲେଖ କରିବା ସଙ୍ଗେସଙ୍ଗେ ସଂପୃକ୍ତ ସମସ୍ତ ନିର୍ବାଚିତ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀମାନଙ୍କୁ କୃତଜ୍ଞତା ଜଣାଇଥିଲେ। ବହୁତ କମ୍ ଦିନରେ ଏହି ପ୍ରତିମୂର୍ତ୍ତି ନିର୍ମାଣ, ସ୍ଥାପନ ଓ ଉନ୍ମୋଚନ ହୋଇପାରିଛି ବୋଲି ସେ ଉଲ୍ଲେଖ କରିବା ସହିତ ଡ. ଶ୍ୟାମସୁନ୍ଦର ମହାପାତ୍ର ସ୍ମୃତି କମିଟି ପକ୍ଷରୁ ଆଗାମୀ ଦିନରେ ଗ୍ରହଣ କରାଯିବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ଅବସରରେ ପ୍ରତିମୂର୍ତ୍ତି ଉନ୍ମୋଚନ ପୂର୍ବରୁ ସେଠାରେ ପୂଜାର୍ଚ୍ଚନା, ପ୍ରତିମୂର୍ତ୍ତି ଶୋଧନ, ବେଦପାଠ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହା ଡ. କ୍ଷିତୀଶ୍ୱର ଦାଶ ଓ ଉପସ୍ଥିତ ଡ. ଶ୍ୟାମସୁନ୍ଦର ମହାପାତ୍ରଙ୍କ ପରିବାର ସଦସ୍ୟମାନଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିପି ଶ୍ରୀ ଲମ୍ବୋଦର ନାୟକ, ପୂର୍ବତନ ନଗରପାଳ ଶ୍ରୀ ଆଲୋକ ସାହୁ, ଶ୍ରୀ ହରେନ୍ ଚନ୍ଦ୍ର ରଣା, ଡ. କମଳାକାନ୍ତ ଆଚାର୍ଯ୍ୟ, ଡ. ରାଧାରଂଜନ ପଟ୍ଟନାୟକ, ଡ. ଶିରୀଶ ଚନ୍ଦ୍ର ଜେନା, ଶ୍ରୀ ଭଗବାନ ଗୁପ୍ତା, ରୋଟାରୀଆନ୍ ସୁବ୍ରତ କର, ଆଇନଜୀବୀ ପ୍ରଭାକର ସାହୁ, ପୂର୍ବତନ ଜିପି ଅଶୋକ ସେନାପତି, ଶ୍ରୀ ବିଭୂପଦ ଦାସ, ସୁଶ୍ରୀ ଅର୍ଚ୍ଚନା ନନ୍ଦୀ, ପ୍ରଫୁଲ୍ଲ କୁମାର ଦାସ, ସୁଷମା ବିଶ୍ୱାଳ, ସିପ୍ରାରେଖା ମହାପାତ୍ର, ଶ୍ରଦ୍ଧାଞ୍ଜଳି ରାୟ, କମଳା ବିନ୍ଧାଣୀ, ଜ୍ୟୋସ୍ନା ସେନାପତି, ପ୍ରତିମା ପଣ୍ଡା, ପଦାରବିନ୍ଦ ମହାପାତ୍ର, ସଂଯୁକ୍ତା ମହାପାତ୍ର, ଶ୍ରୀନିବାସ ପ୍ରଧାନ, ଗୌରାଙ୍ଗ ଚରଣ ଦାସ, ଚନ୍ଦ୍ରବିନ୍ଦୁ ଦାସ, ଅନିମା ଜେନା, କମଳାକାନ୍ତ ଦାଶ, ବନମାଳୀ ନାୟକ, ନିରଞ୍ଜନ ପରିଡ଼ା, ପ୍ରଭୁଦୟାଲ୍ ରାମ, ଡ. କେଶବ ଚରଣ ପଣ୍ଡା, ସମରେନ୍ଦ୍ର ଦାସ, ପ୍ରଶାନ୍ତ କୁମାର ପାଢ଼ୀ, ସୁକାନ୍ତି ଦେବଗୋସ୍ୱାମୀ, ମିନତୀ କର, ଜୟରାମ ଜେନା, ସସ୍ମିତା ଚାନ୍ଦ, ପିଙ୍କି ପ୍ରଧାନ, ଗୀତାଞ୍ଜଳି ସିଂହ, ସନ୍ଦୀପ ସିଂହବାବୁ, ଚିତ୍ତରଞ୍ଜନ ପଣ୍ଡା, ରାଧା ଦାସ (କାଉନସିଲର), ପୂର୍ବତନ କାଉନସିଲର ସଂଜୀବ ଚକ୍ରବର୍ତ୍ତୀ, ରଜନୀ ଶତପଥୀ, ଡ. ସୁସ୍ମିତା କର, ଆଇନଜୀବୀ ନୃସିଂହ ପଟ୍ଟନାୟକ, ସତ୍ୟଜିତ୍ ମିଶ୍ର, ସୂର୍ଯ୍ୟକାନ୍ତ କର, ଡାକ୍ତର ତାରାକାନ୍ତ ନନ୍ଦ, ରମେଶ ଜେନା ପ୍ରମୁଖ ବିଶିଷ୍ଟ ବ୍ୟକ୍ତି ଏହି ଉନ୍ମୋଚନ ଉତ୍ସବରେ ଉପସ୍ଥିତ ଥିଲେ। ଶେଷରେ ଯୁଗଶ୍ରୀ ଟ୍ରଷ୍ଟର ଅଧକ୍ଷ ଶ୍ରୀମତୀ ମମତା ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମେଡିକେୟାର ଡାଇଗ୍ନୋଷ୍ଟିକର ଗୌରବମୟ ନବମ ବର୍ଷ ପୂର୍ତ୍ତି



ବାଲିଆପାଳ, ୨୫/୧ (ନି.ପ୍ର): ମେଡିକେୟାର ଡାଇଗ୍ନୋଷ୍ଟିକ୍ ତାହାର ଗୌରବମୟ ନବମ ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ ଭବ୍ୟ ଓ ମର୍ଯ୍ୟାଦାପୂର୍ଣ୍ଣ ସଭାର ଆୟୋଜନ କରିଥିଲା। ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ମେଡିକେୟାରର ନିରନ୍ତର ସେବା, ସଠିକ୍ ନିର୍ଣ୍ଣୟ ଓ ବିଶ୍ୱସନୀୟତାର ଉତ୍କୃଷ୍ଟ ଉଦାହରଣ ଏହି ସଭା ମାଧ୍ୟମରେ ପୁନର୍ବାର ପ୍ରତିଫଳିତ ହୋଇଥିଲା।ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବ୍ଲଡ଼ ବ୍ୟାଙ୍କ ଅଫିସର ଡାକ୍ତର ବସନ୍ତ ଉପାଧ୍ୟାୟ, , ମୁଖ୍ୟ ଚିକିତ୍ସାଳୟ, ବାଲେଶ୍ୱର; ମୁଖ୍ୟ ବକ୍ତା ଭାବେ ଡାକ୍ତର ସଞ୍ଜିବ କୁମାର ପ୍ରଧାନ ଏବଂ ସମ୍ମାନିତ ଅତିଥି ଭାବେ ଡାକ୍ତର ବିରେଞ୍ଚି ନାରାୟଣ ମହାନ୍ତି, ମେଡିକେୟାର ଡାଇଗ୍ନୋଷ୍ଟିକ୍, ସୈରଭ କୁମାର ଗିରି, ଇଝୃଝୃଝ. ପ୍ରଫେସର କିଟ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ଏବଂ ରୋଟାରିଆନ ନିରଞ୍ଜନ ମହାନ୍ତି, ପୂର୍ବତନ ସଭାପତି, ରୋଟାରୀ କ୍ଲବ ବାଲେଶ୍ୱର ସେଣ୍ଟ୍ରାଲ କ୍ଲବ ମଞ୍ଚାସୀନ ହୋଇ ସଭାକୁ ଗରିମାମୟ କରିଥିଲେସମସ୍ତ ଅତିଥିମାନେ ନିଜ ନିଜ ବକ୍ତବ୍ୟ ମାଧ୍ୟମରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ମେଡିକେୟାର ଡାଇଗ୍ନୋଷ୍ଟିକ୍ର ଅମୂଲ୍ୟ ଅବଦାନ, ନିଷ୍ଠାପୂର୍ଣ୍ଣ ସେବା ଓ ସଠିକ୍ ଡାଇଗ୍ନୋଷ୍ଟିକ୍ ପ୍ରଣାଳୀ ଦ୍ୱାରା ସାରା ଓଡ଼ିଶାରେ ଯେଉଁ ସୁନାମ ଓ ଖ୍ୟାତି ଅର୍ଜନ କରିଛି, ସେଥିପାଇଁ ଉଚ୍ଚ ପ୍ରଶଂସା କରିଥିଲେ। ସଭାର ଆରମ୍ଭରେ ମେଡିକେୟାର ଡାଇଗ୍ନୋଷ୍ଟିକ୍ର ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ ଶ୍ରୀ ଅଶ୍ୱିନୀ କୁମାର ଗିରି ବାର୍ଷିକ କାର୍ଯ୍ୟବିବରଣୀ ପାଠ କରିବା ସହିତ ଉପସ୍ଥିତ ଅତିଥିମାନଙ୍କର ସୁନ୍ଦର ପରିଚୟ ପ୍ରଦାନ କରିଥିଲେ। ସଭାରେ ଅନେକ ବିଶିଷ୍ଟ ଓ ଗଣ୍ୟମାନ୍ୟ ବ୍ୟକ୍ତିବର୍ଗ ଉପସ୍ଥିତ ରହି ନିଜ ମୂଲ୍ୟବାନ ମତାମତ ପ୍ରଦାନ କରି ସଭାକୁ ସଫଳ କରିଥିଲେ।ସଭାର ସର୍ବଶେଷ ପର୍ଯ୍ୟାୟରେ ମେଡିକେୟାର ଡାଇଗ୍ନୋଷ୍ଟିକ୍ର ପକ୍ଷରୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା। ସମ୍ପୂର୍ଣ୍ଣ ସଭାକାର୍ଯ୍ୟ ଏବଂ ମଞ୍ଚ ପରିଚାଳନା ଶିକ୍ଷାବିଦ ସତ୍ୟମ କୁମାର ମିଶ୍ରଙ୍କ ଦ୍ୱାରା ଅତ୍ୟନ୍ତ ସୁଚାରୁ, ସୁନିୟୋଜିତ ଓ ସୁନ୍ଦର ଭାବେ ପରିଚାଳିତ ହୋଇଥିଲା। ସମ୍ପୂର୍ଣ୍ଣ ସଭାକାର୍ଯ୍ୟ ସୁଚାରୁ ଓ ସୁନ୍ଦର ଭାବେ ପରିଚାଳନା ପାଇଁ ସମୀର ଘୋଷ, ସାରସ୍ୱତ ସାହୁ, ତପନ ସିଂ, ବି.ସି. ସୁର, ଅରୁଣ କୁମାର ଗିରି ଏବଂ ମେଡିକେୟାର ଡାଇଗ୍ନୋଷ୍ଟିକ୍ର ସମସ୍ତ କର୍ମଚାରୀବୃନ୍ଦ ଅମୂଲ୍ୟ ସହଯୋଗ ପ୍ରଦାନ କରିଥିଲେ।

## ନିର୍ଦ୍ଧାରିତ ସମୟରେ ହେବ ପଂଚାୟତ ନିର୍ବାଚନ

ଭୁବନେଶ୍ୱର, ୨୫/୧ (ନି.ପ୍ର): ନିର୍ଦ୍ଧାରିତ ସମୟ ରେ ହେବ ପଂଚାୟତ ନିର୍ବାଚନ । ୫ବର୍ଷ କାର୍ଯ୍ୟକାଳ ସରିଲେ ପଂଚାୟତ ନିର୍ବାଚନ ହେବ ବୋଲି ସୂଚନା ଦେଇଛନ୍ତି ରାଜ୍ୟ ନିର୍ବାଚନ କମିଶନର ମଧୁସୂଧନ ପାଢ଼ୀ । ସେ କହିଛନ୍ତି ସମୟ ଆସିଲେ ପଂଚାୟତ ନିର୍ବାଚନ ନେଇ ନିଷ୍ପତି ହେବ । ପଂଚୟତ ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ସବଡ଼ିଭିଜନ ସ୍ତରରେ ଆରମ୍ଭ ପ୍ରସ୍ତୁତି ହୋଇଛି । ୧୦ ଦିନ ଭିତରେ ଜିଲ୍ଲପାଳଙ୍କ ସହ ବୈଠକ ହୋଇଛି ।

# ଚାରିଦିନ ଧରି ମଞ୍ଜେଶ୍ୱର ଶିବ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଆଜି ଶୁଭାରମ୍ଭ

ବୈଶିଙ୍ଗା, ୨୫/୧ (ନି.ପ୍ର): ବୈଶିଙ୍ଗା ଗ୍ରାମ ପଞ୍ଚାୟତ ଅଧିନ ଦୁର୍ଗାପୁର ଗ୍ରାମରେ ବାବା ମଞ୍ଜେଶ୍ୱର ମହାଦେବଙ୍କ ନୂତନ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଆଜି ଆରମ୍ଭ ହୋଇ ଥିବାର ଜଣାଯାଇଛି । ଚାରି ବେଦର ନିମନ୍ତ୍ରିତ ବେଦଜ୍ଞ ବ୍ରାହ୍ମଣମାନେ ଶନିବାର ଉପନୀତ ହେବା ପରେ ଯଜ୍ଞ ପାଇଁ ଅଧିବାସ ଓ ମଙ୍ଗଳାରୋପଣ କରାଯାଇଥିଲା । ସନ୍ଧ୍ୟାରେ ପ୍ରବଚକ ପଣ୍ଡିତ ପର୍ଶୁରାମ ମିଶ୍ର ଯୋଗ ଦେଇ ଉପସ୍ଥିତ ଶ୍ରଦ୍ଧାଳୁମାନଙ୍କୁ ପ୍ରବଚନ ମାଧ୍ୟମରେ ଶାନ୍ତିର ବାର୍ତ୍ତା ଶୁଣାଇଥିଲେ । ୨୫ ତାରିଖ ରବିବାର ଦିନ ପଦ୍ମପୁର ଜଗନ୍ନାଥ ମନ୍ଦିର ନିକଟ ପୁଷ୍କରିଣୀ ରୁ ଘଟୋତ୍ତଳନ କରାଯାଇ ମନ୍ଦିର ସ୍ଥଳୀକୁ ଶୋଭାଯାତ୍ରାରେ ନିଆଯିବା ପରେ ଯଜ୍ଞାରମ୍ଭ ଓ ଅଷ୍ଟମ ପ୍ରହରୀ ନାମଯଜ୍ଞ ଆରମ୍ଭ କରାଯିବ । ସନ୍ଧ୍ୟାରେ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ଜ୍ଞାନଯଜ୍ଞ ମାଧ୍ୟମରେ ସାଂସାରିକ ଜୀବନର ତତ୍ତ୍ୱ ବଖାଣିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି । ୨୬ ତାରିଖ ସୋମବାର ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା କାର୍ଯ୍ୟକ୍ରମ କରାଯାଇ ସନ୍ଧ୍ୟାରେ ପ୍ରବଚକ ଦୀନବନ୍ଧୁ ସାମଲ ପ୍ରବଚନ ପ୍ରଦାନ କରିବେ । ୨୭ ତାରିଖ ମଙ୍ଗଳବାର ବେଶ ଅଭିଷେକ ସହିତ ସାର୍ବଜନୀନ ପୂଜା ଏବଂ ପରେ ପୂର୍ଣ୍ଣାହୁତୀ କରାଯିବ । ଏହି ମହତ କାର୍ଯ୍ୟରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁମାନେ ଯୋଗ ଦେବା ପାଇଁ ଦୁର୍ଗାପୁର ଗ୍ରାମବାସୀ ବୃନ୍ଦ ନିବେଦନ କରିଛନ୍ତି ।

# ମହାନ୍ ବିପ୍ଳବୀ ବକ୍ସି ଜଗବନ୍ଧୁଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ ପାଳିତ

ଖୋର୍ଦ୍ଧା, ୨୫/୧ (ନି.ପ୍ର): ଓଡ଼ିଶା ସରକାର ସୂଚନା ଓ ଲୋକସଂପର୍କ ବିଭାଗ ଏବଂ ଜିଲ୍ଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ଆଜି ପୂର୍ବାହ୍ନରେ ବକ୍ସି ଜଗବନ୍ଧୁଙ୍କ ରାଜ୍ୟ ସ୍ତରୀୟ ଶ୍ରାଦ୍ଧ ଦିବସ - ୨୦୨୬ ସ୍ଥାନୀୟ ପୌର ପରିଷଦ ଟାଉନ୍ ହଲ୍, ଖୋର୍ଦ୍ଧା ଠାରେ ପାଳିତ ହୋଇ ଯାଇଛି । ଖୋର୍ଦ୍ଧା ଗଡକୁ ଇଂରେଜ ମାନଙ୍କ କବଳରୁ ସୁରକ୍ଷା ଦେବା ବକ୍ସି ଙ୍କ ବିରତ୍ୱ ଥିଲା । ବକ୍ସି ଜଗବନ୍ଧୁଙ୍କ ଇତିହାସ ସମଗ୍ର ଇତିହାସକୁ ପ୍ରଭାବିତ କରୁଛି । ଓଡ଼ିଆ ଜାତିର ସଂଗ୍ରାମ କୁ ନେଇ ସର୍ବଭାରତୀୟ ସ୍ତରରେ ପରି ପ୍ରକାଶ କରିବା ଉଚିତ୍ । ସଂଗ୍ରାମୀ ଇତିହାସର ବୀର ମାନଙ୍କର ଇତିହାସକୁ ଆଗାମୀ ପିଢ଼ି ଜାଣିବାର ଅଛି । ଯେଉଁ ମାଟିର ଇତିହାସ ଯେତେ ଚର୍ଚ୍ଚିତ ହେବ ସେ ଜାତିର ସେତେ ବିକାଶ ହେବ । ଏଣୁ ନିଜ ମାଟିର ଇତିହାସକୁ ଚିହ୍ନିବାକୁ ହେଲେ ବକ୍ସି ଜଗବନ୍ଧୁ,ପିଣ୍ଡିକି ବାହୁ ବଳେନ୍ଦ୍ର , ମାଧବ ଚନ୍ଦ୍ର ରାଉତରାୟ, ଜୟୀ ରାଜଗୁରୁ, କୃତିବାସ ପାଟ୍ଟଶାଣୀ ଭଳି ସ୍ୱାଧୀନତା ବୀର ଯୋଦ୍ଧା ସଂଗ୍ରାମୀ ମାନଙ୍କର ଛାତ୍ର ଛାତ୍ରୀ ମାନେ ସେମାନଙ୍କ ଜିବନୀ ଦର୍ଶନ ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନରେ ଜଣେ ଜଣେ ବିନ୍ଧାଣି ହେବାକୁ ମାନ୍ୟବର ମନ୍ତ୍ରୀ ଆଇନ, ପୂର୍ତ୍ତ ଓ ଅବକାରୀ, ଓଡ଼ିଶା ସରକାର ଶ୍ରୀଯୁକ୍ତ ପୃଥ୍ୱୀ ରାଜ ହରିଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆହ୍ୱାନ ଦେଇଛନ୍ତି । ଏହି ଅବସରରେ ମୁଖ୍ୟ ଅତିଥି ମାନ୍ୟବର ମନ୍ତ୍ରୀ ଜାତିର ବରଣ୍ୟ ମହାନ ଯୋଦ୍ଧାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ସମାରୋହର ସଭାପତି ଜିଲ୍ଲାପାଳ ଶ୍ରୀ ଅମ୍ରିତ୍ ଋତୁରାଜ ସ୍ୱାଗତ ଭାଷଣ ଦେବା ପୂର୍ବକ ନିଜ ସଭାପତି ଅଭିଭାଷଣରେ କହିଥିଲେ ଖୋର୍ଦ୍ଧାରେ ପ୍ରଥମ ପାଇକ ବିଦ୍ରୋହ ସ୍ୱାଧିନତା ସଂଗ୍ରାମକୁ ତେଜିଆନ କରିଥିଲା । ମହାନ୍ ସଂଗ୍ରାମୀ ବକ୍ସି ଜମି,ମାଟି ପାଇଁ ଲଢେଇରେ ମୁଖ୍ୟ ପୁରୋଧା ଥିଲେ । ଖୋର୍ଦ୍ଧା ମାଟିର ଇତିହାସ ଅନନ୍ୟ । ଏଣୁ ଛାତ୍ର ଛାତ୍ରୀ ମାନେ ଇତିହାସ ପଢ଼ି ଏଭଳି ମହାମନିଷୀ ମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ରାଷ୍ଟ୍ର ନିର୍ମାଣରେ ଆଗକୁ ବଢନ୍ତୁ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ମାନ୍ୟବର ବିଧାୟକ ଖୋର୍ଦ୍ଧା ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ଜଗଦେବ ଯୋଗଦେଇ କହିଲେ ବକ୍ସି ଙ୍କ ସହୀଦ ଦିବସର ମହତ୍ତ୍ୱ ଓ ଗୁରୁତ୍ୱ ବୁଝିବାର ଅଛି । ଆଉ ଦୁଇ ବର୍ଷରେ ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ରଙ୍କ ୨୦୦ବର୍ଷ ଶ୍ରାଦ୍ଧ ବାର୍ଷିକୀ ପୂର୍ତ୍ତି ପାଳନ ହେବ । ଏଣୁ ତାଙ୍କର ତ୍ୟାଗ ଓ ଆଦର୍ଶ ଏ ଜାତି ପାଇଁ ପ୍ରେରଣାଦାୟୀ ହେବ ବୋଲି ଅଭିଭାଷଣ ରଖିଥିଲେ । ସେହିପରି ସମ୍ମାନିତ ଅତିଥି ଭାବେ ମାନ୍ୟବର, ବିଧାୟକ, ବେଗୁନିଆ ଶ୍ରୀଯୁକ୍ତ ପ୍ରଦୀପ କୁମାର ସାହୁ, ଜିଲ୍ଲା ପରିଷଦ ସଭାପତି ଶ୍ରୀମତୀ ରୂପଶ୍ରୀ ରାଣୀ ଗୁମାନ ସିଂହ, ଜିଲ୍ଲା ପରିଷଦ ଉପ ସଭାପତି ଶ୍ରୀ ଗୋପୀନାଥ ମହାରଣା, ପୌର ପରିଷଦ, ଖୋର୍ଦ୍ଧା, ଅଧକ୍ଷା ଶ୍ରୀମତୀ କନକ ଲକ୍ଷ୍ମୀ ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା, ଉପଜିଲ୍ଲାପାଳ ଶ୍ରୀ ସଂକଳ୍ପ ସ୍ୱସ୍ତିକ ସାହୁ, ଜିଲ୍ଲା ସୁଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ଯୋଗଦେଇ ବକ୍ସି ଙ୍କ ଜୀବନୀ ଉପରେ ଆଲୋକ ପାତ କରିଥିଲେ । ଦିବସ ଉପଲକ୍ଷେ ଉଚ୍ଚ ବିଦ୍ୟାଳୟ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବକ୍ସି ଙ୍କ ଜୀବନୀ ଉପରେ ଓଡ଼ିଆ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ସଂଗ୍ରାମ ପୁହାଣ,ଶୁଲଗ୍ନା ପଟ୍ଟନାୟକ ଓ ସ୍ୱାଗତିକା ସ୍ୱାଇଁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବାରୁ ମାନପତ୍ର ଓ ଟ୍ରଫି ଦେଇ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ ।

# ପୂର୍ବତନ ବିଧାୟକ ସ୍ୱର୍ଗତଃ ଜୟନାରାୟଣ ମହାନ୍ତି ଶ୍ରାଦ୍ଧ ବାର୍ଷିକୀରେ ସ୍ମୃତି ଚାରଣ ସଭା

ଜଳେଶ୍ୱର , ୨୫/୧ (ନି.ପ୍ର): ଜଳେଶ୍ୱର ପୌରପାଳିକା ର ନୁଆବଜାର ସ୍ଥିତ ମୂରଲୀ କଲ୍ୟାଣ ମଣ୍ଡପ ରେ ରବିବାର ସକାଳ ୧୦ ଘଟିକା ସମୟ ରେ ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ର ପୂର୍ବତନ ବିଧାୟକ ସ୍ୱର୍ଗତଃ ଜୟନାରାୟଣ ମହାନ୍ତି ଙ୍କ ଶ୍ରାଦ୍ଧ ବାର୍ଷିକୀ ରେ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଯାଉଛି। ଏହି ବୈଠକ ରେ ସିଦ୍ଧାର୍ଥ ଶଙ୍କର ପାଲ ଅଧକ୍ଷତା କରିଥିଲେ। ଅତିଥି ଭାବେ ଉପସ୍ଥିତ ଥିଲେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର୍ ପାତ୍ର, ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ଏବଂ ବାସୁଦେବପୁର ବିଧାୟକ ଅଶୋକ ଦାସ, ଭଦ୍ରକ ପ୍ରାକ୍ତନ ସଂସଦ ଅନନ୍ତ ପ୍ରସାଦ ସେଠୀ,ପୂର୍ବତନ ବିଧାୟକ ଦେବୀ ପ୍ରଶନ୍ନ ଚାନ୍ଦ, ଜିଲ୍ଲା କଂଗ୍ରେସ ପୂର୍ବତନ ସଭାପତି ସଂଜୀବ ଗିରି, ମହାନଦୀ ବଞ୍ଚାଅ ଆବାହକ ସୁଦର୍ଶନ ଦାସ, ବରିଷ୍ଠ ଆଇଜୀବୀ ସତ୍ୟ ସୁନ୍ଦର୍ ଦାସ, ଅନିଲ କୁମାର ପରିଡା, ଶୈଳବାଳା ମହାନ୍ତି, ସତ୍ୟନାରାୟଣ ଗୁପ୍ତା, ଜୟସ୍ମିତା ମହାନ୍ତି ଉପସ୍ଥିତ ରହି ପୂର୍ବତନ ବିଧାୟକ ସ୍ୱର୍ଗତଃ ଜୟ ନାରାୟଣ ମହାନ୍ତି ଙ୍କ ଦ୍ୱାରା ସମାପନ ହୋଇଥିବା ବହୁ ଉନ୍ନତି ମୂଳକ କାର୍ଯ୍ୟ ର ବିଷୟରେ ସ୍ମୃତି ବଖାଣି ଥିଲେ। ଏହି ସ୍ମୃତି ଚାରଣ ସଭା ରେ ରାଜୀବ ପରିଡା, ଗିରିଜା ଶଙ୍କର ଦାସ , ଶୁଶାନ୍ତ ସେଠୀ ସହିତ ବହୁ କର୍ମୀ ଉପସ୍ଥିତ ଥିଲେ।

# ବାଲେଶ୍ୱର ଶ୍ରୀକଣ୍ଠପୁର ଡେଭଲପମେଣ୍ଟ କମିଟି ଦ୍ୱାରା ଅଷ୍ଟପ୍ରହରୀ ନାମଯଜ୍ଞ ମହାସମାରୋହରେ ପାଳିତ

ବାଲେଶ୍ୱର, ୨୫/୧ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ଶ୍ରୀକଣ୍ଠପୁର ରେ ଡେଭଲପମେଣ୍ଟ କମିଟି ଦ୍ୱାରା ଅଷ୍ଟପ୍ରହରୀ ନାମ ଯଜ୍ଞ ୨୩ ତାରିଖରୁ ଆରମ୍ଭ ହୋଇ ୨୫ ତାରିଖ ରେ ଶେଷ ହୋଇଛି । ଅଷ୍ଟମ ପ୍ରହରୀ ନାମ ଯଜ୍ଞ ୨୦୧୧ ମସିହାରୁ ଆରମ୍ଭ ହୋଇ ଆସୁଛି । କମିଟିର ସାଧାରଣ ସମ୍ପାଦକ ଅଟଳ ବିହାରି ଦାସ, ଉପସଭାପତି ପ୍ରଭାତ କୁମାର ଜେନା, ସମ୍ପାଦକ ସତ୍ୟ ରଞ୍ଜନ ରାଉତ ଉପଦେଷ୍ଟା ଯୁଧିଷ୍ଠିର ନାୟକ, କୋଷାଧକ୍ଷ ଅରୁଣ କୁମାର ବାରିକ , ଉପ କୋଷାଧକ୍ଷ ବସନ୍ତ କୁମାର ମହାନ୍ତି ନେତୃତ୍ୱରେ ସାଇ ମନ୍ଦିର ପ୍ରାଙ୍ଗଣରେ ୨୩ ତାରିଖରେ କଳସ ଯାତ୍ରା ବାହାରି ନଗର ପରିକ୍ରମା କରି ଘଟ ବୁଡ଼ାଇ ଯଜ୍ଞ ସ୍ଥଳରେ ଘଟ ସ୍ଥାପନ କରିଥିଲେ । ୩ ଦିନ ବ୍ୟାପୀ ନାମ , ଯଜ୍ଞ , ହୋମ , ହରିସଙ୍କିର୍ତନ୍ ହୋଇଥିଲା । ଅନୁଷ୍ଠାନର ୩ ଦିନ ବ୍ୟାପୀ ପ୍ରସାଦ ସେବନ ଦିନ ଓ ରାତିରେ ବ୍ୟବସ୍ଥା ହୋଇଥିଲା । ୨୫ ତାରିଖରେ ହରିନମ ଶେଷ ହୋଇଥିଲା। ସଭାପତି ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ଶ୍ରୀ କଣ୍ଠପୂର ପ୍ରତ୍ୟେକ ଜନସାଧାରଣ ଉନ୍ନତି ମଙ୍ଗଳ କାମନା ସଙ୍ଗେ ସଙ୍ଗେ ବାଲେଶ୍ୱର ମଙ୍ଗଳ ହେବ ଓ ଧର୍ମ ସଂସ୍କୃତି , ସନାତନ ଧର୍ମ ଉଦ୍ ଜୀବିତ ହୋଇ ରହିବ ବୋଲି ଏହି ଅଷ୍ଟମ ପ୍ରହରୀ ଓ ନାମ ଯଜ୍ଞ ର ଉଦ୍ଦେଶ୍ୟ ଥିଲା ବୋଲି କହିଥିଲେ। ଶ୍ରୀ କଣ୍ଠପୁର ରେ ପ୍ରେତ୍ୟେକ୍ ଜନସାଧାରଣ ଏକତ୍ରିତ ହୋଇ ଏହି କାର୍ଯ୍ୟ କ୍ରମକୁ ୩ ଦିନ ବ୍ୟାପୀ ଉପଭୋଗ କରୁଥିଲେ । ଏହି କାର୍ଯ୍ୟ କ୍ରମକୁ ସିଦ୍ଧେଶ୍ୱର ସାହୁ , ଅଜୟ କୁମାର ଷଡଙ୍ଗୀ , ଅରବିନ୍ଦ ବାରିକ , ଗଣେଶ ନାରାୟଣ ପ୍ରହରାଜ , ଜୟ କୃଷ୍ଣ ବେହେରା , ଗୌରାଙ୍ଗ ପୃଷ୍ଟି , ବିଜୟ କୁମାର ରାଉତ , ନିହାର ସେନାପତି , ଶରତ ଚନ୍ଦ୍ର ମହାପାତ୍ର , ସତ୍ୟବ୍ରତ ମିଶ୍ର , ଯଗେଶ୍ୱର ପ୍ରଧାନ , ଜ୍ଞାନ ରଞ୍ଜନ ଜେନା , ରମାକାନ୍ତ ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ମା' ତାରିଣୀ ମନ୍ଦିରର ତୃତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ



ବାସୁଦେବପୁର, ୨୫/୧ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଚୂଡ଼ାମଣି ତଳସାହି ଠାରେ ମହା ସମାରୋହରେ ମା ତାରିଣୀ ମନ୍ଦିରର ତୃତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ଘଟ ଉତ୍ତୋଳନ, କଳସ ଶୋଭାଯାତ୍ରା, ଯଜ୍ଞ କାର୍ଯ୍ୟ,ପୂର୍ଣ୍ଣାହୁତି, ଚରୁ ବଣ୍ଟନ ପ୍ରଭୃତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିଲା। ଏହି ଉତ୍ସବରେ ବୀଣାପାଣି କଳା ନିକେତନ ଦ୍ୱାରା ପ୍ରାଚୀନ ଓଡ଼ିଶାର ସାଂସ୍କୃତିକ ଲୋକ କଳା ପରିବେଷଣ କରାଯାଇଥିଲା। ଏହି ଉତ୍ସବରେ ଭାରତୀୟ ଜନତା ପାର୍ଟିର ବାସୁଦେବପୁର ବିଧାନ ସଭା ନେତା ବାଣୀ କଲ୍ୟାଣ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ମା ତାରିଣୀ ମନ୍ଦିର କମିଟିର ସଭାପତି ଉତ୍ତମ କୁମାର ମଲ୍ଲିକ, ସମ୍ପାଦକ ଚିନ୍ମୟ କୁମାର ମଲ୍ଲିକ, ଅଭିନେତା ଓ ନିର୍ଦ୍ଦେଶକ ବିଦ୍ୟୁତ୍ ନାୟକ,ସଦସ୍ୟ ରାଜେଶ କୁମାର ମଲ୍ଲିକ, ଅନନ୍ତ ମଲ୍ଲିକ, ସନ୍ତୋଷ ମଲ୍ଲିକ, ଅମୂଲ୍ୟ ମଲ୍ଲିକ, ବୁନ୍ମୟ ମଲ୍ଲିକ, ଜଗନ୍ନାଥ ମଲ୍ଲିକ, ରାହୁଲ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ ଓ ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ। ହଜାର ହଜାର ଭକ୍ତ ପ୍ରସାଦ ସେବନ କରିଥିଲେ। ନୃତ୍ୟ, ସଙ୍ଗୀତ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ପ୍ରତିଭା ମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଜଳେଶ୍ୱର ନିର୍ବାଚନ ମଣ୍ଡଳ ସ୍ତରୀୟ ମିଶ୍ରଣ ପର୍ବ ଓ ବିଶାଳ କାର୍ଯ୍ୟକର୍ତ୍ତା ସମାବେଶ

ଜଳେଶ୍ୱର, ୨୫/୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ମ୍ୟୁନିସିପାଲଟି ଅଧୀନସ୍ଥ ଶାନ୍ତିଆ ଷ୍ଟାଡିୟମ ପରିସରରେ ବିଜେପିର ବିଧାୟକ ପ୍ରାର୍ଥୀ ତଥା ବରିଷ୍ଠ ବିଜେପି ନେତା ବ୍ରଜ ମୋହନ ପ୍ରଧାନଙ୍କ ନେତୃତ୍ୱରେ ଜଳେଶ୍ୱର ନିର୍ବାଚନ ମଣ୍ଡଳ ସ୍ତରୀୟ ମିଶ୍ରଣ ପର୍ବ ଓ ବିଶାଳ କାର୍ଯ୍ୟକର୍ତ୍ତା ସମାବେଶ ଅନୁଷ୍ଠିତ ହୋଇଯାଇଛି। ମତ୍ସ୍ୟ ଓ ପଶୁସମ୍ପଦ ବିଭାଗ ମନ୍ତ୍ରୀ ଗକୁଳା ନନ୍ଦ ମଲ୍ଲିକ ଏହି ମିଶ୍ରଣ ପର୍ବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନ ବିଭାଗ ର ଯୋଜନା ସଂମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲା ବେଳେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଏହି ମହା ମିଶ୍ରଣ ପର୍ବ ଆଗାମୀ ଜଳେଶ୍ୱର ପାଇଁ ଏକ ଶୁଭ ସଙ୍କେତ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ।ଉତ୍ତର ବାଲେଶ୍ୱର ଜିଲ୍ଲା ସଭାପତି ଡ.ପ୍ରଦୀପ କୁମାର ପଣ୍ଡା,ଉତ୍ତର ବାଲେଶ୍ୱର ଜିଲ୍ଲା ପ୍ରଭାରୀ ଉମାକାନ୍ତ ମହାପାତ୍ର,ଭୋଗରାଇ ବ୍ଲକର ବିଜେପିର ବିଧାୟକ ପ୍ରାର୍ଥୀ ଆଶିଷ ପାତ୍ର,ଜିଲ୍ଲା ସଧାରଣ ସମ୍ପାଦିକା ସୁମତି ଦେ, ଜିଲ୍ଲା ସାଧାରଣ ସମ୍ପାଦକ କମଳଲୋଚନ ଦାସ,କାଉନସିଲ ତଥା ନଗର ସଭାପତି ଶିବ ନାରାୟଣ ମହାପାତ୍ର ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।ବିଜେପି ନେତା ଫାଲଗୁନି ପାଣିଗ୍ରାହୀଙ୍କ ସଂଚାଳନରେ ପ୍ରାକ୍ତନ ସମିତି ସଦସ୍ୟ ରାଜେନ୍ଦ୍ର ପାତ୍ର,ଯୁବନେତା କାଳୀଚରଣ ଦାସ,ସରପଂଚ ଜୟକୃଷ୍ଣ ଅଣ୍ଡିଆ,ବିଶ୍ୱ ସ୍ୱରୂପ ଦାସ,କାଉନସିଲର ଚନ୍ଦନ ଦାସ,ତରୁଣ ପଟ୍ଟନାୟକ,ସଞ୍ଜୀବ ସେନାପତି,ମନମୋହନ ଆଚାର୍ଯ୍ୟ,ସରପଞ୍ଚ ଇନ୍ଦିରା କାମିଳା,ବିପ୍ଳବ ପ୍ରଧାନ,ନବୀନ ସାମଲ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ ।ଲକ୍ଷ୍ମଣନାଥ ପଞ୍ଚାୟତର ସମିତି ସଭ୍ୟ ଜିତେନ୍ଦ୍ର ଦାସ,ରୟାରାମଚନ୍ଦ୍ରପୁର ପଞ୍ଚାୟତର ସରପଂଚ ଶୁଭସ୍ମିତା ଦାସ ଏବଂ ତାଙ୍କ ସ୍ୱାମୀ ସମାଜ ସେବୀ ପ୍ରବୀର କୁମାର ଦାସ,ଖୁଲୁଡ଼ା ପଞ୍ଚାୟତର ସରପଂଚ ଜ୍ୟୋତ୍ସ୍ନା ରାଣୀ ସାମଲ,ଆରୁହା ପଞ୍ଚାୟତ ର ସରପଂଚ ତପନୀ ଭୂୟାଁ,ଅଲାଲପୁର ସେବା ସମବାୟ ସମିତିର ସଭାପତି ସଞ୍ଜୀବ ପାତ୍ର,ରୟାରାମଚନ୍ଦ୍ରପୁର ସେବା ସମବାୟ ସମିତିର ସଭାପତି ରଶ୍ମିତା ନନ୍ଦଙ୍କ ସହ ବହୁ ନାଏବ ସରପଞ୍ଚ,ଓ୍ୱାର୍ଡ ସଭ୍ୟ ସଭ୍ୟା,ପ୍ରାକ୍ତନ କାଉନସିଲର ଅନ୍ୟାନ୍ୟ ଦଳର ସଭାପତି,ପ୍ରାକ୍ତନ ସଭାପତି ପ୍ରମୁଖ କଂଗ୍ରେସ ଓ ବିଜେଡି ଦଳ ଛାଡ଼ି ବିଦ୍ଧିବଧ ଭାବେ ଭାରତୀୟ ଜନତା ପାର୍ଟିରେ ଯୋଗ ଦେଇଥିଲେ ।ଜିଲ୍ଲା ସଧାରଣ ସମ୍ପାଦିକା ସୁମତି ଦେ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

ବିଚିତ୍ରା
ଧ୍ୱନି ପ୍ରତିଧ୍ୱନି
୩ ♣ ବାଲେଶ୍ୱର ♣ ସୋମବାର, ୨୬ ଜାନୁଆରୀ ୨୦୨୬

# ଭାରତୀୟ ସମ୍ବିଧାନର ଗଠନ କଥା

ମୋହନ ଚରଣ ବିଷି

ସମ୍ବିଧାନ ଯେ କୌଣସି ଦେଶର ମୂଖ୍ୟ ଆଧାର। ଭାରତ ପାଇଁ ସମ୍ବିଧାନ ପ୍ରଣୟନ ଆହୁରି ଗୁରୁତ୍ୱପୂର୍ଣ୍ଣ ଥିଲା। କାରଣ ପରାଧୀନ ଭାରତ ବର୍ଷରେ ହିଁ ସମ୍ବିଧାନ ପ୍ରଣୟନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସେଥିପାଇଁ ଗଠିତ ହୋଇଥିଲା ସମ୍ବିଧାନ ପ୍ରଣୟନ ସଭା। ସମ୍ବିଧାନ ପ୍ରଣୟନ ସଭାଟି ଭାରତ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସଭା ଥିଲା ଯାହାଦ୍ୱାରା ଭାରତର ପ୍ରଶାସନିକ, ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ଭାଗ୍ୟ ନିର୍ଦ୍ଧାରଣ ହୋଇପାରିଲା । ଏହି ସଭା କାର୍ଯ୍ୟଆରମ୍ଭ କରିବା ପରେ ୧୯୪୬ ମସିହା ଡିସେମ୍ବର ୧୩ ତାରିଖ ଦିନ ପଣ୍ଡିତ ଜବାହରଲାଲ ନେହେରୁ ଆଭିମୁଖ୍ୟ ପ୍ରସ୍ତାବ ଆଗତ କଲେ । ଆଭିମୁଖ୍ୟ ପ୍ରସ୍ତାବଗୁଡ଼ିକ ୧୯୪୭ ମସିହା ଜାନୁୟାରୀ ୨୨ ତାରିଖ ଦିନ ସଭାରେ ଗୃହୀତ ହେଲା । ପ୍ରତ୍ୟେକ ସମ୍ବିଧାନ ପରି ଭାରତ ସମ୍ବିଧାନର ମଧ ଏକ ଦର୍ଶନ ରହିଛି ଯାହା ଏହି ଆଭିମୁଖ୍ୟ ପ୍ରସ୍ତାବଗୁଡ଼ିକରେ ପ୍ରତିଫଳିତ ହୋଇଛି ଏବଂ ସମ୍ବିଧାନର ପ୍ରସ୍ତାବନାରେ ସ୍ଥାନିତ ହୋଇଛି । ସମ୍ବିଧାନ ମଧ୍ୟ ଚାରିଗୋଟି ପ୍ରମୁଖ ବିଚାରଧାରାର ପରିପ୍ରକାଶ ଅଟେ। ସେଗୁଡ଼ିକ ହେଲା–ଉଦାରବାଦୀ ଗଣତନ୍ତ୍ର, ସମାଜବାଦ, ଗାନ୍ଧିବାଦ ଓ ସଂଘବାଦ । ପ୍ରଣୀତ ହେବାକୁ ଥିବା ସମ୍ବିଧାନରେ ଭାରତୀୟ ମାନଙ୍କ ସ୍ୱପ୍ନର ପ୍ରକୃତ ପ୍ରତିଫଳନ ଆଣିବା ପାଇଁ ଓ ସଭ୍ୟମାନଙ୍କ ଉପରେ ନ୍ୟସ୍ତ ନୈତିକ ଦାୟିତ୍ୱର ଏହାଥିଲା ଏକ ସଂକଳ୍ପ । ନାଗରିକମାନଙ୍କ ସଚେତନତା ଓ ସକ୍ରିୟତା ବୃଦ୍ଧି ପାଇଁ ଏହାର ଆଭିମୁଖ୍ୟ ଫଳିତ ହୋଇଛି । ସେହି ପ୍ରତିଫଳନର ମୁଖ୍ୟ ଆଧାର ଗୁଡ଼ିକ ହେଲା:-

(୧) ଭାରତକୁ ଏକ ସ୍ୱାଧୀନ, ସାର୍ବଭୌମ ଓ ସାଧାରଣତନ୍ତ୍ରରେ ପରିଣତ କରାଯିବ ଏବଂ ଶାସନ ପାଇଁ ଏକ ସମ୍ବିଧାନ ପ୍ରଣୟନ କରାଯିବ ।

(୨) ଭାରତୀୟ ପ୍ରଦେଶ ଓ ଭାରତ ସହିତ ମିଶି ରହିବାକୁ ଇଚ୍ଛା କରୁଥିବା ଅଞ୍ଚଳମାନଙ୍କୁ ନେଇ ଶାସନାଧୀନ ଭାରତକୁ ମିଶାଇ ଭାରତ ଏକ ସ୍ୱାଧୀନ ସାର୍ବଭୌମ ରାଷ୍ଟ୍ରସଂଘ ହେବ ।

(୩) ଭାରତ ଶାସନର ସମସ୍ତ କ୍ଷମତା ଭାରତୀୟମାନଙ୍କଠାରୁ ଉଦ୍‌ଭବ ହେବ।

(୪) ଭାରତୀୟମାନଙ୍କୁ ସାମାଜିକ, ଆର୍ଥିକ ଓ ରାଜନୈତିକ ନ୍ୟାୟ, ସୁଯୋଗ, ସ୍ଥିତି ଓ ଆଇନ ଆଗରେ ସମାନତା, ଆଇନ ଓ ନୀତିସାପେକ୍ଷ ଚିନ୍ତା ପ୍ରକାଶନ, ବୃତ୍ତି ବିଶ୍ୱାସ, ସଂଘ, କାର୍ଯ୍ୟ ଓ ଧର୍ମ କ୍ଷେତ୍ରରେ ସ୍ୱାଧୀନ ଦିଆଯିବ ।

(୫) ସଂଖ୍ୟାଲଘୁ, ଦଳିତ, ଅବହେଳିତ ଓ ଆଦିବାସୀମାନଙ୍କ ପାଇଁ ଯଥେଷ୍ଟ ପରିମାଣରେ ନିରାପତ୍ତା ଦିଆଯିବ ।

(୬) ଜଳ, ସ୍ଥଳ ଓ ଆକାଶ ସମେତ ସାଧାରଣତନ୍ତ୍ରର ସୀମାକୁ ସୁସଂହତ ତଥା ସୁରକ୍ଷିତ କରାଯିବ ।

(୭) ରାଷ୍ଟ୍ର ବିଶ୍ୱରେ ତାର ନ୍ୟାଯ୍ୟସ୍ଥାନ ଅଧିକାର କରିବା ସଙ୍ଗେ ସଙ୍ଗେ ମାନବ ଜାତିର କଲ୍ୟାଣ ଓ ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଉଦ୍ୟମ କରିବ ।

(୮) ପୁରାତନ ଭୂମି ଭାରତରେ ଏହା ହେଉଛି ଠିକଣା ସ୍ଥାନ ଯାହା ଗୋଟିଏ ଜାତିର ଗୌରବ ଅଭିବୃଦ୍ଧି ପାଇଁ ଅଭିପ୍ରେତ । ପବିତ୍ର ସ୍ଥାନର ସୁରକ୍ଷା ଦ୍ୱାରା ନୈତିକ ମୂଲ୍ୟବୋଧର ବିକାଶ ମାନବ ଜାତିର କଲ୍ୟାଣ ସାଧନ ହେବ ।

ପଣ୍ଡିତ ନେହେରୁଙ୍କ ମତରେ ଆଭିମୁଖ୍ୟ ପ୍ରସ୍ତାବଗୁଡ଼ିକ ଭାରତୀୟମାନଙ୍କ ପାଇଁ ମୌଳିକ ଲକ୍ଷ୍ୟଗୁଡ଼ିକ ପ୍ରତିଫଳିତ ହୋଇଛି । ଆମର ଭୂଖଣ୍ଡ, ସ୍ଥିତି ଓ ମତାମତ ପାଇଁ କେହି ଆହ୍ୱାନ କରିପାରିବେ ନାହିଁ । ଆଭିମୁଖ୍ୟ ପ୍ରସ୍ତାବଗୁଡ଼ି ଭାରତୀୟମାନଙ୍କ ଦେଶପ୍ରୀତି ଓ ସ୍ୱାଧୀନତାର ପ୍ରତିଫଳନ ।

ସମ୍ବିଧାନର ସମାଲୋଚକଙ୍କ ସଂଖ୍ୟା କମ୍ ନୁହେଁ, ମାତ୍ର ସମାଲୋଚନା ଯେତେବେଳେ ଗଠନମୂଳକ ହୁଏ



ସେତେବେଳେ ଗଣତନ୍ତ୍ର ଅଧିକ ଦୃଢ଼ୀଭୂତ ହୁଏ । ଗଣତନ୍ତ୍ରରେ ସ୍ୱାଧୀନ ମତପୋଷଣ ମାଧ୍ୟମରେ ସମାଲୋଚନା ଆହ୍ୱାନ କରାଯାଏ ।ସମସ୍ତ ସମାଲୋଚନା ସତ୍ତ୍ୱେ ସମ୍ବିଧାନ ପ୍ରଣୟନ ସଭା ଯେ ଏକ ଗୁରୁଦାୟିତ୍ୱ ଠିକଣା ଭାବେ ସମ୍ପାଦନ କରିପାରିଛି ସେକଥା ଅସ୍ୱୀକାର କରିହେବ ନାହିଁ । ସେ ସମୟର ଦେଶପ୍ରେମୀ ନେତୃବର୍ଗଙ୍କର ସଂକୀର୍ଣ୍ଣତା ଓ ହୀନମନ୍ୟତା ନଥିଲା। ଏଥିନିମନ୍ତେ ପଣ୍ଡିତ ନେହେରୁ, ସର୍ଦ୍ଦାର ପଟେଲ ଏବଂ ଡକ୍ଟର ଭୀମରାଓ ଆମ୍ବେଦକର ଚିରସ୍ମରଣୀୟ ହୋଇ ରହିଛନ୍ତି । ଏହାକୁ ଆଧାର କରି ସମ୍ବିଧାନର ପ୍ରସ୍ତାବନା ବା ମୁଖବନ୍ଧ ପ୍ରତିଫଳିତ ହୋଇଛି।

ଭାରତ ସମ୍ବିଧାନର ପ୍ରସ୍ତାବନା ବା ମୁଖବନ୍ଧ ହେଉଛି ସମ୍ବିଧାନର ମୁଖଶାଳା ବା ପ୍ରବେଶ କକ୍ଷ । ସମ୍ବିଧାନର ଆତ୍ମା ବା ପ୍ରାଣସତ୍ତା ସଦୃଶ ଏହା ତାହାର ଭାବ, ନିର୍ଯ୍ୟାସ ଓ ସଂକ୍ଷିପ୍ତସାର ବହନ କରେ । ସମ୍ବିଧାନର ଦର୍ପଣ ସଦୃଶ ଏହା ତାହାର ଆଦର୍ଶ, ଲକ୍ଷ୍ୟ ଓ ଦର୍ଶନକୁ ପ୍ରତିଫଳିତ କରେ । ତାହାର ମଣି ସଦୃଶ ଏହା ତାହାର ଜ୍ୟୋତିକୁ ବିକିରିତ କରେ । ସମ୍ବିଧାନର ଚାବି ରୂପେ ବ୍ୟବହୃତ ହୋଇ ଏହା ତାହାର ଗୁଢ଼ ରସହ୍ୟ ରୂପକ ତାଲାକୁ ଖୋଲିବାରେ ସହାୟକ ହୁଏ । ପ୍ରସ୍ତାବନା ସମ୍ବିଧାନ-ପୁସ୍ତକର ମୁଖବନ୍ଧ ହିସାବରେ ତାହାର ଆଭିମୁଖ୍ୟ ସ୍ପଷ୍ଟ କରେ । ୮୫ଟି ଶବ୍ଦ ବିଶିଷ୍ଟ ଏହାକୁ ମାତ୍ର ଗୋଟିଏ ବାକ୍ୟରେ ପ୍ରତିବେଦନ କରାଯାଇଛି । ଭାରତ ସମ୍ବିଧାନର ପ୍ରସ୍ତାବନା ଜବାହରଲାଲ ନେହେରୁଙ୍କ ଦ୍ୱାରା ଆଗତ ଓ ସମ୍ବିଧାନ ସଭା ଦ୍ୱାରା ୧୯୪୭ ମସିହା ଜାନୁୟାରୀ ୨୨ ତାରିଖରେ ଗୃହୀତ 'ଉଦ୍ଦେଶ୍ୟ ସଂଖ୍ୟା' ର ଆଧାରରେ ପ୍ରସ୍ତୁତ କରାଯାଇଥିଲା । ଏ ପର୍ଯ୍ୟନ୍ତ ସମ୍ବିଧାନର ପ୍ରସ୍ତାବନା ମାତ୍ର ଗୋଟିଏ ଅଳ୍ପ ସଂଶୋଧିତ ହୋଇଛି । ଏହି ସଂଶୋଧନ ୧୯୭୬ ମସିହାରେ ୪୨ତମ ସମ୍ବିଧାନ ସଂଶୋଧନ ଆଇନ ବଳରେ ଏକ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ନେତୃତ୍ୱରେ ପରିଚାଳିତ କଂଗ୍ରେସ ସରକାରଙ୍କ ଉଦ୍ୟମରେ ହୋଇଥିଲା । ଏହାଦ୍ୱାରା ପ୍ରସ୍ତାବନାରେ ପ୍ରଥମଥର ପାଇଁ 'ସମାଜବାଦୀ' 'ଧର୍ମନିରପେକ୍ଷ' ଓ 'ଅଖଣ୍ଡତା' ଶବ୍ଦମାନ ଯୋଡ଼ା ଯାଇଥିଲା । କଡ଼ାକଡ଼ି ଅର୍ଥରେ ପ୍ରସ୍ତାବନା ସମ୍ବିଧାନର ଏକ ଅଂଶ ନୁହେଁ । ମାତ୍ର ୧୯୬୩ ମସିହାରେ କେଶବାନନ୍ଦ ଭାରତୀ ବନାମ କେରଳ ରାଜ୍ୟ ମାମଲାର ରାୟ ପ୍ରକାଶ କାଳରେ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳଣ ତାଙ୍କର ପୂର୍ବମତ ବଦଳାଇ ପ୍ରସ୍ତାବନାକୁ ସମ୍ବିଧାନର ମୌଳିକ ଢାଞ୍ଚାର ଅଂଶବିଶେଷ ବୋଲି ଘୋଷଣା କରିଥିଲେ । ଫଳରେ ପ୍ରସ୍ତାବନା ସମ୍ବିଧାନର ଏକ ଅଂଶ ରୂପେ ଗଣ୍ୟ ହେଲା ।

ଭାରତ ସମ୍ବିଧାନର ପ୍ରସ୍ତାବନା ଘୋଷଣା କରେ ଯେ :

ଆମେ ଭାରତବାସୀ, ଭାରତକୁ ଏକ ସାର୍ବଭୌମ, ସମାଜବାଦୀ, ଧର୍ମନିରପେକ୍ଷ, ଗଣତାନ୍ତ୍ରିକ ସାଧାରଣତନ୍ତ୍ର ରୂପେ ସଂସ୍ଥାପିତ କରିବା ପାଇଁ ଏବଂ ଏହାର ସମସ୍ତ ନାଗରିକଙ୍କୁ:ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ ;ଚିନ୍ତା, ମତପ୍ରକାଶ, ଧାରଣା, ଧର୍ମବିଶ୍ୱାସ ଓ ଉପାସନାର ସ୍ୱାଧୀନତା;ମର୍ଯ୍ୟାଦା ଓ ସୁଯୋଗର ସମାନତା ପ୍ରଦାନ କରିବା;ଏବଂ ବ୍ୟକ୍ତିର ମର୍ଯ୍ୟାଦା ଓ ଜାତିର ଏକତା ଓ ଅଖଣ୍ଡତା ସୁନିଶ୍ଚିତ କରିବା ପୂର୍ବକ ସେମାନଙ୍କ ମଧ୍ୟରେ ଭ୍ରାତୃତ୍ୱକୁ ପ୍ରୋତ୍ସାହିତ କରିବା ନିମନ୍ତେ ସତ୍ୟନିଷ୍ଠ ଭାବରେ ସଂକଳ୍ପ କରି ଆମ୍ଭମାନଙ୍କର ସମ୍ବିଧାନ ସଭାରେ ଅଦ୍ୟ ୧୯୪୯ ମସିହା ନଭେମ୍ବର ଛବିଶ ତାରିଖରେ ଏତଦ୍ୱାରା ଏହି ସମ୍ବିଧାନକୁ ଅଙ୍ଗୀକାର, ପ୍ରଣୟଣ ଓ ସମର୍ପଣ କଲୁ।'

ସମ୍ବିଧାନର ମୂଳ ଉତ୍ସ ଭାରତର ଜନସାଧାରଣ ହେଲେ ମଧ ସେମାନଙ୍କ ଅଥବା ସେମାନଙ୍କୁ ପ୍ରତିନିଧିତ୍ୱ କରୁଥିବା ବିଧାନ ପ୍ରଣୟନ ସଭାର ମୌଳିକ ଚିନ୍ତନର ଏହା ସୃଷ୍ଟି ହୋଇନାହିଁ । କାରଣ ସମ୍ବିଧାନ ପ୍ରଣୟନ ସଭା ବିଶ୍ୱର ପ୍ରମୁଖମାନଙ୍କର ବ୍ୟାପକ ତଥା ଗଭୀର ଅଧ୍ୟୟନ କରିବା ପରେ ସେଗୁଡିକର କେତେକ ବିଶେଷ ଅଂଶ ଉଦ୍ଧାର କରି ଅବଶ୍ୟକୀୟ ସଂଶୋଧନ ସହ ଆମ ସମ୍ବିଧାନରେ ସ୍ଥାନିତ କରିଥିଲେ । ସମ୍ବିଧାନ ସଭା ଏକ ମୌଳିକ ସମ୍ବିଧାନ ଅପେକ୍ଷା ଏକ ସଫଳ ଓ ଶ୍ରେଷ୍ଠ ପ୍ରଦାନ କରିବା ପାଇଁ ସଯତ୍ନ ଉଦ୍ୟମ କରିଥିଲା । ସଂସଦୀୟ ଶାସନ ବ୍ୟବସ୍ଥା, ମୌଳିକ ଅଧିକାର ଓ ସଂଘୀୟ ବ୍ୟବସ୍ଥା ଯୁକ୍ତରାଷ୍ଟ୍ର ଆମେରିକାର, ରାଷ୍ଟ୍ର ନିର୍ଦ୍ଦେଶକ ନୀତି ଆୟରଲାଣ୍ଡର, ଜରୁରୀକାଳୀନ ବ୍ୟବସ୍ଥା ଜର୍ମାନୀର, ମୌଳିକ କର୍ତ୍ତବ୍ୟ ସୋଭିଏତ୍ ଋଷର ସମ୍ବିଧାନମାନଙ୍କର ଉଦ୍ଧାର କରାଯାଇଛି । ଏହାଛଡ଼ା ଆମ ସ୍ୱାଧୀନତା ସଂଗ୍ରାମର ମୂଲ୍ୟବୋଧ, ଭାରତ ଶାସନ ଆଇନ ୧୯୩୫, ସମ୍ବିଧାନ ପ୍ରଣୟନ ସଭାର ଆଭିମୁଖ୍ୟ, ସଂସଦୀୟ ଆଇନ, ନ୍ୟାୟପାଳିକାର ରାୟ, ସାମ୍ବିଧାନିକ ପରମ୍ପରା ମଧ୍ୟ ସମ୍ବିଧାନର କେତେକ ଉତ୍ସ । ସମାଲୋଚକମାନେ ଏହାକୁ ଏକ ଉଧାର ସମ୍ବିଧାନ ଏବଂ ଏକ ତାଳିପକା ସମ୍ବିଧାନ ବୋଲି କହନ୍ତି ।

ସମ୍ବିଧାନ ପ୍ରଣୟନ ସଭାର କାର୍ଯ୍ୟଧାରା ଓ କାର୍ଯ୍ୟଦକ୍ଷତା ପ୍ରଶଂସନୀୟ ହୋଇଥିଲେ ହେଁ ଏହା ସମାଲୋଚକମାନଙ୍କ ସମଲୋଚନାରୁ ମୁକ୍ତ ନୁହେଁ । କେତେକଙ୍କ ମତରେ ସବୁ ଶ୍ରେଣୀର ଭାରତୀୟମାନେ ଏଥିରେ ପ୍ରତିନିଧତ୍ୱ କରୁନଥିଲେ, କରୁଥିଲେ କେବଳ ଓକିଲମାନେ । ପରୋକ୍ଷ ନିର୍ବାଚନ ପଦ୍ଧତିରେ ଏହି ସଭା ଗଠିତ ହୋଇଥିବାରୁ ଏହା ଏକ ବାସ୍ତବ ପ୍ରତିନିଧିମୂଳକ ଅନୁଷ୍ଠାନ ନଥିଲା । କଂଗ୍ରେସର ବିପୁଳ ସଂଖ୍ୟାଗରିଷ୍ଠତା ଯୋଗୁ କେବଳ କଂଗ୍ରେସ ଆଦର୍ଶ ହିଁ ପ୍ରଣୀତ ସମ୍ବିଧାନରେ ସ୍ଥାନ ପାଇଲା । ଦେଶୀୟ ରାଜ୍ୟମାନଙ୍କୁ ଅନ୍ୟ ପ୍ରଦେଶ ସହିତ ସମାନ ସ୍ଥାନ ଓ ସୁଯୋଗ ଦିଆଯାଇନଥିଲା ।

କିନ୍ତୁ କାର୍ଯ୍ୟକ୍ଷମ ହେବାପରେ ଅଭିଯୋଗକାରୀମାନଙ୍କ ସନ୍ଦେହ ଅବଶ୍ୟ ଭୁଲ ପ୍ରମାଣିତ ହୋଇଛି । ଭାରତୀୟ ଲିଖିତ ସମ୍ବିଧାନ ହେଉଛି ବିଶ୍ୱର ଦୀର୍ଘତମ ସମ୍ବିଧାନ। ଯେଉଁ ସମ୍ବିଧାନରେ ରହିଛି ସଂସଦୀୟ ଶାସନ ବ୍ୟବସ୍ଥା, ଐକିକ ସଂଘ ବାଦ୍, ନମନୀୟ ଓ ଅନମନୀୟତାର ମିଶ୍ରଣ, ଗଣତାନ୍ତ୍ରିକ ସାଧାରଣତନ୍ତ୍ର, ରାଷ୍ଟ୍ର ନିର୍ଦ୍ଦେଶକ ନୀତି, ସୁସଂହତ, ସ୍ୱାଧୀନ ଓ ନିରପେକ୍ଷ ନ୍ୟାୟପାଳିକା, ଧର୍ମନିରପେକ୍ଷ ରାଷ୍ଟ୍ର, ଏକକ ନାଗରିକତା ପରି ବ୍ୟବସ୍ଥା। ଏହି ସବୁ ସତ୍ତ୍ୱେ ମଧ ଭାରତୀୟ ସମ୍ବିଧାନ ଅନେକ ପ୍ରକାରର ସ୍ୱତନ୍ତ୍ର ବୈଶିଷ୍ଟ୍ୟ ରହିଛି ଯାହା ଯାହା ଭାରତୀୟ ମାନଙ୍କୁ ସୁରକ୍ଷା ଓ ସମୃଦ୍ଧିରେ ସହାୟକ ହୋଇଥାଏ।

+ଗଡରାମାଲ, କୋକସରା, କଳାହାଣ୍ଡି
ମୋ: ୭୯୭୮୪୨୭୭୦୬

## ଏ ଜାତିର ସ୍ୱାଭିମାନ

ଆଦ୍ୟାଶା ମହାପାତ୍ର

କେତେ ଯେ ଯାତନା ଏ ମାଟି ସନ୍ତାନ
ସହିଥିଲେ ସ୍ୱତଃପୂର୍ତ୍ତ
ସଂଗ୍ରାମେ କେତେ ଜୀବନ ପ୍ରଦୀପ
ହୋଇଥିଲା ନିର୍ବାପିତ ।
ଅନ୍ଧକାର ଚିରି ଦୃଶ୍ୟ ହେଲା ପୁଣି
ସ୍ୱାଧିନତା ସୂର୍ଯ୍ୟ ଦେଶେ
ସ୍ୱୀୟ ସମ୍ବିଧାନ ସ୍ୱୀକୃତି ପାଇଲା
ଗଣତନ୍ତ୍ର ଅଭିଳାଷେ ।
ଅଧିକାର ଆମ ପ୍ରଣୀତ ହୋଇଲା
କର୍ତ୍ତବ୍ୟ ବି ରୂପାୟିତ
ସାର୍ବଭୌମତ୍ୱର ପରାକାଷ୍ଠା ପାଇଁ
ସଂହତି ସୌହାର୍ଦ୍ଦ୍ୟ ତତ୍ତ୍ୱ ।
ଆଜି ହିଲ୍ଲୋଳିତ ତ୍ରିରଙ୍ଗା ଆକାଶେ
ଆହା କେଡ଼େ ଅନୁପମ
ଏଇ ଭୂଖଣ୍ଡର ଗର୍ବ ଗଉରବ
ଏ ଜାତିର ସ୍ୱାଭିମାନ ।
ଅନ୍ତରର ରଙ୍ଗ ଉଲ୍ଲାସେ ଉଦଭାସେ
ଜାତୀୟତା ଭାବ ଘେନି
ସେ ଭାବ ଶାଶ୍ୱତ ସୁଧା ବାରି ଧାରା
ଅନୁରାଗେ ସ୍ରୋତସ୍ୱିନୀ ।
ଝରିପଡେ ସତେ ପୂଣ୍ୟଭୂମି ପରେ
ମୈତ୍ରୀ ପ୍ରୀତି ଅଙ୍ଗୀକାରେ
ଗାରିମା ଶୋଭିତ ଐତିହ୍ୟ ଆପ୍ଲୁତ
ହର୍ଷୋତଫୁଲ୍ଲ ଆବେଗରେ ।

+ ନୂଆପଡା, କଟକ

With best Compliment from:-

**MANAGEMENT SOCIETY, DHAMARA FISHING HARBOUR, DHAMARA**

At:- Dhamara, Dist. Bhadrak- 756171, State: Odisha
www.dhamarafishingharbour.org,
EID- manager.msdfh@gmail.com

An autonomous Society organized for management of Dhamara Fishing Harbour . The Governing Body of the Society is headed by the Commissioner-cum- Secretary to Govt. of Odisha, Deptt. of Fisheries and A.R.D.

**Facilities available in the Fishing Harbour :**

- Situated 3 K.Ms away from the river mouth enabling smooth sail of trawlers.
- Quality of fish is maintained to international standard by proper handling, processing, packing, icing etc.
- Two jetties having 200 mtrs. length each. Providing better facilities for landing and stack-ing of trawlers/vessels/boats etc.
- Repair of trawlers and vessels in the repair track and dry docking for 24 trawlers at a stretch.
- Supply of fresh water round the 'clock' to the trawlers before going for fishing and to the harbour users.
- Diesel outlet on the jetty for fuel supply.
- 12 Nos. of Ice plants in the vicinity of Dhamara for supply of quality Ice round the clock.
- Storage facilities available for trawler owners.
- Net mending yard for quick repair of nets.
- Rest house facility provided to vessel crews on rent.
- Market complex has been constructed to facilitate business require by the jetty users.
- Pre-Processing Plant for Sea Food Exporter.
- Further facilities to the entrepreneurs and exporters for stor age, shorting, grading and icing are,provided.
- Facilities like Chitin Plant and Cold storage are in the pipe line for construction. Visit us at www.dhamarafishingharbour.org and we will be proud of you.

Manager,
Management Society,
Dhamara Fishing Harbour,
EMail ID : manager.msdfh@gmail.com, dfo.bhadrak@gmail,com

D.F.O., Bhadrak And Secretary,
Management Society, Dhamara
Fishing Harbour, Dhamara.
Hello: 06784-240223, 06786-222500

## ଆସିଛି ସାଧାରଣତନ୍ତ୍ର ଦିବସ

ନଳିନୀ ଦାଶ

ଜାନୁଆରୀ ମାସ ଛବିଶି ତାରିଖ
ମହାନ ପବିତ୍ର ଦିନ
ଆମରି ଦେଶର ଜାତୀୟ ଉତ୍ସବ
କରନ୍ତି ସର୍ବେ ପାଳନ ।
ବାଜା ଭେରି ତୂରୀ ବାଜି ଉଠିଲାଣି
ଗଗନ ପବନ ଛୁଇଁ
ତୋପ କମାଣର ଶବଦେ କମ୍ପୁଛି
ଆଜି ମଗ ଭାରତ ଭୂଇଁ ।
ମଗ ଦେଶ ଯବାନ ଭାଇମାନେ ମିଶି
ଜାତୀୟ ସଙ୍ଗୀତ ଗାଇ
ଭାରତ ମାତାର ସମ୍ମାନ ରଖିଲେ
ପତାକା ଉଡ଼ାଇ ଦେଇ ।
ପବିତ୍ର ଦିବସେ ସାର୍ବଭୌମ ହେଇ
ଯଶ ଲଭିଥିଲା ଦେଶ
ଭାରତ ଭୂଇଁରୁ ଅପସରି ଗଲା
ପରାଧୀନ ଅପଯଶ ।
ଏକତାର ମନ୍ତ୍ରେ ଉଦ୍ ବୁଦ୍ଧ ହେଲେ
ଆମ ଭାରତୀୟ ଜନ
ଗୋରାଙ୍କ ହାତରୁ ଦେଶକୁ ଆଣିଲେ
ସଭିଏଁ ହେଲେ ସ୍ୱାଧୀନ ।
ଧର୍ମ ନିରପେକ୍ଷ ହେଲା ମଗ ଭାରତ
ସର୍ବେ ହେଲେ ଏକାକାର
ଜାତି ଧର୍ମ ନୀତି ଉଚ୍ଚ ନୀଚ ଭାବ
ମନୁ ହୋଇଗଲା ଦୂର ।
ଗୁଣୀଜନ ମାନେ ଲେଖି ଯାଇଛନ୍ତି
ଆମ ଦେଶ ସମ୍ବିଧାନ
ସାଧାରଣତନ୍ତ୍ର ଦିବସ ଭାବରେ
ଦେଶେ ହେଲା ପ୍ରଚଳନ ।
ଦେଶର ଗୌରବ ତ୍ରିରଙ୍ଗା ପତାକା
ଉଡିଲା ଆକାଶ ଛୁଇଁ
ଅମର ଶହିଦ୍ ବୀରତ୍ୱର ଗାଥା
ଯାଇଥାଏ ଗାଇଗାଇ ।
ବୀର ପ୍ରସବିନୀ ଭାରତ ଜନନୀ
ଓଠେ ଫୁଟିଥିଲା ହସ
ଗୌରବ ମଣ୍ଡିତା ହେଲା ଆମ ମାଆ
ଉଡ଼ିଲା ଦେଶର ଯଶ ।

+ଭିକାରିପଡା, ଶରଣକୁଳ, ନୟାଗଡ଼
ମୋ:୯୨୩୮୯୯୬୬୪୯



## ଜାତୀୟ ପତାକା

ସରସ୍ୱତୀ ମେହେର

କେଶରୀ ରଙ୍ଗ କହେ ବଳିଦାନ
ବୀର ସନ୍ତାନର ରକ୍ତର ଗାଥା
ଦେଶ ପାଇଁ ହସି ହସି ଦେଲେ
ଜୀବନ, ଅମର ହେଲେ ସଦା।
ଶ୍ୱେତ ଶିଖାଏ ଶାନ୍ତି ର ବାରତା
ସତ୍ୟ ଓ ଧୈର୍ଯ୍ୟ ଧରିବା
ଦ୍ୱେଷକୁ ଭୁଲି ଏକତା ହୋଇ
ମିଳିମିଶି ଚାଲିବା।
ସବୁଜ ଶିଖାଏ ଆଶାର ପ୍ରତୀକ
କୃଷକର ଶ୍ରମ, ମାଟିର ସୁଗନ୍ଧ
ସୁବଳ ଭାରତ ଗଢ଼ିବାର ସ୍ୱପ୍ନ
ଲୁଚିଛି ମଧୁର ସମ୍ବନ୍ଧ ।
ମଝିରେ ରହିଛି ଅଶୋକ ଚକ୍ର
ଧର୍ମ, ନ୍ୟାୟର ଆଲୋକ
ସଦା ଆଗକୁ ଚାଲିବା ଶିଖାଏ
ଯେ ପର୍ଯ୍ୟନ୍ତ ପାଇବା ଲକ୍ଷ୍ୟ ।
ଏହି ପତାକା ଉଡେ ଆକାଶେ
ଲକ୍ଷ ଲକ୍ଷ ସ୍ୱପ୍ନର ସାକ୍ଷୀ
ଗାଁରୁ ସହର, ପାହାଡ ଜଙ୍ଗଲ
ସବୁଠି ଏହାର ରକ୍ଷୀ।
ଶିଶୁର ହସ, ବିରର ଶପଥ
ମାଆର ଆଶୀର୍ବାଦ ଭରିଛି
ଭାରତ ମାଆର ମହାନ ଗାଥା
ପତାକା ସବୁ ଲେଖୁଛି ।
ମୁଣ୍ଡ ନୁଆଇଁ କରୁଛି ପ୍ରଣତି
ହେ ମୋର ଜାତୀୟ ପତାକା
ତୋ ଛାୟାରେ ଦେଶ ସୁରକ୍ଷିତ
ତୁ ମୋର ଗର୍ବ ତୁ ଆଶା ।

+ଯୋଗିବାହାଲ, ସିନାପାଲି

## ଜନରାଜ୍ୟ ପର୍ବ

ରାମଚନ୍ଦ୍ର ବେହେରା

ଜନରାଜ୍ୟ ପର୍ବ ଆସିଛି ଭାଇ
ଖୁସିର ପସରା ସାଥିରେ ନେଇ
ଉଡୁଛି ତ୍ରିରଂଗା ନେତ
ଜାତୀୟ ସଂଗୀତ ଗାଉଛନ୍ତି ସର୍ବେ
ମିଳାଇ ହାତକୁ ହାତ।
ଆଜି ଦିନେ ଆମ ଆଇନ ନୀତି
ରଖିଥିଲା ବିଶ୍ୱେ ଅଭୁଲା କୀର୍ତ୍ତି
ସମ୍ବିଧାନ ରୂପ ନେଇ
ଜାତୀୟ ସଂହତି ଦେଶ ଅଖଣ୍ଡତା
ବଜାୟ ରଖିବା ପାଇଁ।
ପୂଜ୍ୟ ଭୀମରାଓ ଆମ୍ବେଦକର
ସମ୍ବିଧାନ ଲେଖି ହେଲେ ଅମର
ରଖିଲେ ଦେଶର ମାନ
ଚାରି ସ୍ତମ୍ଭେ ଠିଆ ଶାସନ ବ୍ୟବସ୍ଥା
ବିଶ୍ୱରେ ପାଏ ସମ୍ମାନ।
ଗଣତନ୍ତ୍ର ପର୍ବ ଶୁଭ ବେଳାରେ
ଦିଲ୍ଲୀ ନଗରୀର ରାଜ ପଥରେ
ରାଜ୍ୟବାସୀ ହେବେ ଠୁଳ
ନିଜ ରାଇଜର ଶ୍ରେଷ୍ଠ କଳାକୃତୀ
ଦେଖାଇବେ ହୋଇ ମେଳ।
ଜାତି ଧର୍ମ ଭୁଲି ଦେଶରେ ସର୍ବେ
ଏ ପର୍ବ ପାଳିବେ ଆନନ୍ଦେ ଗର୍ବେ
ସମୂହ ବିକାଶ ପାଇଁ
ଏକତା ମନ୍ତ୍ରରେ ବାନ୍ଧି ହୋଇଯିବେ
ଦେଶର ଭଉଣୀ ଭାଇ।
ଗଣତନ୍ତ୍ର ରାଷ୍ଟ୍ର ନୀତି ନିୟମ
ଆସରେ ପାଳିବା ଦେଇ ସମ୍ମାନ
ଅହିଂସା ବ୍ରତ ଆଦରି
ସାର୍ବଭୌମତାକୁ ଅକ୍ଷୁର୍ଣ୍ଣ ରଖିବା
ସମ୍ବିଧାନକୁ ସୁମରି।
ଶାନ୍ତି ଆମ ଶକ୍ତି ଶାନ୍ତି ହିଁ ମୁକ୍ତି
ନରଖିବା କେବେ ପରାଣେ ଭୀତି
ଧରିବା ପ୍ରଗତି ପଥ
ରାଷ୍ଟ୍ର ଗଠନରେ ବ୍ରତୀ ହେବା ପାଇଁ
ନେବାରେ ସର୍ବେ ଶପଥ।

+ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୫୩୪୩୪୬

## ଜାନୁଆରୀ ଛବିଶ

ଧ୍ରୁବ ଚରଣ ଘିବେଲା

ଦିବସ ଭଳି ଦିବସଟିଏ
ଜାନୁଆରୀ ଛବିଶ
ପାଳନ କରୁ ଏଇ ଦିନରେ
ଜନରାଜ୍ୟ ଦିବସ ।
ଗଣଙ୍କ ତନ୍ତ୍ର ଡୋରି ସ୍ୱତନ୍ତ୍ର
ଜନଗଣଙ୍କ ପାଇଁ
ଆଇନ ଗ୍ରନ୍ଥ ହେଲା ପ୍ରସ୍ତୁତ
ଦେଶ ଶାସନ ପାଇଁ ।
ସେଇ ଯେ ଗ୍ରନ୍ଥ ହେଲା ଲିଖିତ
ନାଆଁ ତା' ସମ୍ବିଧାନ
ତାଆରି ମତେ ଚାଲିଲା ନିତି
ଆମ ଦେଶେ ଶାସନ ।
ସକାଳୁ ଉଠି ସାରି ପାଇଟି
ହାତେ ପତାକା ଧରି
ବନ୍ଦେ ମାତରଂ ସ୍ଲୋଗାନ ଦେଇ
କରୁ ପ୍ରଭାତ ଫେରି ।
ଆମେ ସଭିଏଁ ଏକାଠି ହେଉ
ଜାତୀୟ ନେତ ତଳେ
ଅତିଥି ଆସି ପତାକା ଟାଣି
କଥା ରଖନ୍ତି ଧିରେ ।
ଦେଶ ହୋଇଲା ଗଣତନ୍ତ୍ରର
ଗଣ ହେଲେ ଦେଶର
ଦେଶ ପାଇଁ କି ଅତି ଉତ୍ତମ
ଗଣତନ୍ତ୍ର ସୁନ୍ଦର ।
ଆମରି ଦେଶ ଭାରତବର୍ଷ
ସାରା ବିଶ୍ୱରେ ଶ୍ରେଷ୍ଠ
ଗଣତନ୍ତ୍ରର ଗୁରୁ ଅଟଇ
ଆମ ଭାରତ ଶ୍ରେଷ୍ଠ ।

+ବଉଦରାଜ-୭୬୨୦୧୪, ଜି-ବୌଦ୍ଧ
ମୋ. ୯୪୩୭୪୭୮୪୬୬

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର ୪
୨୬ ଜାନୁଆରୀ ୨୦୨୬, ସୋମବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ପ୍ରଦୂଷଣ ବନାମ ଶୁଳ୍କ: ଭାରତୀୟ ଅର୍ଥନୀତିର ଅସଲ ଶତ୍ରୁ କିଏ ?

ସାମ୍ପ୍ରତିକ ବିଶ୍ୱ ଅର୍ଥନୈତିକ ମଞ୍ଚ (**World Economic Forum**) ବା ଡାଭୋସ୍ ସମ୍ମିଳନୀରେ ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି (ଆଇଏମଏଫ)ର ପ୍ରଥମ ଉପ-ପରିଚାଳନା ନିର୍ଦ୍ଦେଶକ ଗୀତା ଗୋପୀନାଥଙ୍କ ଦ୍ୱାରା ପ୍ରଦତ୍ତ ଏକ ବିସ୍ଫୋରକ ମନ୍ତବ୍ୟ ଭାରତୀୟ ଅର୍ଥନୀତିର ଗତିପଥ ସମ୍ପର୍କରେ ଏକ ନୂତନ ବିତର୍କ ସୃଷ୍ଟି କରିଛି। ଯେତେବେଳେ ସମଗ୍ର ବିଶ୍ୱ ବାଣିଜ୍ୟ ଯୁଦ୍ଧ, ସଂରକ୍ଷଣବାଦ ଏବଂ ବର୍ଦ୍ଧିତ ଆମଦାନୀ ଶୁଳ୍କ ବା 'ଟାରିଫ୍'କୁ ନେଇ ଆତଙ୍କିତ, ସେତେବେଳେ ଗୀତା ଗୋପୀନାଥଙ୍କ ଏହି ବିଶ୍ଳେଷଣ ଯେ 'ଭାରତୀୟ ଅର୍ଥନୀତି ପାଇଁ ଟାରିଫ୍ ଅପେକ୍ଷା ପ୍ରଦୂଷଣ ଏକ ବଡ଼ ବିପଦ', ତାହା ନୀତି ନିର୍ଦ୍ଧାରକମାନଙ୍କୁ ଚମକାଇ ଦେଇଛି । ସାଧାରଣତଃ ଅର୍ଥନୈତିକ ଆଲୋଚନାଗୁଡ଼ିକ ଜିଡିପି ଅଙ୍କ, ସୁଧ ହାର ଏବଂ ରପ୍ତାନି ତଥ୍ୟ ମଧ୍ୟରେ ସୀମିତ ରହିଥାଏ । କିନ୍ତୁ ଗୋପୀନାଥ ପରିବେଶ ଏବଂ ଜନସ୍ୱାସ୍ଥ୍ୟକୁ ଅର୍ଥନୀତିର ମୁଖ୍ୟ ଧାରାକୁ ଆଣି ଏକ ବାସ୍ତବବାଦୀ ଦୃଷ୍ଟିକୋଣ ଉପସ୍ଥାପନ କରିଛନ୍ତି। ତାଙ୍କର ଏହି ମନ୍ତବ୍ୟ କେବଳ ଏକ ପରିବେଶଗତ ଚେତାବନୀ ନୁହେଁ, ବରଂ ଏହା ଭାରତର ଆର୍ଥିକ ଭବିଷ୍ୟତ ଉପରେ ଏକ ଗମ୍ଭୀର ପ୍ରଶ୍ନବାଚୀ।

ଗୀତା ଗୋପୀନାଥଙ୍କ ଯୁକ୍ତିର ମୂଳାଧାର ଅତ୍ୟନ୍ତ ସ୍ପଷ୍ଟ ଏବଂ ତଥ୍ୟଭିତ୍ତିକ । ସେ ଦର୍ଶାଇଛନ୍ତି ଯେ ଯଦି ଆମେରିକା କିମ୍ବା ୟୁରୋପୀୟ ଦେଶମାନେ ଭାରତୀୟ ସାମଗ୍ରୀ ଉପରେ ଆମଦାନୀ ଶୁଳ୍କ ବଢ଼ାନ୍ତି, ତେବେ ତାହାର ପ୍ରଭାବ ସୀମିତ ରହିବ କାରଣ ଭାରତ ଏକ ରପ୍ତାନି-ନିର୍ଭରଶୀଳ ଅର୍ଥନୀତି ନୁହେଁ । କିନ୍ତୁ ପ୍ରଦୂଷଣର ପ୍ରଭାବ ସୁଦୂରପ୍ରସାରୀ ଏବଂ ବିଧ୍ୱଂସକାରୀ। ବିଶ୍ୱ ବ୍ୟାଙ୍କର ଏକ ରିପୋର୍ଟକୁ ଉଦ୍ଧୃତ କରି ସେ କହିଛନ୍ତି ଯେ ଭାରତରେ ପ୍ରତିବର୍ଷ ପ୍ରାୟ ୧୭ ଲକ୍ଷ ଲୋକ କେବଳ ପ୍ରଦୂଷଣଜନିତ କାରଣରୁ ମୃତ୍ୟୁବରଣ କରୁଛନ୍ତି, ଯାହା ଦେଶର ମୋଟ ମୃତ୍ୟୁ ସଂଖ୍ୟାର ପ୍ରାୟ ୧୮ ପ୍ରତିଶତ । ଏହା କେବଳ ମାନବୀୟ ଟ୍ରାଜେଡି ନୁହେଁ, ବରଂ ଏହା ଅର୍ଥନୀତି ପାଇଁ ଏକ ବିରାଟ କ୍ଷତି । ଯେତେବେଳେ ଦେଶର କାର୍ଯ୍ୟକ୍ଷମ ଜନସଂଖ୍ୟା ରୋଗଗ୍ରସ୍ତ ହୁଅନ୍ତି, ସେତେବେଳେ ଉତ୍ପାଦିକା ଶକ୍ତି (**Productivity**) ହ୍ରାସ ପାଏ । ଶ୍ରମିକମାନେ ଅସୁସ୍ଥ ହେଲେ କାମ କରିପାରନ୍ତି ନାହିଁ, ଯାହା ଫଳରେ ଶିଳ୍ପ ଉତ୍ପାଦନ ବାଧାପ୍ରାପ୍ତ ହୁଏ ଏବଂ ସ୍ୱାସ୍ଥ୍ୟସେବା ଉପରେ ଖର୍ଚ୍ଚ ବଢ଼ିଯାଏ । ଗୋପୀନାଥଙ୍କ ମତରେ, ଏହି କ୍ଷତିର ପରିମାଣ ଯେକୌଣସି ବାହ୍ୟ ଶୁଳ୍କର କ୍ଷତିଠାରୁ ଯଥେଷ୍ଟ ଅଧିକ।

ଏହି ପ୍ରସଙ୍ଗରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗଟି ହେଉଛି ବିଦେଶୀ ପୁଞ୍ଜିନିବେଶ ଉପରେ ପ୍ରଦୂଷଣର ପ୍ରଭାବ । ଭାରତ ବିଶ୍ୱର ପରବର୍ତ୍ତୀ 'ମାନୁଫ୍ୟାକ୍ଚରିଂ ହବ୍' ବା ଉତ୍ପାଦନ କେନ୍ଦ୍ର ହେବାକୁ ଲକ୍ଷ୍ୟ ରଖିଛି । 'ଚୀନ୍ ପ୍ଲସ୍ ୱାନ୍' ନୀତିର ଫାଇଦା ଉଠାଇ ବିଦେଶୀ କମ୍ପାନୀଗୁଡ଼ିକୁ ଆକୃଷ୍ଟ କରିବାକୁ ଚେଷ୍ଟା କରୁଛି । କିନ୍ତୁ ଗୀତା ଗୋପୀନାଥ ସତର୍କ କରାଇ ଦେଇଛନ୍ତି ଯେ କେବଳ ଶସ୍ତା ଶ୍ରମ କିମ୍ବା ବଜାର ସୁବିଧା ଯଥେଷ୍ଟ ନୁହେଁ। ବିଦେଶୀ ନିବେଶକ ଏବଂ ବରିଷ୍ଠ ଅଧିକାରୀମାନେ ଯେତେବେଳେ ଭାରତରେ କାର୍ଯ୍ୟାଳୟ ଖୋଲିବା କଥା ଚିନ୍ତା କରନ୍ତି, ସେମାନେ ନିଜର ଏବଂ ନିଜ ପରିବାରର ସ୍ୱାସ୍ଥ୍ୟ କଥା ମଧ୍ୟ ବିଚାର କରନ୍ତି । ଯଦି ଦିଲ୍ଲୀ କିମ୍ବା ମୁମ୍ବାଇର ପବନ ବିଷାକ୍ତ ହୋଇଥାଏ, ତେବେ କୌଣସି ଉଚ୍ଚ ଦକ୍ଷତା ସମ୍ପନ୍ନ ବ୍ୟକ୍ତି ଏଠାରେ ରହିବାକୁ ପସନ୍ଦ କରିବେ ନାହିଁ । ଏହା 'ଇଜ୍ ଅଫ୍ ଡୁଇଙ୍ଗ୍ ବିଜନେସ୍' ବା ବ୍ୟବସାୟିକ ସୁଗମତାର ଏକ ଅଦୃଶ୍ୟ କିନ୍ତୁ ଶକ୍ତିଶାଳୀ ପ୍ରତିବନ୍ଧକ। ପ୍ରଦୂଷଣ କେବଳ ପରିବେଶର ସମସ୍ୟା ନୁହେଁ, ଏହା ନିବେଶର ବାତାବରଣକୁ ମଧ୍ୟ ଦୂଷିତ କରୁଛି । ଆମେ ଜାଣୁ ଯେ ଭାରତର ଅନ୍ୟତମ ବଡ଼ ସମସ୍ୟା ହେଉଛି ମାନବ ସମ୍ବଳର ଦକ୍ଷତା ବିକାଶ। କିନ୍ତୁ ଯଦି ମାନବ ସମ୍ବଳ ଅସୁସ୍ଥ ରୁହେ, ତେବେ ଦକ୍ଷତା ବିକାଶ ଅସମ୍ଭବ। ବାୟୁ ପ୍ରଦୂଷଣ ଶିଶୁମାନଙ୍କର ବୌଦ୍ଧିକ ବିକାଶରେ ବାଧା ସୃଷ୍ଟି କରେ ବୋଲି ଅନେକ ଗବେଷଣାରୁ ଜଣାପଡ଼ିଛି। ଏହାର ଅର୍ଥ ହେଉଛି, ଆଜିର ପ୍ରଦୂଷଣ ଆଗାମୀ ପିଢ଼ିର କର୍ମକ୍ଷମତାକୁ ନଷ୍ଟ କରିଦେଉଛି। ଯେଉଁ 'ଜନସାଂଖ୍ୟିକ ଲାଭାଂଶ' ବା ଡେମୋଗ୍ରାଫିକ୍ ଡିଭିଡେଣ୍ଡ କଥା ଆମେ ଗର୍ବର ସହ କହୁଛୁ, ତାହା ପ୍ରଦୂଷଣ କାରଣରୁ ଏକ ରୋଗଗ୍ରସ୍ତ ବୋଝରେ ପରିଣତ ହେବାର ଆଶଙ୍କା ରହିଛି । ଏହା ସହିତ କୃଷି କ୍ଷେତ୍ରରେ ମଧ୍ୟ ପ୍ରଦୂଷଣର କୁପ୍ରଭାବ ପଡୁଛି, ଯାହା ଗ୍ରାମୀଣ ଅର୍ଥନୀତିକୁ ଦୁର୍ବଳ କରୁଛି।

ଗୋପୀନାଥଙ୍କ ପରାମର୍ଶ ଅନୁଯାୟୀ, ପ୍ରଦୂଷଣ ନିୟନ୍ତ୍ରଣକୁ ସରକାର ଏକ 'ଯୁଦ୍ଧକାଳୀନ ଭିତ୍ତିରେ' (**War Footing**) ଗ୍ରହଣ କରିବା ଉଚିତ । ଏହା କେବଳ ପରିବେଶ ମନ୍ତ୍ରଣାଳୟର ଦାୟିତ୍ୱ ନୁହେଁ, ବରଂ ଏହା ଅର୍ଥ ମନ୍ତ୍ରଣାଳୟର ମୁଖ୍ୟ ଏଜେଣ୍ଡା ହେବା ଆବଶ୍ୟକ । ସୌର ଶକ୍ତି ଏବଂ ନବୀକରଣଯୋଗ୍ୟ ଶକ୍ତି କ୍ଷେତ୍ରରେ ଭାରତର ଅଗ୍ରଗତି ପ୍ରଶଂସନୀୟ, କିନ୍ତୁ ସହରାଞ୍ଚଳର ବାୟୁ ପ୍ରଦୂଷଣ, ନଦୀ ଜଳର ମାନ ଏବଂ ବର୍ଜ୍ୟବସ୍ତୁ ପରିଚାଳନାରେ ଆମେ ବହୁତ ପଛରେ ଅଛୁ। ଟାରିଫ୍ ଯୁଦ୍ଧରେ ଜିତିବା ପାଇଁ ଆମେ ଯେତିକି କୂଟନୈତିକ ଶକ୍ତି ଖର୍ଚ୍ଚ କରୁଛୁ, ତା'ଠାରୁ ଅଧିକ ଶକ୍ତି ଓ ସମ୍ବଳ ଆଭ୍ୟନ୍ତରୀଣ ପରିବେଶ ସୁରକ୍ଷାରେ ବିନିଯୋଗ କରିବା ଜରୁରୀ । କାରଣ ଟାରିଫ୍ ନୀତି ପରିବର୍ତ୍ତନଶୀଳ, ଆଜି ଅଛି କାଲି ନଥାଇପାରେ, କିନ୍ତୁ ପରିବେଶର କ୍ଷତି ଅପୂରଣୀୟ ଏବଂ ଦୀର୍ଘସ୍ଥାୟୀ।

ଏହା ବ୍ୟତୀତ, ଗୀତା ଗୋପୀନାଥଙ୍କ ମନ୍ତବ୍ୟ ଆମକୁ ଏହା ମନେ ପକାଇଦିଏ ଯେ ଅର୍ଥନୈତିକ ଅଭିବୃଦ୍ଧିର ସଂଜ୍ଞା କେବଳ ଜିଡିପି ବୃଦ୍ଧି ନୁହେଁ । ଯଦି ଜିଡିପି ବଢୁଥାଏ କିନ୍ତୁ ଲୋକଙ୍କ ଆୟୁଷ କମୁଥାଏ, ତେବେ ସେହି ବିକାଶର କୌଣସି ଅର୍ଥ ନାହିଁ । ଭାରତର ନୀତି ନିର୍ଦ୍ଧାରକମାନେ ପ୍ରାୟତଃ ଶିଳ୍ପାୟନ ଏବଂ ପରିବେଶ ସୁରକ୍ଷାକୁ ପରସ୍ପର ବିରୋଧୀ ବୋଲି ଭାବନ୍ତି । କିନ୍ତୁ ଗୋପୀନାଥ ସ୍ପଷ୍ଟ କରିଛନ୍ତି ଯେ ଦୀର୍ଘମିଆଦୀ ଅର୍ଥନୈତିକ ସ୍ଥିରତା ପାଇଁ ପରିବେଶ ସୁରକ୍ଷା ଅପରିହାର୍ଯ୍ୟ । ଏକ ସବୁଜ ଅର୍ଥନୀତି (**Green Economy**) ହିଁ ଭବିଷ୍ୟତର ନିଯୁକ୍ତି ଏବଂ ସମୃଦ୍ଧିର ଚାବିକାଠି ହୋଇପାରିବ।

ପରିଶେଷରେ, ଗୀତା ଗୋପୀନାଥଙ୍କ ସତର୍କ ଘଣ୍ଟିକୁ ଅଣଦେଖା କରିବା ଭାରତ ପାଇଁ ମହଙ୍ଗା ପଡ଼ିପାରେ । ବାହ୍ୟ ଶୁଳ୍କର ଭୟ ଏକ ରାଜନୈତିକ ଆଳ ହୋଇପାରେ, କିନ୍ତୁ ପ୍ରଦୂଷଣ ଏକ ବାସ୍ତବ ବିପଦ ଯାହା ପ୍ରତି ମୁହୂର୍ତ୍ତରେ ଦେଶର ଅର୍ଥନୈତିକ ମେରୁଦଣ୍ଡକୁ ଦୁର୍ବଳ କରୁଛି । ଯଦି ଭାରତ ୨୦୪୭ ସୁଦ୍ଧା ଏକ ବିକଶିତ ରାଷ୍ଟ୍ର ହେବାକୁ ଚାହୁଁଛି, ତେବେ ଆମକୁ ପ୍ରଥମେ ଆମର ପବନ ଏବଂ ପାଣିକୁ ସଫା କରିବାକୁ ପଡ଼ିବ । ଏକ ସୁସ୍ଥ ଜନସାଧାରଣ ହିଁ ଏକ ସମୃଦ୍ଧ ଅର୍ଥନୀତି ଗଠନ କରିପାରିବେ । ତେଣୁ ସରକାର, ଶିଳ୍ପପତି ଏବଂ ନାଗରିକ ସମାଜ ମିଳିତ ଭାବେ ଏହି 'ନୀରବ ଘାତକ' ବିରୋଧରେ ଲଢ଼େଇ କରିବା ଆବଶ୍ୟକ । ୱାଶିଂଟନ୍‌ର ଟାରିଫ୍ ନୀତି ଅପେକ୍ଷା ନୂଆଦିଲ୍ଲୀର ବାୟୁ ଗୁଣବତ୍ତା ଭାରତର ଭବିଷ୍ୟତ ପାଇଁ ଅଧିକ ନିର୍ଣ୍ଣାୟକ ସାବ୍ୟସ୍ତ ହେବ।



# ଧନୀ ନେତାଙ୍କ ଦରମା ବୃଦ୍ଧି

ଅଧ୍ୟାପକ ଗୋପବନ୍ଧୁ

ନିକଟରେ ଓଡିଶା ବିଧାନସଭାରେ ବିଧାୟକମାନେ ନିଜେ ନିଜର ଦରମା ବୃଦ୍ଧି କରିଛନ୍ତି। ଏବେ ଜଣେ ବିଧାୟକ ମାସକୁ ୩ ଲକ୍ଷ ୪୫ ହଜାର ଟଙ୍କା ଟିକସ ମୁକ୍ତ ଦରମା ପାଇବେ। ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଓ ବିଭିନ୍ନ ସ୍ତରର ମନ୍ତ୍ରୀଙ୍କ ଦରମା ଆହୁରି ବେଶି। ଜଣେ ପୂର୍ବତନ ବିଧାୟକ ଏଣିକି ୧ ଲକ୍ଷ ୨୦ ହଜାର ଟଙ୍କା ପେନସନ ପାଇବେ। ସମସ୍ତ ବିଧାୟକ ଏହାକୁ ସମର୍ଥନ କରିଥିବା ବେଳେ କେବଳ ଜଣେ ବିଧାୟକ ଏହାକୁ ବିରୋଧ କରିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ବର୍ଦ୍ଧିତ ଦରମା ନେବେ ନାହିଁ ବୋଲି ଘୋଷଣା କରିଛନ୍ତି। ଜନତାଙ୍କ ଚାପରେ ଏବେ କିଛି ବିଧାୟକ ଏହାର ପୁନଃବିଚାର ପାଇଁ ଦାବୀ ଉଠାଇଛନ୍ତି। ଭାରତର ଯେକୌଣସି ରାଜ୍ୟର ବିଧାୟକଙ୍କଠାରୁ ଓଡ଼ିଶାର ବିଧାୟକମାନେ ସର୍ବାପେକ୍ଷା ଅଧିକ ଦରମା ପାଇବେ। ପ୍ରଥମ ହେବା ହୁଏତ କେତେକଙ୍କ ପାଇଁ ଏକ ଗୌରବର ବିଷୟ। ଚାବିକାଠିତ ତାଙ୍କ ନିଜ ହାତରେ। ଚାହିଁଲେ ବିଧାୟକ ମାନେ ନିଜେ ନିଜର ଦରମା ବଢାଇ ପାରିବେ। ଚାହିଁଲେ ସେମାନେ ଦରମା ଆହୁରି ବଢ଼ାଇବେ। ଏଥିରେ ସାଧାରଣ ଜନତା ମୁହଁ ଖୋଲିବା ଅନୁଚିତ। ସାଧାରଣ ଜନତା କେବଳ ଟ୍ୟାକ୍ସ ଦେବାରେ ମନନିବେଶ କରିବା ଉଚିତ୍।

ଅନ୍ୟପଟେ ଓଡିଶା ଏକ ଗରୀବ ରାଜ୍ୟ। ୨୦୨୩ ମସିହାର ନୀତି ଆୟୋଗ ରିପୋର୍ଟ ଅନୁଯାୟୀ ଭାରତର ୯ ଟି ଗରୀବ ରାଜ୍ୟ ମଧ୍ୟରେ ଓଡିଶା ରହିଛି। ବିଧାୟକଙ୍କୁ ଦରମା ଦେବାରେ ସିନା ଓଡିଶା ପ୍ରଥମ ହେଲେ ଗରିବୀରେ ଏହା ଅଷ୍ଟମ ସ୍ଥାନରେ ରହିଛି। ମୁଣ୍ଡ ପିଛା ଆୟରେ ଓଡିଶା ୧୭ଟି ମୁଖ୍ୟରାଜ୍ୟ ଭିତରେ ୧୧ ତମ ସ୍ଥାନରେ ରହିଛି। ଆର୍ଥିକ ଦୃଷ୍ଟିକୋଣରୁ ଏହା ରାଜ୍ୟମାନଙ୍କ ମଧ୍ୟରେ ୧୪ ତମ ସ୍ଥାନରେ ରହିଛି। ଜାତୀୟ ଅର୍ଥନୀତିରେ ଓଡ଼ିଶାର ଜିଡ଼ିପି ୨.୮%। ଦାଦନ ଖଟିବାକୁ ଯୁବକ-ଯୁବତୀମାନେ ବାହାର ରାଜ୍ୟକୁ ଯାଉଛନ୍ତି। ବେକାରୀ ସମସ୍ୟା ଉତ୍କଟ। ନିଯୁକ୍ତି ପ୍ରକ୍ରିୟା ମନ୍ଥର। ଠିକା ନିଯୁକ୍ତିରେ ବିଭିନ୍ନ ସଂସ୍ଥା ଚାଲିଛି।ଲକ୍ଷ ଲକ୍ଷ ଶିକ୍ଷିତ ବେକାର ଥିବା ବେଳେ ଅବସରପ୍ରାପ୍ତଙ୍କୁ ନିଯୁକ୍ତି ଦିଆଯାଉଛି। ପରୀକ୍ଷା ଜାଲିଆତି ବଢି ଚାଲିଛି। ଏସ.ଆଇ. ପରୀକ୍ଷା ଜାଲିଆତିର ଖିଅ ଛିଡୁ ନାହିଁ। ପ୍ରଶ୍ନପତ୍ର ପ୍ରଘଟ ଉପରେ ଲଗାମ୍ ଲାଗି ପାରିନାହିଁ। କୃଷି ଉତ୍ପାଦନରେ ରାଜ୍ୟ ସ୍ୱାବଲମ୍ବୀ ନୁହେଁ। ଆଳୁ, ପିଆଜ, କଦଳୀ, ଅଣ୍ଡା, ମାଛ, ଫଳ ଇତ୍ୟାଦି ବାହାର ରାଜ୍ୟରୁ ଆମଦାନୀ ହୁଏ। ଉତ୍ପାଦନ ବୃଦ୍ଧିପାଇଁ କୌଣସି ଫଳପ୍ରଦ ଯୋଜନା ନାହିଁ ପରି ମନେହୁଏ। ଶିକ୍ଷା ବ୍ୟବସ୍ଥାରେ ସୁଧାର ଆସୁନାହିଁ। ନିୟମିତ ଶିକ୍ଷକ ଅଭାବ ରହିଛି। ସ୍କୁଲ ବନ୍ଦ ହେଉଛି। ଗଣଶିକ୍ଷା କ୍ଷେତ୍ରରେ ପଢ଼ା ଛାଡିବାଙ୍କ ସଂଖ୍ୟା ବଢୁଛି।

ଏପରି ପରିସ୍ଥିତିରେ ଜନତାଙ୍କ ସେବକ କହୁଥିବା ଜନପ୍ରତିନିଧିଙ୍କ ଆଶାତୀତ ଦରମା ବୃଦ୍ଧିକୁ ସାଧାରଣ ଜନତାଙ୍କ ପ୍ରତି ଉପହାସ ପରି ମନେହୁଏ। ଲୋକପ୍ରତିନିଧିମାନେ ଯେଉଁ ଦରମା ଓ ଭତ୍ତା ପାଆନ୍ତି ତାହା ଜନତାଙ୍କ ଟ୍ୟାକ୍ସ ଟଙ୍କାରୁ ପାଆନ୍ତି। ତାଙ୍କ ପଛରେ ଖର୍ଚ୍ଚ ହେଉଥିବା ସମସ୍ତ ଅର୍ଥ ରାଜ୍ୟର ଗରୀବଗୁରୁବାଙ୍କ କଷ୍ଟ ଉପାର୍ଜିତ ଧନ। ତେଣୁ ଏପରି ଦରମା ବୃଦ୍ଧିକୁ ରାଜ୍ୟର ଅନେକ ବିବେକବାନ ଲୋକ ନାପସନ୍ଦ କରିବା ସ୍ୱଭାବିକ। ଦେଖିବାକୁ ଗଲେ ଯେଉଁମାନେ ବିଧାୟକ ହୋଇଛନ୍ତି ସେମାନେ ଗରୀବ ନୁହଁନ୍ତି। ବର୍ତ୍ତମାନର ଓଡ଼ିଶା ବିଧାନସଭାର ସଦସ୍ୟମାନଙ୍କ ମଧ୍ୟରୁ ୧୦୭ ଜଣ କୋଟିପତି। ଏସୋସିଏସନ ଫର ଡେମୋକ୍ରାଟିକ୍ ରିଫର୍ମ ସଂସ୍ଥାର ୨୦୨୪ ରିପୋର୍ଟ ଅନୁଯାୟୀ କେନ୍ଦ୍ର ଲୋକସଭାର ୫୪୩ ଜଣ ସଦସ୍ୟଙ୍କ ମଧ୍ୟରୁ ୫୦୩ ଜଣ ହେଉଛନ୍ତି କୋଟିପତି। ରାଜ୍ୟ ବିଧାନସଭା ମାନଙ୍କରେ ମଧ୍ୟ ସଂଖ୍ୟାଧିକ ଲୋକପ୍ରତିନିଧି ହେଉଛନ୍ତି କୋଟିପତି। ଏମାନଙ୍କ ପାଇଁ ଦରମା ଏକ ସମସ୍ୟା ହୋଇ ନପାରେ। ଦେଶରେ ଗରୀବମାନେ ନିର୍ବାଚନ ଲଢ଼ି ପ୍ରତିନିଧିତ୍ୱ କରିବାର ସମ୍ଭାବନା କ୍ରମେ କମି କମି ଯାଉଛି। ଆସ୍ତେ ଆସ୍ତେ ଧନପତିମାନେ ଏ କ୍ଷେତ୍ରକୁ ଅକ୍ତିୟାର କରିସାରିଲେଣି।

ଏହାର କାରଣ ହେଉଛି ଭାରତୀୟ ଗଣତନ୍ତ୍ରରେ କ୍ରମେ ଅର୍ଥର ପ୍ରଭାବ ବଢିବାରେ ଲାଗିଛି। ଏ କଥା ସମସ୍ତଙ୍କୁ ଜଣା ଯେ ନିର୍ବାଚନ ଆୟୋଗ ପ୍ରାର୍ଥୀଙ୍କ ସର୍ବୋଚ୍ଚ ଖର୍ଚ୍ଚ ସୀମା ଯାହା ନିର୍ଦ୍ଧାରଣ କରିଛନ୍ତି ତାଠାରୁ ବହୁ ଅଧିକ ପରିମାଣର ଟଙ୍କା ଖର୍ଚ୍ଚ କରାଯାଉଛି। ବିପୁଳ ପରିମାଣର କଳା ଟଙ୍କା ବ୍ୟବହାର ହେଉଛି। ଏହି ଟଙ୍କା ମୁଖ୍ୟତଃ ଭୋଟର ମାନଙ୍କୁ ପ୍ରଲୋଭିତ କରିବା ପାଇଁ ବ୍ୟବହାର ହେଉଛି। ପ୍ରଲୋଭନ ଭୋଜିଭାତ ଆୟୋଜନ, ଉପହାର ପ୍ରଦାନ ଅଥବା ମଦମାଂସ ଆପ୍ୟାୟନ ମଧ୍ୟରେ ସୀମିତ ନୁହେଁ। ଏବେ ସିଧାସଳଖ ମୁଣ୍ଡପିଛା ଅର୍ଥ ବଣ୍ଟନକୁ କଥା ଆସିଯାଇଛି। ଜଣେ ସାଧାରଣ ସଚ୍ଚୋଟ କର୍ମୀ ନିକଟରେ ଏହା କରିବା ସମ୍ଭବପର ନୁହେଁ। ଫଳରେ ଦେଶର ରାଜନୈତିକ ବ୍ୟବସ୍ଥା କ୍ରମେ ପୁଞ୍ଜିପତିମାନଙ୍କ ହାତକୁ ଚାଲିଯାଉଛି। ନିର୍ବାଚନ ଏବେ ଏତେ ଖର୍ଚ୍ଚବହୁଳ ହୋଇଯାଇଛି ଯେ ଆର୍ଥିକଭାବେ ଦୁର୍ବଳ ଲୋକମାନେ ପ୍ରତିଦ୍ୱନ୍ଦିତା କରିବା ସମ୍ଭବପର ନୁହେଁ। ଯେଉଁମାନେ ଥରେ ଲୋକପ୍ରତିନିଧି ହେଉଛନ୍ତି ସେମାନେ ଚାହୁଁଛନ୍ତି ପରବର୍ତ୍ତୀ ନିର୍ବାଚନରେ ଖର୍ଚ୍ଚ କରିବା ପାଇଁ ମୋଟା ଅଙ୍କର ଅର୍ଥ ସଞ୍ଚି ରଖିବା ପାଇଁ। ତେଣୁ ସଂଖ୍ୟାଧିକ କୋଟିପତି ଲୋକପ୍ରତିନିଧି ହେଉଥିବାର ଦେଖାଯାଉଛି। କାରଣ ଏମାନେ ନିର୍ବାଚନରେ ବିପୁଳ ପରିମାଣର ଅର୍ଥ ବ୍ୟୟ କରିପାରନ୍ତି। ଏମାନଙ୍କୁ ବିଭିନ୍ନ ରାଜନୈତିକ ଦଳରୁ ମଧ୍ୟ ଟିକେଟ ମିଳେ। ଅନ୍ୟ ପକ୍ଷରେ ରାଜନୈତିକ ଦଳମାନେ ସେହି ଲୋକମାନଙ୍କୁ ଟିକେଟ ଦିଅନ୍ତି ଯେଉଁମାନଙ୍କ ନିକଟରେ ଟଙ୍କା ଅଛି। ଏପରିବି ଅଭିଯୋଗ ଆସେ ଯେ ଗୋଟିଏ ଦଳରୁ ଟିକେଟ ପାଇବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡ଼େ। ଦେଖାଯାଉଛି ଆମ ଗଣତନ୍ତ୍ର କ୍ରମେ ଏକତରଫା ଭାବେ ଧନୀମାନଙ୍କ ହାତକୁ ଚାଲିଯାଉଛି। ଜଣେ ଗରୀବ ଲୋକର ରାଜନୈତିକ ପ୍ରତିଦ୍ୱନ୍ଦିତାରେ କୌଣସି ସ୍ଥାନ ନାହିଁ। ସେ କେବଳ ଭୋଟଦେବ। ପ୍ରତିନିଧିତ୍ୱ କରିବାର କ୍ଷମତା ତା ପାଖରେ ନାହିଁ। ଗଣତନ୍ତ୍ର ଏପରି ଏକ ଶାସନ ବ୍ୟବସ୍ଥା ଯାହା ସମସ୍ତଙ୍କୁ ପ୍ରତିନିଧିତ୍ୱ କରିବାର ସମାନ ସୁଯୋଗ ଦିଏ। କିନ୍ତୁ ଦେଖାଯାଉଛି ପ୍ରଚଳିତ ବ୍ୟବସ୍ଥା ଧନୀକ ବର୍ଗ ପାଇଁ ଅନୁକୂଳ ହେଉଛି ଏବଂ ଗରିବଙ୍କ ପାଇଁ ପ୍ରତିକୂଳ।

ଅନେକ ରାଷ୍ଟ୍ରରେ ପ୍ରାର୍ଥୀମାନଙ୍କ ନିର୍ବାଚନ ଖର୍ଚ୍ଚ ସରକାର ବହନ କରନ୍ତି। ଭାରତବର୍ଷରେ ମଧ୍ୟ ଏପରି ପ୍ରସ୍ତାବ ଆଗରୁ ଆସିଛି। ଏଥିପାଇଁ ପ୍ରଚାର ପ୍ରକ୍ରିୟାରେ ପରିବର୍ତ୍ତନ ଲୋଡା। ଏବେ ପ୍ରାର୍ଥୀମାନେ ମନଇଚ୍ଛା ବେନର ଲଗାଇବା, ପୋଷ୍ଟର ଲଗାଇବା, ପ୍ରଚାର ପତ୍ର ବାଣ୍ଟିବା, କାନ୍ଥରେ ଲେଖିବା, ସଭା ସମିତିର ଆୟୋଜନ କରିବା ଇତ୍ୟାଦି ଉପରେ ଲଗାମ ଲାଗିବା ଉଚିତ। ଏ ସମସ୍ତ କାର୍ଯ୍ୟ ନିର୍ବାଚନ ଆୟୋଗ ବହନ କରିବା ଉଚିତ୍। ବିଭିନ୍ନ ସ୍ଥାନରେ ପ୍ରାର୍ଥୀମାନଙ୍କ ସାମୂହିକ ବେନର, ଅର୍ଥାତ ସମସ୍ତଙ୍କ ଫୋଟ ଓ ନାମ ଥାଇ ଗୋଟିଏ ବେନର ମାରିବା, ସମସ୍ତଙ୍କୁ ନେଇ ଗୋଟିଏ ବିତର୍କ ସଭାର ଆୟୋଜନ କରିବା, କିଏ କଣ କରିବାକୁ ଚାହୁଁଛନ୍ତି ଏହାକୁ ଜଣାଇବା ପାଇଁ ଜଣେ ପ୍ରାର୍ଥୀଙ୍କ ଗୋଟିଏ ପ୍ରଚାରପତ୍ର ଛାପିବା ଏବଂ ଯାତାୟତ ଓ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ସମସ୍ତଙ୍କୁ ସମାନ ଅର୍ଥ ପ୍ରଦାନ କରିବା, ଏହା ଛଡା ରାଜନୈତିକ ଉଦ୍ଦେଶ୍ୟରେ ଆୟୋଜିତ ଭୋଜିଭାତ, ମଦମାଂସ, ଦାନ ଉପହାର ସର୍ବୋପରି ଟଙ୍କା ବଣ୍ଟନକୁ ଦୃଢ଼ଭାବେ ନିୟନ୍ତ୍ରଣ କରାଯିବା ଉଚିତ୍। ଏକ ଶୁଦ୍ଧ ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରତିଷ୍ଠା କରିବା ପାଇଁ ସମସ୍ତ ମହଲରୁ ଚେଷ୍ଟା ହେବା ଉଚିତ୍। ଖର୍ଚ୍ଚ ବହୁଳ ନିର୍ବାଚନ ପ୍ରକ୍ରିୟା ଧନୀ ଲୋକ ପ୍ରତିନିଧିଙ୍କ ଆବିର୍ଭାବର ଅନ୍ୟତମ କାରଣ।

ଗଣତନ୍ତ୍ରରେ ଲୋକପ୍ରତିନିଧିମାନେ ହେଉଛନ୍ତି ସ୍ୱୀକୃତିପ୍ରାପ୍ତ ସେବକ। ଜନସେବା ତାଙ୍କ ପରମଧର୍ମ ଓ ନୈତିକ କର୍ତ୍ତବ୍ୟ। ତାଙ୍କର ପ୍ରତ୍ୟେକଟି କାର୍ଯ୍ୟକଳାପ ସାଧାରଣ ଜନତାଙ୍କ ମଙ୍ଗଳ ପାଇଁ ଉଦ୍ଦିଷ୍ଟ। ସେମାନେ ରାଜାର ପ୍ରତିରୂପ ନୁହଁନ୍ତି, ସେମାନେ ସାଧାରଣ ଜନତା ଭିତରୁ ଜଣେ ଜଣେ। ସାଧାରଣ ଓ ସରଳ ଜୀବନଯାପନ ଶୈଳୀ ତାଙ୍କୁ ଶୋଭାପାଏ। ରାଜକୀୟ ଠାଣିରୁ ସେମାନେ ଦୂରେଇ ରହିବା ଉଚିତ୍। ରାଜକୀୟ ପ୍ରାସାଦରେ ରହିବା, ଦାମୀଗାଡି ଚଢିବା, ବିଳାସବ୍ୟସନ ଜୀବନ ଯାପନ ତାଙ୍କ ସେବା ମନୋବୃତ୍ତିକୁ ବ୍ୟାହତ କରେ। ଓଡିଶା ପରି ଅନଗ୍ରସର ରାଜ୍ୟ ପାଇଁତ ଏହା ଆଦୌ ଗ୍ରହଣୀୟ ନୁହେଁ। ପୂର୍ବରୁ ଯେଉଁ ଦରମା ହାର ଓଡିଶା ବିଧାୟକଙ୍କ ଥିଲା ତାହା ଯଥେଷ୍ଟ। ରାଜ୍ୟର ବିକାଶ ପାଇଁ ଅନେକ କିଛି କରିବାର ଅଛନ୍ତି। ଶିକ୍ଷା-ସ୍ୱାସ୍ଥ୍ୟର ବିକାଶ, କୃଷିର ବିକାଶ, ଭ୍ରଷ୍ଟାଚାର ମୁକ୍ତ ଶାସନର ପ୍ରତିଷ୍ଠା, ପର୍ଯ୍ୟଟନର ବିକାଶ, ବୈଜ୍ଞାନିକ ଗବେଷଣାର ବିକାଶ, ନିଶାନିବାରଣ ଇତ୍ୟାଦି କ୍ଷେତ୍ରରେ ତାଙ୍କ ମନନିବେଶ ରାଜ୍ୟକୁ ଏକ ଉଚ୍ଚ ଶିଖରକୁ ନେଇଯିବ। ଗରୀବ ଜନତାଙ୍କ ଟ୍ୟାକ୍ସ ଟଙ୍କାକୁ ଏଦିଗରେ ଖର୍ଚ୍ଚକଲେ ଏହା ଅଧିକ ଉପାଦେୟ ହେବ।

+ବାରିପଦା, ମୟୂରଭଞ୍ଜ,
ମୋ: ୭୦୦୮୯୭୬୧୮୦



# ନୀତିଶିକ୍ଷା ବିହୀନ ଶିକ୍ଷାନୀତି

ଶ୍ରୀବତ୍ସ ନାୟକ

ଯେ କୌଣସି ସଭ୍ୟତାର ସାଂସ୍କୃତିକ ଭାବଧାରା ଏବଂ ରାଷ୍ଟ୍ରର ଆଦର୍ଶ, ସେହିସବୁ ରାଷ୍ଟ୍ରର ମୌଳିକ ପ୍ରତିଷ୍ଠାନ ଏବଂ ଅନୁସୃତ ଅଭ୍ୟାସର ପ୍ରତିଫଳନ । ବାସ୍ତବରେ ଏକ ସଭ୍ୟ ସମାଜର ସୃଷ୍ଟି, ବିକାଶ, ଜୀବିକା ନିର୍ବାହ ଏବଂ ସମ୍ପ୍ରଦାୟର ସାଂସ୍କୃତିକ ବିକାଶ ଲକ୍ଷ୍ୟରେ ବିଦ୍ୟାଳୟ ପ୍ରତିଷ୍ଠାନ ଓ ଶିକ୍ଷା ପଦ୍ଧତି ପ୍ରଚଳନ କରାଯାଇଥିଲା । ଏହା ଆମ ଦେଶରେ ମଧ୍ୟ ଘଟିଛି । ଭାରତ ଶିକ୍ଷା ବ୍ୟବସ୍ଥାକୁ ସର୍ବଦା ଗୁରୁତ୍ୱ ଦେଇ ଆସିଅଛି। ଭାରତୀୟ ଶିକ୍ଷା ବ୍ୟବସ୍ଥା ଏହାର ସମୃଦ୍ଧ, ସଂସ୍କୃତି ଓ ଐତିହ୍ୟ ଉପରେ ଆଧାରିତ । ପ୍ରାଚୀନ ଭାରତର ସର୍ବ ପ୍ରଥମ ଆରମ୍ଭ ହୋଇଥିବା ଶିକ୍ଷା ବ୍ୟବସ୍ଥା ହେଉଛି ବୈଦିକ ଶିକ୍ଷା ବ୍ୟବସ୍ଥା । ଏହି ବ୍ୟବସ୍ଥାରେ ଶୈକ୍ଷିକ ତତ୍ତ୍ୱ ଓ ପ୍ରୟୋଗ ଥିଲା ନିଆରା। ଏଥିରେ ଜୀବନ ଧାରଣର ଜ୍ଞାନ ନଥିଲା ବରଂ ଥିଲା ଆତ୍ମାର ସମ୍ପୂର୍ଣ୍ଣ ଅନୁଭୂତି । ବୈଦିକ ଶିକ୍ଷାର ଏହି ଗୁରୁକୁଳ ବ୍ୟବସ୍ଥା, ଗୁରୁ ଓ ଶିଷ୍ୟ ମଧ୍ୟରେ ଏକ ବନ୍ଧନ ସୃଷ୍ଟି କରି ଶିକ୍ଷକ କୈନ୍ଦ୍ରିକ ବ୍ୟବସ୍ଥାକୁ ପ୍ରତିଷ୍ଠିତ କରିଥିଲା; ଯେଉଁଠି ଶିଷ୍ୟକୁ କଠୋର ଅନୁଶାସନ ପାଳନ କରିବାକୁ ପଡୁଥିଲା ଏବଂ ଗୁରୁଙ୍କ ଦାୟିତ୍ୱ ନିର୍ବାହ କରିବା ପାଇଁ ଶିକ୍ଷାର୍ଥୀ ବାଧ ହେଉଥିଲା । ସେ ସମୟରେ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଶିକ୍ଷା ଗ୍ରହଣର ବ୍ୟବସ୍ଥା ଥିଲା । ପ୍ରାଥମିକ ସ୍ତରରେ ଜୀବନ ବଞ୍ଚିବାର ଶିକ୍ଷା ଓ ଦୈନନ୍ଦିନ ଜୀବନ ଚର୍ଯ୍ୟାର କାର୍ଯ୍ୟସୂଚୀ ଶିକ୍ଷା ଗ୍ରହଣର ବ୍ୟବସ୍ଥା ଥିଲା । ଏହା ଜୀବନ ପାଇଁ ଏକ ପ୍ରସ୍ତୁତି ପର୍ବ ଥିଲା । ଜ୍ଞାନକୁ 'ତୃତୀୟ ନେତ୍ର' ଭାବେ ବିବେଚନା କରାଯାଉଥିଲା; ଯାହା ଜୀବନର ସମସ୍ତ ବ୍ୟାପାରରେ ଅନ୍ତର୍ଦୃଷ୍ଟି ପ୍ରଦାନ କରୁଥିଲା। ଆମର ପୂର୍ବଜମାନେ ଭାବୁଥିଲେ, 'ଶିକ୍ଷା ଦ୍ୱାରା ବିକଶିତ ସଠିକ ଅନ୍ତର୍ଦୃଷ୍ଟି, ବିଜ୍ଞତା ବୃଦ୍ଧିକରେ; ଯାହାକୁ ଆମେ 'ଶକ୍ତି ଓ ଦକ୍ଷତା' ବୋଲି ବିବେଚନା କରିଥାଉ । ଏହା ଦ୍ୱାରା ସର୍ବାଙ୍ଗୀନ ବିକାଶ, ପ୍ରଗତି ଏବଂ ଜୀବନର ତାଡ଼ନାରୁ ମୁକ୍ତି ମିଳେ। ମଣିଷର ସବୁ ସୁଖର ମୂଳ କାରଣ ହେଉଛି ଶିକ୍ଷା । ଏହାକୁ ଦକ୍ଷତା ବୃଦ୍ଧିର କାରକ ଭାବେ ବିଶ୍ୱାସ କରାଯାଉଥିଲା; ଯାହା ବ୍ୟକ୍ତିକୁ ନାମ, ଯଶ, ସମ୍ମାନ, ଧର୍ମୀୟ, ସାମାଜିକ ଓ ପାରିବାରିକ କର୍ତ୍ତବ୍ୟ ଠିକ୍ ଭାବେ ସମ୍ପାଦନ କରିବାରେ ସହାୟକ ହେଉଥିଲା। ଏହା ଶେଷରେ ମୁକ୍ତି ପ୍ରଦାନ କରୁଥିଲା। ଭାରତୀୟ ଶିକ୍ଷା ବ୍ୟବସ୍ଥାର ମହାନୀୟତାର ପ୍ରମାଣ ସ୍ୱରୂପ ଖ୍ରୀ.ପୂ. ୭୦୦ରେ ତକ୍ଷଶୀଳାରେ ପୃଥିବୀର ପ୍ରଥମ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠିତ ହୋଇଥିଲା ଓ ଚତୁର୍ଥ ଶତାବ୍ଦୀରେ ପ୍ରତିଷ୍ଠିତ ହୋଇଥିବା ନାଳନ୍ଦା ବିଶ୍ୱବିଦ୍ୟାଳୟ ପୃଥିବୀର ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ମଧ୍ୟରେ ଥିଲା ଅନ୍ୟତମ। ଯେଉଁଠାରେ ବିଜ୍ଞାନ, ଜ୍ୟୋତିର୍ବିଜ୍ଞାନ, ଭେଷଜ, ତର୍କଶାସ୍ତ୍ର, ଦର୍ଶନ, ଯୋଗଶାସ୍ତ୍ର, ବୌଦ୍ଧଶାସ୍ତ୍ର ଏବଂ ବୈଦେଶୀ ଦର୍ଶନ ଆଦି ଶିକ୍ଷା ଦିଆଯାଉଥିଲା । ରାଷ୍ଟ୍ରୀୟ ସୀମାକୁ ଅତିକ୍ରମକରି ନାଳନ୍ଦା ବିଶ୍ୱବିଦ୍ୟାଳୟ, ଚୀନ, ଇଣ୍ଡୋନେସିଆ, କୋରିଆ, ଜାପାନ, ପର୍ସିଆ, ତୁର୍କୀ, ଓ ପୃଥିବୀର ଅନ୍ୟପ୍ରାନ୍ତରୁ ଛାତ୍ରମାନଙ୍କୁ ଆକର୍ଷଣ କରିଥିଲା । ଭାରତୀୟ ବିଦ୍ୱାନ ଚରକ, ଶୁଶ୍ରୁତ, ଆର୍ଯ୍ୟଭଟ୍ଟ, ଭାସ୍କରାଚାର୍ଯ୍ୟ, ଚାଣକ୍ୟ, ପତଞ୍ଜଳି ଓ କେତେକ ବିଦ୍ୱାନଗଣ ଗଣିତଶାସ୍ତ୍ର, ଜ୍ୟୋତିଷଶାସ୍ତ୍ର, ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଭେଷଜବିଜ୍ଞାନ, ଶଲ୍ୟ ବିଜ୍ଞାନ, ଲଳିତକଳା, ଯାନ୍ତ୍ରିକ ଏବଂ ଉତ୍ପାଦନ ପ୍ରଯୁକ୍ତି ବିଦ୍ୟା, ସିଭିଲ୍ ଇଂଜନିଅରିଙ୍ଗ୍, ବାସ୍ତୁକଳା, ଜାହାଜ ନିର୍ମାଣ, ନୌପରିବହନ ଓ କ୍ରୀଡା ଆଦି କ୍ଷେତ୍ରରେ ପୃଥିବୀର ଜ୍ଞାନ ବ୍ୟବସ୍ଥାକୁ ବହୁମୂଲ୍ୟ ଅବଦାନ ଦେଇଛନ୍ତି । ଔପନିବେଶବାଦ ସମୟରେ ଭାରତ ବର୍ଷରେ ସଞ୍ଚାଳିତ ଏହି ପାରମ୍ପରିକ ଶିକ୍ଷାନୀତିକୁ ଇଂରେଜ ମାନେ ବିପର୍ଯ୍ୟୟ କରି ଏକ ବସ୍ତୁବାଦୀ ବ୍ୟବସାୟାତ୍ମକ ଶିକ୍ଷା ପଦ୍ଧତି ପ୍ରଚଳିତ କରିଥିଲେ । ତତ୍କାଳୀନ ଭାରତୀୟ ଶିକ୍ଷା ବ୍ୟବସ୍ଥା, ହଣ୍ଟର କମିଶନ (୧୮୮୨), ରାଲେ କମିଶନ (୧୯୦୨), ସାପ୍ରୁ କମିଶନ(୧୯୩୪), ୱାର୍ଦ୍ଧା ଯୋଜନା (୧୯୩୭)ଙ୍କ ସୁପାରିଶ କ୍ରମେ ପ୍ରଚଳିତ ହୋଇଥିଲା । ଫଳସ୍ୱରୂପ ଛାତ୍ରଛାତ୍ରୀ ମାନେ କ୍ରମଶଃ ନୀତିନିଷ୍ଠ ମାର୍ଗରୁ ବିଚ୍ୟୁତ ହୋଇ ଉପାର୍ଜନ କ୍ଷମ ହେବାକୁ ଲାଗିଲେ। ସ୍ୱାଧିନତା ସଂଗ୍ରାମ ସମୟରେ ମଧ୍ୟ ଅନେକ ନେତା ଯଥା ଗୋଖଲେ, ରାମମୋହନ ରାୟ, ପଣ୍ଡିତ ମଦନ ମୋହନ ମାଲବ୍ୟ, ମହାତ୍ମା ଗାନ୍ଧୀ ମଧ ଭାରତରେ ଶିକ୍ଷାର ପ୍ରଚାର ପ୍ରସାର ନିମନ୍ତେ କାର୍ଯ୍ୟ କରିଥିଲେ । ସ୍ୱାଧୀନ ଭାରତରେ ଶିକ୍ଷାର ପ୍ରଚାର ପ୍ରସାର ତଥା ଗୁଣାତ୍ମକ ଶିକ୍ଷା ପ୍ରଦାନ ନିମନ୍ତେ ସବୁ ସ୍ତରରେ ଗୁଣାତ୍ମକ ଉନ୍ନତି, ବିଜ୍ଞାନ ଓ ବୈଷୟିକ ବିଜ୍ଞାନର ଉନ୍ନତି, ସାମାଜିକ ମୂଲ୍ୟର କର୍ଷଣ ନିମନ୍ତେ ଭାରତରେ ବିଶ୍ୱବିଦ୍ୟାଳୟ ଶିକ୍ଷା କମିଶନ (୧୯୪୮- ୪୯), ରାଧାକ୍ରିଷ୍ଣନ ଶିକ୍ଷା କମିଶନର (୧୯୪୮), ମୁଦାଲୀୟାର କମିଶନର (୧୯୫୨), କୋଠାରୀ କମିଶନ (୧୯୬୪), ୟାଶପାଲ କମିଟି (୧୯୮୨)ଙ୍କ ସୁପାରିଶ କ୍ରମେ ଶିକ୍ଷା ବ୍ୟବସ୍ଥା ପ୍ରଚଳିତ ହୋଇଥିଲା ।

ପ୍ରଗତିଶୀଳ ଶିକ୍ଷା ବ୍ୟବସ୍ଥା ମାଧ୍ୟମରେ ଉନ୍ନତରାଷ୍ଟ୍ରର ପରିକଳ୍ପନା କରି ଅଧୁନା ଭାରତ, ସୁ-ଦୃଢ, ସୁ-ସଂଯତ ଓ ସୁ-ସଂଗଠିତ ଶିକ୍ଷାନୀତି ସ୍ୱରୂପ ; ଜାତୀୟ ଶିକ୍ଷା ନୀତି ୨୦୨୦ ପ୍ରଚଳିତ କରି ବିଶ୍ୱଗୁରୁ ଆଡକୁ ଅଗ୍ରସର ହେବାକୁ ଲକ୍ଷ୍ୟ ରଖିଛି। ଶ୍ରୀ ଅରବିନ୍ଦଙ୍କ ଶବ୍ଦରେ, ଭାରତୀୟମାନଙ୍କର ସୁଦୃଢ ବିଶ୍ୱାସ ହେବା ଉଚିତ ଯେ ଭାରତ ଜାଗିବ, ମହାନ ହେବ ଏବଂ ଯାହା କିଛି ଘଟେ, ସବୁ କଠିନତା ସମସ୍ୟା ସେମାନଙ୍କୁ ନିଷ୍ଚୟ ସାହାଯ୍ୟ ଦେବ ଏବଂ ସେମାନଙ୍କ ଉଦ୍ଦେଶ୍ୟକୁ ସାକାର କରିବାକୁ ସାହାଯ୍ୟ କରିବ। ଅନ୍ଧକାର ସମାପ୍ତ ହେବ ଏବଂ ଦିଗବଳୟର ସୂର୍ଯ୍ୟୋଦୟ ହେବ। ଭାରତର ଭାଗ୍ୟ ସୂର୍ଯ୍ୟୋଦୟ ହେବ ଏବଂ ସାରା ଭାରତକୁ ଆଲୋକରେ ପୂର୍ଣ୍ଣ କରି ଏସିଆ ଏପରିକି ବିଶ୍ୱକୁ ଆଲୋକିତ କରିବ । ଏହାପରେ ଅବଶିଷ୍ଟ ଏକବିଂଶ ଶତାବ୍ଦୀ ହେବ ଭାରତର'। ଆଜି ଅରବିନ୍ଦଙ୍କର ବାଣୀ ସତ୍ୟ ହେବାକୁ ଯାଉଛି । ପ୍ରଧାନମନ୍ତ୍ରୀ ଦୃଢୋକ୍ତି ପ୍ରକାଶ କରିଛନ୍ତି ଯେ ୨୦୪୭ ମସିହାରେ ଭାରତ ଯେତେବେଳେ ସ୍ୱାଧୀନତାର ଶତବାର୍ଷିକୀ ଉତ୍ସବ ପାଳନ କରୁଥିବ ସେତେବେଳେ ଭାରତର ଜ୍ଞାନ ସାରା ବିଶ୍ୱକୁ ଆଲୋକିତ କରୁଥିବ । ଏକଦା ମହାତ୍ମା ଗାନ୍ଧୀ କହିଥିଲେ, ପ୍ରକୃତ କଠିନତା ହେଉଛି ଯେ, ଲୋକମାନେ ପ୍ରକୃତ ଶିକ୍ଷା କ'ଣ ଜାଣିନାହାନ୍ତି । ଆମେ ଜମିର ମୂଲ୍ୟ ବା ଷ୍ଟକ୍ ଏକ୍ସଚେଞ୍ଜରେ ସେୟାରର ମୂଲ୍ୟ ଯେମିତି ନିରୂପଣ କରୁ, ସେମିତି ଶିକ୍ଷାର ମୂଲ୍ୟ କଳନା କରୁ । ଆମେ ସେହି ଶିକ୍ଷା ଦେବାକୁ ଚାହୁଁ ଯାହା ଛାତ୍ରକୁ ଅଧିକ ଉପାର୍ଜନକ୍ଷମ କରିବ, ଆମେ ତାର ଚରିତ୍ରର ବିକାଶ ଉପରେ ମୋଟେ ଧ୍ୟାନ ଦେଉନାହିଁ ନାହୁଁ । ସମୟ ବଦଳିଛି । ଶିକ୍ଷାନୀତି ବଦଳିଛି କିନ୍ତୁ ଶିକ୍ଷାର ଯେଉଁ ପରା ଓ ଅପରା ତତ୍ତ୍ୱ ରହିଛି ସେଥିରୁ ଶିକ୍ଷାର ମୌଳିକ ତତ୍ତ୍ୱ (ପରା ତତ୍ତ୍ୱ) ଠାରୁ ଆଧୁନିକ ଶିକ୍ଷା ବ୍ୟବସ୍ଥା ଏକରକମ ଦୂରେଇ ଯାଇଛି। ପରା ବିଦ୍ୟାର ଯେଉଁ ନୀତିଶିକ୍ଷା, ନୈତିକତା ମୁଲ୍ୟବୋଧ ଓ ଆଧ୍ୟାତ୍ମ ତତ୍ତ୍ୱ ଥିଲା ତାହା ଆଧୁନିକ ଶିକ୍ଷା ବ୍ୟବସ୍ଥାରେ ଆଉ ଦେଖିବାକୁ ମିଳୁନି। 'ସା ବିଦ୍ୟା ଯା ବିମୁକ୍ତଇର' ଅର୍ଥାତ୍ ଯାହା କାମନା ବାସନା ଅହଙ୍କାରରୁ ମୁକ୍ତି ପ୍ରଦାନ କରେ ତାହା ଶିକ୍ଷା କିନ୍ତୁ ଅଧୁନା, ସା ବିଦ୍ୟା ଯା **nujiktaye** ହୋଇଛି ଅର୍ଥାତ୍ ଯାହା ଚାକିରୀ ପ୍ରଦାନ କରେ ତାହା ଶିକ୍ଷା ଭାବେ ପ୍ରତୀୟମାନ ହେଉଛି । ଚାକିରୀ ପାଇବା ପାଇଁ ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥା ବେଶ୍ ଗୁରୁତ୍ୱ ବହନ କରୁଛି । ଦୀର୍ଘ ଦିନର ଇଂରେଜ୍ ଶାସନର କୁପରିଣାମ ସ୍ୱରୂପ ଭାରତରେ ଶିକ୍ଷା କେବଳ ନିଯୁକ୍ତି ସୃଷ୍ଟି କରିବାର ସୀମିତ ହୋଇଯାଇଛି ।

ଶିକ୍ଷାର ଲକ୍ଷ୍ୟ ଚାକିରୀ ସର୍ବସ୍ୱ ହେବାରୁ ଶିକ୍ଷା ବ୍ୟବସାୟୀକରଣ ହୋଇଗଲାଣି । (କ୍ରମଶଃ)

ଅଧ୍ୟାପକ, ବାଣିଜ୍ୟ ବିଭାଗ,
ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ,
କଟକ




## ୭୭ତମ ସାଧାରଣତନ୍ତ୍ର ଦିବସ

### କୃଷ୍ଣା ପ୍ରଧାନ



ଆମ ସମ୍ବିଧାନ ପ୍ରଣୟନ ହେଲା ଜାନୁଆରୀ
ଛବିଶି
ମସିହା ଉଣେଇଶ ପଚାଶ
ସ୍ମରଣ ରଖିବାକୁ ଦେଶ ପାଳୁଛି ଆଜି
ସତସ୍ତରୀ ତମ ସାଧାରଣତନ୍ତ୍ର ଦିବସ ।

ତିନୋଟି ରଂଗର ତ୍ରିରଂଗା ଆମର
ଫରଫର ହୋଇ ଆକାଶେ ଉଡ଼ଇ
ଆଜି ଏ ଦେଶର ଏକତା ପ୍ରତୀକ
ତ୍ୟାଗ ବଳିଦାନ କାହାଣୀ ଗାଇ ।

ତିନିଗୁଣ ତିନିରଂଗ ସେ ବଖାଣେ
ଶକ୍ତି, ଶାନ୍ତି ମୈତ୍ରୀ ଭାବକୁ ବୁଝାଏ
କେଶରୀ, ଧବଳ, ସବୁଜ ରଂଗରେ
ଅଶୋକ ଚକ୍ରଟି ମଝିରେ ଥାଏ ।

ବୀର, ବୀରଙ୍ଗନାଙ୍କ ବଳିଦାନ
କହଇ ତ୍ରିରଂଗା ଅତୀତ କଥା
କେଶରୀ ରଂଗଟି ବୀରତା ବୁଝାଏ
ଗାଏ ଦେଶ ଇତିହାସର ଗାଥା ।

ଧବଳ ରଂଗଟି ସୂଚାଏ ଶାନ୍ତି
ଶାନ୍ତିପ୍ରିୟ ଆମ ଭାରତେ
ତା ମଧ୍ୟେ ଚକ୍ରଟି ଥାଇ କହୁଥାଏ
ମିଥ୍ୟାକୁ ସର୍ବଦା ସତ୍ୟହିଁ ଜିତେ ।

ସବୁଜ ଚିହ୍ନଟି ସମତାର ଭାବ
ଦେଶ ପ୍ରଗତିର ସୂଚକ ସିଏ
ଶକ୍ତି, ଶାନ୍ତି ଓ ମୈତ୍ରୀର ପ୍ରତୀକ
ସମସ୍ତଙ୍କୁ ତାହା ସୂଚାଇ ଥାଏ

+ଚାନ୍ଦମାରୀ ପଡ଼ିଆ,
ବାଲେଶ୍ୱର

## ଜାନୁଆରୀ ଛବିଶି

### ଦଶରଥ ମାଝୀ

ମାଘମାସରେ ପହଞ୍ଚି ଗଲା
ଜାନୁଆରୀ ଛବିଶି
ତ୍ରିରଙ୍ଗା ତଳେ ଠୁଳ ହୋଇବେ
ସବେ ଭାରତ ବାସୀ (୧)

ଜନ ଗଣକୁ ଗାଇବେ ସଭେ
ହୋଇକି ସଭେ ଧାଡି
ଭକ୍ତି ଶ୍ରଦ୍ଧାରେ ସ୍ଲୋଗାନ ଦେଇ
ଦେବେରେ ସର୍ବେ ରଡି (୨)

ନୀଳ ଗଗନେ ନେତ ଉଡ଼ିବ
ଦେବ ଶାନ୍ତି ବାରତା
ଭାରତ ଲୋକ ତା ପାଦ ତଳେ
ଗାଇ ବିଜୟ ଗାଥା (୩)

ଭାରତ ମାତା ସ୍ୱାଧୀନ ହେଲା
ଏହା ହିଁ ଆମ ଗର୍ବ
ସଭିଙ୍କ ଘରେ ଝଣ୍ଡା ଉଡ଼ିବ
ଦେଶର ମହାପର୍ବ (୪)

ଇଂରେଜ ମାନେ ଶାସନ ଛାଡି
ଦେଶରୁ ଗଲା ପଳାଇ
ସମ୍ବିଧାନଟି କାର୍ଯ୍ୟ ହୋଇଲା
ଭାରତ ଲୋକ ପାଇଁ (୫)

କୁରୁମାଚୁଆଁ, ଭବାନୀପାଟଣା,
କଳାହାଣ୍ଡି
ମୋ :୮୨୪୯୨୧୨୪୭୨

# ଭାରତୀୟ ସମ୍ବିଧାନ ବନାମ ଗଣତନ୍ତ୍ର ଦିବସ



ଡକ୍ଟର ଲକ୍ଷ୍ମଣ ସାହୁ



ଆମ ଦେଶ ଜାନୁଆରୀ ୨୬ରେ ୭୬ତମ ସାଧାରଣ ତନ୍ତ୍ର ଦିବସ ପାଳନ କରିବାକୁ ଯାଉଛି । ୧୯୫୦ ଜାନୁୟାରୀ ୨୬ରେ ଦେଶରେ ସମ୍ବିଧାନ ଲାଗୁ ହୋଇଥିବାରୁ ଏହି ଦିନକୁ ଗଣତନ୍ତ୍ର ବା ସାଧାରଣତନ୍ତ୍ର ଦିବସ ରୂପେ ପାଳନ କରାଯାଉଛି । ଏହି ଅବସରରେ ରାଜଧାନୀ ଦିଲ୍ଲୀ ଠାରୁ ଆରମ୍ଭ କରି ପଲ୍ଲୀ ପର୍ଯ୍ୟନ୍ତ ସବୁଠି ତ୍ରିରଙ୍ଗା ଉତ୍ତୋଳନ କରାଯିବା ସହିତ ସମ୍ବିଧାନ କାର୍ଯ୍ୟକାରୀ ହେବାର ସେହି ମଧୁର ସ୍ମୃତିକୁ ଦେଶବାସୀ ସ୍ମରଣ କରିଥାନ୍ତି । ସାଧାରଣ ତନ୍ତ୍ର ଦିବସ ସହ ଜଡ଼ିତ କିଛି ଗୁରିତ୍ୱପୂର୍ଣ୍ଣ ତଥ୍ୟକୁ ସ୍ମରଣ କରିବାର ଶୁଭ ମୁହୂର୍ତ୍ତ , ଯାହା ଅବିସ୍ମରଣୀୟ । କାରଣ ଭାରତୀୟ ସମ୍ବିଧାନ ହେଉଛି ଭାରତର ସର୍ବୋଚ୍ଚ ବିଧି ।

ଗଣତନ୍ତ୍ରର ଏହି ସମ୍ବିଧାନକୁ ବୁଝିବାକୁ ହେଲେ ହେଲେ ପ୍ରଥମେ ଆମକୁ ବୁଝିବାକୁ ପଡ଼ିବ ଗଣତନ୍ତ୍ରି କଣ ? ଏଭଳି ପ୍ରଶ୍ନର ଉତ୍ତର ଆମେରିକା ରାଷ୍ଟ୍ରପତି ଆବ୍ରହମ ଲିଙ୍କନ ବଡ଼ ସରଳ ଭାଷାରେ ଦେଇଛନ୍ତି । ଲିଙ୍କନଙ୍କ ଭାଷାରେ 'ଗଣତନ୍ତ୍ର ଏପରି ଏକ ଶାସନ ବ୍ୟବସ୍ଥା, ଯାହା ଲୋକମାନଙ୍କ ଦ୍ୱାରା, ଲୋକମାନଙ୍କ ନିମିତ୍ତ ଓ ଲୋକମାନଙ୍କର ହିତରେ ପ୍ରସ୍ତୁତ କରା ଯାଇଥାଏ' ।

ତେବେ ଆଜିର ତାରିଖରେ ଭାରତକୁ ବାଦ ଦେଇ ପୃଥିବୀରେ ଦୁଇ ସଫଳ ଗଣତନ୍ତ୍ରୁ କହିଲେ, ଲିଖିତ ସମ୍ବିଧାନ ଶୂନ୍ୟ ବ୍ରିଟେନ ଓ ସବୁଠାରୁ ସଂକ୍ଷିପ୍ତ ଲିଖିତ ସମ୍ବିଧାନ ଗ୍ରହଣ କରିଥିବା ଯୁକ୍ତରାଷ୍ଟ୍ର ଆମେରିକାକୁ ବୁଝାଇଥାଏ । ବ୍ରିଟେନରେ ସଂସଦ ଦୁଇଟି ଗୃହରେ ବିଭକ୍ତ ଓ ଯୁକ୍ତରାଷ୍ଟ୍ର ଆମେରିକାରେ ମଧ୍ୟ ଅନୁରୂପ ବ୍ୟବସ୍ଥାରେ ପ୍ରଚଳିତ । ବ୍ରିଟେନରେ ପ୍ରଧାନମନ୍ତ୍ରୀ ଓ ଆମେରିକାରେ ରାଷ୍ଟ୍ରପତି ଶାସନମୁଖ୍ୟ ଅଟନ୍ତି । କିନ୍ତୁ ଆମ ଦେଶରେ ପ୍ରଥମ ନାଗରିକ ମହାମହିମ ରାଷ୍ଟ୍ରପତି ଲୋକମାନଙ୍କ ଦ୍ୱାରା ପରୋକ୍ଷ ପଦ୍ଧତିରେ ନିର୍ବାଚିତ ହୋଇଥାନ୍ତି ।

ଗଣତନ୍ତ୍ର ହେଉଛି ଇଂରାଜୀ ଶବ୍ଦ ଡେମୋକ୍ରାସି' ଯାହାର ଓଡିଆ ଭାଷାନ୍ତର । ଡେମୋକ୍ରାସି ଶବ୍ଦଟି ଗ୍ରୀକ ଶବ୍ଦରୁ ଆସିଅଛି । 'ଡେମୋସ'ର ଅର୍ଥ ଲୋକ ବା ଜନସାଧାରଣ ଓ 'କ୍ରାଟୋସ'ର ଅର୍ଥ ଶାସନ ବ୍ୟବସ୍ଥା । ତେଣୁ ଡେମୋକ୍ରାସିର ଅର୍ଥ 'ଲୋକମାନଙ୍କର ଶାସନ ବା ସରକାର'କୁ ବୁଝାଇଥାଏ । ଗଣତନ୍ତ୍ର ଏକ ଲୋକପ୍ରିୟ ଶାସନ ବ୍ୟବସ୍ଥା ବୋଲି ଧରାଯାଏ ।

୧୯୪୭ ଅଗଷ୍ଟ ୧୫ ଭାରତ ସ୍ୱାଧୀନତା ପ୍ରାପ୍ତି ପରେ ୧୯୪୯ ନଭେମ୍ବର ୨୬ ରେ ସମ୍ବିଧାନ ପ୍ରଣୟନ ସଭା ଦ୍ୱାରା ଗୃହୀତ ହୋଇଥିଲେ ମଧ୍ୟ ପୂର୍ଣ୍ଣ ସ୍ୱରାଜ୍ୟ ଘୋଷଣାର ଦିନ ଜାନୁଆରୀ ୨୬ କୁ ସ୍ମରଣୀୟ କରି ରଖିବା ପାଇଁ ଭାରତ ସରକାର ଆନୁଷ୍ଠାନିକ ଭାବେ ୧୯୫୦ ଜାନୁଆରୀ ୨୪ ରେ ସମ୍ବିଧାନର ଉଭୟ ହିନ୍ଦୀ ଓ ଇଂରେଜୀରେ ଦେବାକୁ କହିଥିଲେ । ସେହି ଦିନ 'ଜନ ଗଣ ମନ ଅଧିନାୟକ'କୁ ମଧ୍ୟ ଜାତୀୟ ସଂଗୀତର ପୂର୍ଣ୍ଣ ମର୍ଯ୍ୟାଦା ସହକାରେ ମାନ୍ୟତା ଦିଆଯାଇଥିଲା । ସେଦିନରେ ଏଭଳି ଗୁରୁତ୍ୱପୂର୍ଣ୍ଣ ଚୂଡ଼ାନ୍ତ ନିଷ୍ପତ୍ତି ଅନୁଯାୟୀ "ସଂବିଧାନ ପ୍ରଣୟନ ସଭା' ୧୯୫୦, ଜାନୁଆରୀ ୨୬ରୁ "ପ୍ରୋଭିଜନାଲ ପାର୍ଲିଆମେଣ୍ଟ" ବା ପ୍ରୋଭିଜନାଲ ଲୋକସଭା ନାମରେ କ୍ଷମତାସୀନ ହେଲା । ୧୯୫୦ ଜାନୁଆରୀ ୨୬ ତାରିଖରେ ବ୍ରିଟିଶ ସାମ୍ବିଧାନିକ ବ୍ୟବସ୍ଥାର ଅପସାରଣ ହୋଇ ଭାରତ ଏକ ସାର୍ବଭୌମ ଗଣତାନ୍ତ୍ରିକ ରାଷ୍ଟ୍ରରେ ପରିଣତ ହେବା ସହ ଏକ ଲିଖିତ ସମ୍ବିଧାନ କାର୍ଯ୍ୟକାରୀ ହୋଇଥିଲା । ତେଣୁ ଏହି ଦିନଟିକୁ ସାଧାରଣତନ୍ତ୍ର ଦିବସ ରୂପେ ପାଳନ କରାଯାଉଛି ।

ସମ୍ବିଧାନର ଅତୀତର ଇତିହାସ ଓ ମହତ୍ତ୍ୱ କଥା ଯଦି କହିବା ତାହେଲେ ଅଥାର୍ଥ ୧୯୪୭ ମସିହାରରେ ଭାରତର ପ୍ରଥମ ଆଇନ ମନ୍ତ୍ରୀ ଭାବେ ଭୀମରାଓ ରାମଜୀ ଆମ୍ବେଦକର ସମ୍ବିଧାନ ଡ୍ରାଫ୍ଟ କମିଟିର ସଭାପତି ଭାବରେ ନିଯୁକ୍ତି ହୋଇଥିଲେ । ସେତେବେଳେ ତାଙ୍କୁ ଭାରତର ସମ୍ବିଧାନ ଲେଖିବାର ଦାୟିତ୍ୱ ଦିଆଯାଇଥିଲା । ସମ୍ବିଧାନ ତିଆରି ବେଳେ ସର୍ବମୋଟ ୩୯୫ ଧାରା ଓ ୮ ତାଲିକା ଥିବା ବେଳେ ବର୍ତ୍ତମାନ ଏହା ୪୪୮ ଧାରାରେ ପହଞ୍ଚିଛି । ତେଣୁ ଆମେରିକା ଇତିହାସକାର ଗ୍ରୀନବିଲେ ସେଓ୍ୱାର୍ଡ ଅଷ୍ଟିନ ଆମ୍ବେଦକରଙ୍କ ଦ୍ୱାରା ଲିଖିତ ସମ୍ବିଧାନକୁ ସର୍ବ ପ୍ରଥମେ ଏକ ସାମ୍ବିଧାନିକ ଡକ୍ୟୁମେଣ୍ଟ କହିଥିଲେ । ଏହା ସବୁଠାରୁ ସର୍ବ ବୃହତ୍ ସମ୍ବିଧାନ, ଯାହା ବିଶ୍ୱର ଅନ୍ୟ କୌଣସି ସ୍ଥାନରେ ଦେଖିବାକୁ ମିଳେନାହିଁ ।

ଭାରତର ସମ୍ବିଧାନ ଏକ ଲିଖିତ ସମ୍ବିଧାନ । ଏହାର କେତେକ ଅଂଶ ନମନୀୟ ବା ପରିବର୍ତ୍ତନୀୟ ଓ ଆଉ କେତେ ଅଂଶ ଅନମନୀୟ । କହିବାର ଅର୍ଥ ସଂଘଶାସନ ସମ୍ବନ୍ଧୀୟ ଧାରାମାନ, କେନ୍ଦ୍ର ଓ ରାଜ୍ୟ ସରକାର, ବିଧାନମଣ୍ଡଳଓ ବିଚାର ସଂସ୍ଥା, କ୍ଷମତା ବିତରଣ ତାଲିକା ଏବଂ ସମ୍ବିଧାନ ସଂଶୋଧନ ପ୍ରଣାଳୀ ଇତ୍ୟାଦି ଅନମନୀୟ । ଏହାକୁ ସଂଶୋଧନ କରିବାକୁ ହେଲେ ୩୬୮ ଧାରା ଅନୁସାରେ ଏକ କଷ୍ଟକର ବିସ୍ତୃତ ପ୍ରଣାଳୀର ଆଶ୍ରୟ ନେବାକୁ ହୁଏ । ନାଗରିକତା ବିଷୟରେ ୧୯୫୬ ମସିହାରେ ଆଇନ ପ୍ରଣୀତ ହୋଇଥିଲା । ମିସା ଆଇନ, ଅସ୍ପୃଶ୍ୟତା ନିବାରଣ ଆଇନ, ରାଷ୍ଟ୍ରପତି ନିର୍ବାଚନ, ଲୋକପ୍ରତିନିଧି ଆଇନଦ୍ୱାରା ସମ୍ବିଧାନର କେତେକ ବ୍ୟବସ୍ଥାକୁ କାର୍ଯ୍ୟକାରୀ ହୁଏ ।

ଅନ୍ୟ ପକ୍ଷରେ ଭାରତର ସମ୍ବିଧାନରେ ଉଭୟ କେନ୍ଦ୍ର ଓ ରାଜ୍ୟକୁ କ୍ଷମତା ପ୍ରଦାନ କରା ଯାଇଛି । କ୍ଷମତାକୁ ଏପରି ଆବଣ୍ଟନ କରାଯାଇଛି ଯେ, ଉଭୟ କେନ୍ଦ୍ର ଓ ରାଜ୍ୟ ପରସ୍ପର ଉପରେ ନିର୍ଭର କରିବାକୁ ବାଧ ହେବେ । କହିବାର ଅର୍ଥ କିଛି କ୍ଷମତା ଉପରେ କେନ୍ଦ୍ରର ଅଧିକାର ଥିବାବେଳେ ସେଭଳି ଅନ୍ୟ କିଛି କ୍ଷମତା ଉପରେ ରାଜ୍ୟର ମଧ୍ୟ ଅଧିକାର ରହିଛି । ଏତଦ୍ ବ୍ୟତୀତ ସମ୍ବିଧାନର ଅନ୍ୟ ଏକ ସ୍ୱତନ୍ତ୍ର ପ୍ରକ୍ରିୟା ହେଉଛି ଭାରତର ନ୍ୟାୟ ପାଳିକା । ସେ କେନ୍ଦ୍ର ହେଉ କିମ୍ବା ରାଜ୍ୟ ହେଉ , ଯେକୌଣସି ସରକାର କିଛି ଭୁଲ୍ ନିଷ୍ପତ୍ତି ନେଲେ , ସର୍ବୋଚ୍ଚ ନ୍ୟାୟାଳୟର ତା' ଉପରେ କଟକଣା ଲଗାଇ ପାରିବ । ଏଥିପାଇଁ ସର୍ବୋଚ୍ଚ ନ୍ୟାୟାଳୟକୁ ସ୍ୱାଧିନ ତଥା ନିରପେକ୍ଷ ରଖା ଯାଇଛି । ଏପରିକି ଭାରତ ସମ୍ବିଧାନରେ ସଂଘ ଶାସନ ପ୍ରବର୍ତ୍ତିତ ହୋଇଛି । ଏପରିକି ଭାରତ ସମ୍ବିଧାନରେ ସଂଘ ଶାସନରେ ଯେଉଁ ସବୁ ଉପାଦାନ ଆବଶ୍ୟକ, ସେସବୁ ଉଲ୍ଲେଖ ରହିଛି ।

ସମ୍ବିଧାନରେ ଭାରତକୁ ଏକ ଧର୍ମନିରପେକ୍ଷ ରାଷ୍ଟ୍ର କୁହାଯାଇଛି । ସମ୍ବିଧାନର ୨୫ ଧାରାରେ ସମସ୍ତ ନାଗରିକଙ୍କୁ ଧର୍ମ ସ୍ୱାଧୀନତା ଦିଆଯାଇଛି । ରାଷ୍ଟ୍ରର କୌଣସି ସରକାରୀ ଧର୍ମ ନାହିଁ । ପ୍ରତ୍ୟେକ ବ୍ୟକ୍ତିର ନିଜ ଧର୍ମ, ଧର୍ମାନୁଷ୍ଠାନ, ଶିକ୍ଷାନୁଷ୍ଠାନ, ଧର୍ମପ୍ରଚାର ଓ ପ୍ରସାର ପାଇଁ ମୌଳିକ ଅଧିକାର ରହିଛି । ଏପରି ମଧ୍ୟ ସମ୍ବିଧାନର ୩୨୬ ଧାରା ଅନୁସାରେ ଧନ, ଶିକ୍ଷା, ଲିଙ୍ଗ, ଧର୍ମ, ଜନ୍ମସ୍ଥାନ, ଜାତି ନିର୍ବିଶେଷରେ ପ୍ରତ୍ୟେକ ସାବାଳକ ଭୋଟ କ୍ଷମତା ପାଇଛନ୍ତି । ସେଭଳି ମଧ୍ୟ ସମ୍ବିଧାନର ୪୨ ତମ ସଂଶୋଧନଦ୍ୱାରା 'ମୌଳିକ କର୍ତ୍ତବ୍ୟ'' ଲାଗି ଏକ ସ୍ୱତନ୍ତ୍ର ଅଧ୍ୟାୟ ଯୋଗ ହୋଇଛି । ପ୍ରଥମେ ୪୨ ତମ ସଂଶୋଧନ ଦ୍ୱାରା ୧୦ ଟି ମୌଳିକ କର୍ତ୍ତବ୍ୟ ଥିବା ବେଳେ ୨୦୦୨ ମସିହାରେ ହୋଇଥିବା ୮୬ ତମ ସଂଶୋଧନଦ୍ୱାରା ଆଉ ଏକ କର୍ତ୍ତବ୍ୟ ଯୋଗ କରାଯାଇଛି । ବିଶେଷ କରି ସମ୍ବିଧାନର ଅନ୍ୟାନ୍ୟ ବୈଶିଷ୍ଟ୍ୟଗୁଡିକ ପ୍ରତି ଯଦି ଧ୍ୟାନ ଦିଆଯାଏ, ସେଥିରେ ଅନେକ କିଛି ଛୋଟ ଛୋଟ ଉପାଦାନ ମଧ୍ୟ ରହିଛି । ସେସବୁ ମଧ୍ୟରେ ଏକ ନାଗରିକତା, ଦ୍ୱିସଦନତା, ଜରୁରୀକାଳୀନ ବ୍ୟବସ୍ଥା, ସର୍ବଭାରତୀୟ ସେବା ସଂସ୍ଥା, କ୍ଷମତା ସ୍ୱତନ୍ତ୍ରିକରଣ, ସଂଖ୍ୟାଲଘୁ ଗୋଷ୍ଠୀର ଭାଷା ଓ ସଂସ୍କୃତିର ସଂରକ୍ଷଣ, ଜାତୀୟ ଭାଷା ନିର୍ଦ୍ଧାରଣ, ସାମ୍ବିଧାନିକ ଆଚରଣ ପଦ୍ଧତି, ବୈଦେଶିକ ନୀତି ନିର୍ଦ୍ଧାରଣ, ସମ୍ବିଧାନ ସଂଶୋଧନ ବ୍ୟବସ୍ଥା, ତଫସିଲ ଜାତି ଓ ଉପଜାତିର ମଙ୍ଗଳ ବିଧାନ, ପ୍ରତ୍ୟେକ ରାଜ୍ୟର ଅଞ୍ଚଳ ନିର୍ଦ୍ଧାରଣ, ଅର୍ଥନୈତିକ କ୍ଷମତା ବିସ୍ତୃତିକରଣ, ବାଣିଜ୍ୟିକ ବ୍ୟବସ୍ଥା, ଜାମ୍ମୁ-କାଶ୍ମୀର, ଆନ୍ଧ୍ର ପ୍ରଦେଶ, ଗୁଜୁରାଟ, ନାଗାଲାଣ୍ଡ, ସିକିମ, ମଣିପୁର, ଆସାମ ପ୍ରଭୃତି ରାଜ୍ୟଗୁଡ଼ିକ ବିଷୟରେ ଯଥେଷ୍ଟ ବ୍ୟବସ୍ଥା ରହିଛି । ସର୍ବୋପରି ୪୨ ତମ ସମ୍ବିଧାନ ସଂଶୋଧନରେ ଭାରତକୁ ସମାଜବାଦୀ ରାଷ୍ଟ୍ର ରୂପେ ଘୋଷଣା କରାଯାଇ ମୁଖବନ୍ଧର ସଂଶୋଧନ କରାଯାଇଛି । ୬୪ ତମ ସମ୍ବିଧାନ ସଂଶୋଧନଦ୍ୱାରା ପଞ୍ଚାୟର ରାଜ୍ୟକୁ ସ୍ୱାତନ୍ତ୍ର୍ୟ, ମାନ୍ୟତା ଓ ଅର୍ଥନୈତିକ କ୍ଷମତା ଦିଆଯାଇଛି ।

ବାସ୍ତବରେ ଭାରତୀୟ ସମ୍ବିଧାନ ଭାରତକୁ ଏକ ସାର୍ବଭୌମ, ସମାଜବାଦୀ, ପନ୍ଥ-ନିରପେକ୍ଷ ତଥା ଗଣତାନ୍ତ୍ରିକ ସାଧାରଣତନ୍ତ୍ର ହେବ ବୋଲି ଉଦ୍ଘୋଷଣା କରିଅଛି । ସମସ୍ତ ନାଗରିକଙ୍କୁ ନ୍ୟାୟ, ସମାନତା ଓ ସ୍ୱତନ୍ତ୍ରତା ପ୍ରଦାନ କରି ସେମାନଙ୍କ ମଧ୍ୟରେ ଭ୍ରାତୃଭାବ ଜନ୍ମାଇଛି । ଅଦ୍ୟାବଧି ୧୯୫୦ର ମୂଳ ସମ୍ବିଧାନଟିକୁ ଏକ ହିଲିଅମ ପୂର୍ଣ୍ଣ କାଚବାକ୍ସରେ ନୂଆଦିଲ୍ଲୀରେ ସୁରକ୍ଷିତ ଭାବେ ରଖାଯାଇଅଛି ।


ତେଣୁ ଭାରତର ୭୬ ତମ ସାଧାରଣତନ୍ତ୍ର ଦିବସରେ ନିଷ୍କର୍ଷରେ କେବଳ ଏତିକି କହିହେବ ଦେଶରେ ଶାସନ ପାଇଁ ସମ୍ବିଧାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇ ଆସିଛି । ଯାହା ସମସ୍ତଙ୍କ ଆଗ୍ରହ ଓ ଆବଶ୍ୟକତା ପ୍ରତି ଧ୍ୟାନ ରଖିଥାଏ । ଭାରତ ଏଭଳି ଏକ ବିବିଧତାର ଦେଶ ଯେଉଁଠି କାଶ୍ମୀର ଠାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ବ୍ୟାପିଥିବା ଏହି ବିଶାଳ ଦେଶରେ ବିଭିନ୍ନ ପ୍ରକାର ଭାଷା, ଉପଭାଷା, ପୋଷାକ, ଖାଦ୍ୟ ପାନୀୟ ଓ ଅନ୍ୟାୟ ପରିବର୍ତ୍ତନ ଦେଖିବାକୁ ମିଳିଥାଏ । ଏପରି ସ୍ଥିତିରେ ସମ୍ବିଧାନ ହେଉଛି ଏମିତି ଏକ ବିଚାରଧାରା ଯାହା ପ୍ରତ୍ୟେକ ଭାରତୀୟ ନାଗରିକଙ୍କୁ ଏକତ୍ର ବାନ୍ଧି ରଖିଥାଏ । ସମ୍ବିଧାନ ଦ୍ୱାରା ଦେଶର ପ୍ରତ୍ୟେକ ନାଗରିକଙ୍କୁ ସମାନ ଅଧିକାର ପ୍ରଦାନ କରେ ଓ ସେମାନଙ୍କୁ ସମାନ ନିୟମରେ ବାନ୍ଧି ରଖିଥାଏ ।

ଆମେ ନିଜର କର୍ତ୍ତବ୍ୟକୁ ବୁଝି ଦେଶକୁ ଉନ୍ନତି ଆଡ଼କୁ ଅଗ୍ରସର କରିବା ପାଇଁ ତଥା ଦେଶର ରକ୍ଷା କରିବା ଲାଗି ଆଜିର ଏହି ପବିତ୍ର ଦିବସରେ ପ୍ରତିଜ୍ଞା କରିବା ଉଚିତ୍ । ଆମେ ଆମ ସମ୍ବିଧାନ ପ୍ରତି ନିଷ୍ଠାପର ରହିବା ଉଚିତ୍ । ବାସ୍ତବରେ ଆଜିର ଦିବସ ଆମ ଦେଶ ପାଇଁ ପବିତ୍ର ଓ ଏହା ଆମକୁ ଦେଶଭକ୍ତି ପାଇଁ ପ୍ରେରଣା ଯୋଗାଇଥାଏ...!!!

ଅଧକ୍ଷ , ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ - ୪.
ମୋ : ୯୦୪୦ ୧୫୧୪୭୫

# ବନ୍ଦେ ମାତରମ୍ : ଅତୁଟ ସଂକଳ୍ପ ଓ ରାଷ୍ଟ୍ରବାଦର ପ୍ରଥମ ଉଦଘୋଷଣ

ସତ୍ୟ ମହାପାତ୍ର



ଆଜି ୨୬ ତାରିଖ, ଭାରତ ପାଳନ କରିବ ୭୭ତମ ଗଣତନ୍ତ୍ର ଦିବସ। ଏ ଥର ମୁଖ୍ୟ ପରେଡର ଥିମ୍ ରହିଛି ବନ୍ଦେ ମାତରମ୍। ପରେଡ଼ରେ କର୍ତ୍ତବ୍ୟ ପଥରେ ୩୦ ପ୍ଲାଟୁନ ବାହାରିବ, ଯାହା 'ସ୍ୱତନ୍ତ୍ରତାର ମନ୍ତ୍ର - ବନ୍ଦେ ମାତରମ୍, ସମୃଦ୍ଧିର ମନ୍ତ୍ର - ଆତ୍ମ ନିର୍ଭର ଭାରତ' ଥିମ୍ ଉପରେ ଆଧାରିତ ହେବ। କର୍ତ୍ତବ୍ୟ ପଥରେ ଏନକ୍ଲୋଜରର ପ୍ରଚ୍ଛଦରେ ବନ୍ଦେ ମାତରମ୍ ପଂକ୍ତିଯୁକତ ପୁରୁଣା ଚିତ୍ରକଳା ପ୍ରସ୍ତୁତ ହେବ। ମୁଖ୍ୟ ମଞ୍ଚରେ ଫୁଲରେ ବନ୍ଦେ ମାତରମର ରଚୟିତା ବଙ୍କିମ ଚନ୍ଦ୍ର ଚାଟାର୍ଜୀଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯିବ।

ଏ ଥର ଗଣତନ୍ତ୍ର ଦିବସର ମୁଖ୍ୟ ଅତିଥି ହେଉଛନ୍ତି ୟୁରୋପୀୟ ପରିଷଦର ଅଧକ୍ଷ ଆଣ୍ଟୋନିଓ କୋଷ୍ଟା ଓ ୟୁରୋପୀୟ ଆୟୋଗର ଅଧକ୍ଷ ଭର୍ସୁଲା ଭନ ଡେର ଲେୟେନ। ପରେଡ଼ରେ ପ୍ରଥମ ଥର ବ୍ୟାକ୍ଟ୍ରିଆନ୍ ଓଟ, ନୂଆ ବାଟାଲିୟନ ଭୈରବ ମଧ୍ୟ ମାର୍ଚ୍ଚପୋଷ୍ଟ କରିବ। ଏଥିରେ ଫ୍ଲାଇପୋଷ୍ଟରେ ରାଫେଲ, ସୁ-୩୦, ଅପାଚେ ଭଳି ୨୯ ବିମାନ ସାମିଲ ହେବେ। ତେବେ ଏ ଥର ତେଜସ ରହିବ ନାହିଁ। ଏ ଥର ନିମନ୍ତ୍ରଣ ପତ୍ରରେ ବନ୍ଦେ ମାତରମର ୧୫୦ତମ ବର୍ଷ ଲୋଗୋ ରହିବ। ପରେଡ଼ ଶେଷ ହେବା ପରେ ବନ୍ଦେ ମାତରମ ଥିମଯୁକ୍ତ ବ୍ୟାନର ସହିତ ବେଲୁନ ଆକାଶକୁ ଛଡ଼ାଯିବ। ପ୍ରଥମ ଥର ଭିଭିଆଇପି, ଭିଆଇପି ସିଟ ଲେଭଲର ଉପଯୋଗ ହେବନାହିଁ। ଏହା ବଦଳରେ ନଦୀମାନଙ୍କ ନାମରେ ସମସ୍ତ ଏନକ୍ଲୋଜର ନାମିତ ହେବ। ପ୍ରଥମ ଥର ସେନାର ରିମାଉଣ୍ଟ ଭେଟରନାରୀ ୱିଙ୍ଗ ପରେଡ଼ରେ ସାମିଲ ହେବ। ଭୈରବ ଲାଇଟ କମାଣ୍ଡୋ ବାଟାଲିଅନ ମଧ୍ୟ ପ୍ରଥମ ଥର ପରେଡ଼ରେ ଭାଗ ନେବାପାଇଁ ଯାଉଛନ୍ତି।

୧୮୯୬ ମସିହାରେ ରବୀନ୍ଦ୍ରନାଥ ଟାଗୋର 'ବନ୍ଦେ ମାତରମ୍'ଙ୍କୁ ସ୍ୱର ଦେଇ ସଜାଇ ଥିଲେ ଏବଂ କୋଲାକାତା କଂଗ୍ରେସ ଅଧିବେଶନରେ ଏହାକୁ ଗାନ କରିଥିଲେ, ଯାହା ଫଳରେ ଏହି ବାଣୀ ଅମରତ୍ୱ ପ୍ରାପ୍ତ ହୋଇଥିଲା। ଏହି ଗୀତ ଭାଷା ଏବଂ କ୍ଷେତ୍ରର ସୀମାକୁ ଅତିକ୍ରମ କରି ଆଗକୁ ବଢ଼ିବା ସହିତ ସମଗ୍ର ଦେଶରେ ଗୁଞ୍ଜରିତ ହୋଇ ଉଠିଥିଲା। ତାମିଲନାଡୁରେ ସୁବ୍ରମଣ୍ୟମ ଭାରତୀଜୀ ଏହାକୁ ତାମିଲରେ ଅନୁବାଦ କରିଥିଲେ ଏବଂ ପଞ୍ଜାବରେ କ୍ରାନ୍ତିକାରୀମାନେ ଏହି ଗୀତକୁ ଗାଇ ଗାଇ ବ୍ରିଟିଶ ଶାସନକୁ ଖୋଲାଖୋଲି ଭାବରେ ଚାଲେଞ୍ଜ କରିଥିଲେ।

ବଙ୍କିମଚନ୍ଦ୍ରଙ୍କର ଏହି ମହାନ ମନ୍ତ୍ର ଏକ ପ୍ରାର୍ଥନା ମଧ୍ୟ ଥିଲା ଏବଂ ଦେଶ ତଥା ଦେଶବାସୀଙ୍କ ପାଇଁ ଭବିଷ୍ୟବାଣୀ ମଧ୍ୟ ଥିଲା। 'ବନ୍ଦେ ମାରତମ୍' କେବଳ ଭାରତର ରାଷ୍ଟ୍ରୀୟ ଗୀତ ନୁହେଁ, କେବଳ ସ୍ୱାଧୀନତା ଆନ୍ଦୋଳନର ପ୍ରାଣଶକ୍ତି ନୁହେଁ, ବରଂ ଏହା ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଦ୍ୱାରା 'ସାଂସ୍କୃତିକ ରାଷ୍ଟ୍ରବାଦ'ର ଥିଲା ପ୍ରଥମ ଉଦଘୋଷଣା, ଅର୍ଥାତ୍ ଆଦ୍ୟ ଓଁକାର। ଏହା ଆମକୁ ସ୍ମରଣ କରାଇ ଦେଇଥିଲା ଯେ ଭାରତ କେବଳ ଏକ ଭୂଖଣ୍ଡ ନୁହେଁ, ବରଂ ଏକ ଭୂସାଂସ୍କୃତିକ ରାଷ୍ଟ୍ର ମଧ୍ୟ, ଯାହାର ଏକତା ଏହାର ସଂସ୍କୃତି ଓ ସଭ୍ୟତା ଠାରୁ ହିଁ ଉଦ୍ଭୁତ ଏବଂ ସେହି ଉତ୍ସରୁ ତାହା ଜନ୍ମ ନେଇଛି। ଏହା କେବଳ ଭୂ-ଭାଗ ନୁହେଁ ବରଂ ଏକ ତୀର୍ଥ ଅଟେ, ସ୍ମୃତି, ତ୍ୟାଗ, ଶୌର୍ଯ୍ୟ ଏବଂ ମାତୃତ୍ୱ ସହିତ ବାନ୍ଧି ହୋଇ ରହିଥିବା ଏକ ପବିତ୍ର ଭୂମି ଅଟେ।

୧୯୦୫ ମସିହାରେ ବଙ୍ଗ ଭଙ୍ଗ ଆନ୍ଦୋଳନ ସମୟରେ, ବଙ୍ଗଳାରେ ବିଦ୍ରୋହର ଅଗ୍ନି ଦାବାନଳ ପରି ଚାରିଆଡ଼େ ପ୍ରସାରିତ ହୋଇଥିଲା। ଇଂରେଜ ସରକାର 'ବନ୍ଦେ ମାତରମ୍' ସଙ୍ଗୀତର ସାର୍ବଜନୀନ ଗାନ ଉପରେ କଠୋର ପ୍ରତିବନ୍ଧକ ଲଗାଇ ଦେଇଥିଲେ। ଏହା ବ୍ୟତୀତ, ୧୪ ଏପ୍ରିଲ ୧୯୦୬ ତାରିଖ ଦିନ ବରିସାଲରେ, ହଜାର ହଜାର ସଂଖ୍ୟକ ଲୋକ ସରକାରଙ୍କ ଏହି ଆଦେଶକୁ ପ୍ରତ୍ୟାଖ୍ୟାନ କରିଥିଲେ। ଯେତେବେଳେ ପୁଲିସ ସେଠାରେ ଆୟୋଜିତ ଏକ ଶାନ୍ତିପୂର୍ଣ୍ଣ ଜନସଭା ଉପରେ ଲାଠି ପ୍ରହାର ଆରମ୍ଭ କରିଥିଲା, ସେଠାରେ ଉପସ୍ଥିତ ପୁରୁଷ ଓ ମହିଳା ମାନେ ସଡ଼କ ଉପରେ ପୁଲିସର ଲାଠି ପ୍ରହାରରେ ଲହୁଲୁହାଣ ହୋଇଥିଲେ ସତ କିନ୍ତୁ ସେମାନଙ୍କ ତୁଣ୍ଡରୁ 'ବନ୍ଦେ ମାତରମ୍' ସ୍ୱର କାଦପି ଲିଭି ନଥିଲା।

'ବନ୍ଦେ ମାତରମ୍' ସ୍ୱାଧୀନତା ସଂଗ୍ରାମର ଗୀତ, ଅତୁଟ ସଂକଳ୍ପର ଭାବନା ଏବଂ ଭାରତ ଜାଗରଣର ପ୍ରଥମ ମନ୍ତ୍ର ମଧ୍ୟ। ରାଷ୍ଟ୍ରର ଆତ୍ମାରୁ ଜନ୍ମିଥିବା ଶବ୍ଦ କଦାପି ଶେଷ ହୋଇ ନଥାଏ ତାହା ସଦୈବ ଜୀବନ୍ତ ରହିଥାଏ, ପିଢ଼ି ପିଢ଼ି ପର୍ଯ୍ୟନ୍ତ ଗୁଞ୍ଜରିତ ହୋଇଥାଏ। ଏହି ଜୟଘୋଷ ଯୁଗ ଯୁଗ ଧରି ଏବଂ ପିଢ଼ି ପିଢ଼ି ଧରି ଅନନ୍ତକାଳ ପର୍ଯ୍ୟନ୍ତ ପ୍ରତିଧ୍ୱନିତ ହୋଇ ଚାଲିଥିବ। ଏବେ ସମୟ ଆସିଛି ଯେ ଆମେ ନିଜର ଇତିହାସ, ନିଜର ସଂସ୍କୃତି, ନିଜର ମାନ୍ୟତା ଗୁଡ଼ିକୁ ଏବଂ ନିଜର ପରମ୍ପରାକୁ ଭାରତୀୟତା ଦୃଷ୍ଟିରେ ଦେଖିବା। 'ବନ୍ଦେ ମାତରମ୍'।

'ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ,
ମୋ : ୯୬୫୮୧୦୫୫୩୨



## ସାଧାର ତନ୍ତ୍ର ଦିବସ

ନିରଞ୍ଜନ ସାହୁ



ସାଧାରଣତନ୍ତ୍ର ଦିବସ ଆସିଛି
ତ୍ରିରଙ୍ଗା ଉଡାଅ ଫରଫର
'ଭାରତ ମାତା କୀ ଜୟ' ଜୟଧ୍ୱନି
ତୁଣ୍ଡରେ ସରବେ ଧରଧର ।

ଗଣତନ୍ତ୍ର ଦିବସ ଯେ ଏହା ଅଟେ
ଏହି କଥା ଆମେ ଅଛେ ଜାଣି
ଜନରାଜ୍ୟ ଦିବସ ଯେ ଏହା ପୁଣି
ଏକଥା ମନରେ ଥାଅ ଆଣି
ଗ୍ରାମ୍ୟ ଓ ନଗର ପରିକ୍ରମା ପାଇଁ
ସଭିଏଁ ହୋଇବା ତରତର ।

ସମ୍ବିଧାନ କାର୍ଯ୍ୟକାରୀ ଦିବସ ଏ
ପାଳନ କରିବା ଆମେ ସର୍ବେ
ଆମରି ଦେଶର ଆଇନ ମାନିବା
ଶପଥ କରିବା ଆମେ ଗର୍ବେ
ଅଧିକାର ଆଉ କର୍ତ୍ତବ୍ୟ ଯେତିକି
ବୁଝାଇ କହିବା ଘରଘର ।

ଉଣେଇଶ ଶହ ପଚାଶ ମସିହା
ଜାନୁୟାରୀ ଛବିଶ ଯେ ଆସେ
ଆମ ସମ୍ବିଧାନ କାର୍ଯ୍ୟକାରୀ ହୁଏ
ଆମରି ଆଇନ ଆମ ପାଶେ
ସେହିଦିନଟିକୁ ମନେ ରଖିବାକୁ
ଚିନ୍ତନ ମନରେ ଭରଭର ।

ତ୍ରିରଙ୍ଗା ତଳରେ ଶପଥ କରିବା
ଭୁଲିଯାଇ ସବୁ ବିଭେଦତା
ଆମେ ଭାରତୀୟ ଭାରତ ଆମର
ବଜାୟ ରଖିବା ଅଖଣ୍ଡତା
ଭାରତୀୟ ବୋଲି ଗରବ କରିବା
ଆଜି ଏ ପ୍ରତିଜ୍ଞା କରକର ।

+ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ -- ୭୫୯୦୧୬
ମୋ :-- ୯୯୩୮୭୪୧୫୮୩

# ଆଧ୍ୟାତ୍ମିକତା ଓ ଧର୍ମାନ୍ତରୀକରଣ ମୁକ୍ତ ଭାରତ

ଡାକ୍ତର ଉମେଶ ଚନ୍ଦ୍ର ପାତ୍ର



ସତ୍ସଙ୍ଗର ପ୍ରାଣପୁରୁଷ ପୁରୁଷୋତ୍ତମ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ସର୍ବଧର୍ମ ସମନ୍ୱୟକାରୀ ଆଚରଣ ଓ ଉଚ୍ଚାରଣରେ ବିମୋହିତ ହୋଇ ହିନ୍ଦୁ, ମୁସଲ୍‌ମାନ, ଖ୍ରୀଷ୍ଟିୟାନ, ବୌଦ୍ଧ, ଜୈନ ଇତ୍ୟାଦି ଭକ୍ତଗଣ ଜାତି, ଧର୍ମ, ବର୍ଣ୍ଣ ଓ ସମ୍ପ୍ରଦାୟ ନିର୍ବିଶେଷରେ ଆବାଳବୃଦ୍ଧବନିତା ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କୁ ଗୁରୁ ରୂପେ ବରଣ କରିଥିଲେ। ଧର୍ମାନ୍ତରୀକରଣ ସମ୍ବନ୍ଧରେ ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର କହିଲେ - ଧର୍ମ ଚିରଦିନ ହିଁ ଏକ ଏବଂ ତାହା ଆଚରଣର ବସ୍ତୁ। ଧର୍ମର କେବେହେଲେ ଭେଦ ହୁଏନାହିଁ। ଧର୍ମ କେବେହେଲେ ପିତୃପୁରୁଷ ବା ମନୁଷ୍ୟର ଅତୀତ ସତ୍ତାସମ୍ବର୍ଦ୍ଧନୀ କୃଷ୍ଟିକୁ ଅସ୍ୱୀକାର କରିବାକୁ ଶିଖାଏ ନାହିଁ। ଏକ କଥାରେ ଧର୍ମାନ୍ତରୀକରଣ ଧର୍ମର କୌଣସି ପରିଭାଷା ନୁହେଁ। ଶ୍ରୀ ଶ୍ରୀ ଠାକୁରଙ୍କର ଜନୈକ ଭକ୍ତ ହାର୍ଭାଡ଼ ବିଶ୍ୱବିଦ୍ୟାଳୟର ପ୍ରଫେସର ଏଡ୍‌ମଣ୍ଡ ସ୍ପେନ୍‌ସର୍ ଭାଇ ଏହା ଶୁଣି ଉତ୍‌ଫୁଲ୍ଲିତ ହୋଇଉଠିଲେ, କହିଲେ - ଆପଣ ଠିକ୍ କହିଛନ୍ତି, ବାଇବେଲରେ ମଧ୍ୟ ଏହାର ସମର୍ଥନ ଅଛି। ଶ୍ରୀ ସ୍ପେନ୍‌ସର୍ ଭାଇ ବାଇବେଲ୍‌ରୁ ପଢ଼ିଲେ - ହାୟ ! ଅଧାର୍ମିକ ଇହୁଦୀ ଧର୍ମବ୍ୟାଖ୍ୟାତାଗଣ, ତୁମ୍ଭେମାନେ ଜଣକୁ ସ୍ୱଧର୍ମ ତ୍ୟାଗ କରାଇବା ନିମିତ୍ତ ଜଳ, ସ୍ଥଳ ପରିଭ୍ରମଣ କରୁଛ ଏବଂ ଯେତେବେଳେ ସେଥିରେ କୃତକାର୍ଯ୍ୟ ହୁଅ, ସେତେବେଳେ ତୁମ୍ଭେମାନେ ତାକୁ ଏକ ନରକ ନନ୍ଦନ କରି ଉଠାଓ, ଯିଏକି ତୁମ ଠାରୁ ଦୁଇଗୁଣ ଖରାପ ହୋଇଉଠେ। (ମାଥ୍ୟୁ, ୨୩;୧୫)

ଶ୍ରୀ ଶ୍ରୀ ଠାକୁର କହିଲେ - ବୁଝିରଖ ଏହା ବରାବର ଚାଲିଆସିଛି। ଆଉ ଆମ୍ଭେମାନେ ଏହାର ବିରୁଦ୍ଧ ଆଚରଣ କରୁଛୁ। ଧର୍ମାନ୍ତରୀକରଣ ଧର୍ମର ପରିପନ୍ଥୀ। କିନ୍ତୁ ପରିପୂରଣୀ ଦୀକ୍ଷା ଜିନିଷଟା ହେଲା ଅଲଗା, ଏଥିରେ ଗୁରୁତ୍ୟାଗ ହୁଏନାହିଁ, ବଂଶ ତ୍ୟାଗ ହୁଏନାହିଁ, କୃଷ୍ଟି ତ୍ୟାଗ ହୁଏନାହିଁ ବରଂ ପ୍ରତ୍ୟେକଟା ହିଁ ସ୍ଫୁରଣଦୀପନା ଲାଭକରେ। ମୋର ବକ୍ତବ୍ୟ ଏହା ଯେ - ପୂର୍ବତନ କୌଣସି ଏକ ଜଣଙ୍କୁ ନ ମାନିବା ହିଁ ମହାକ୍ଷତି। ବର୍ତ୍ତମାନ ପୂରକ ପୁରୁଷ ହେଉଛନ୍ତି ସର୍ବଦେବମୟୋଗୁରୁଃ। ପୂର୍ବତନ ପ୍ରତ୍ୟେକଟି ମହାପୁରୁଷ ତାଙ୍କ ମଧ୍ୟରେ ଜୀବନ୍ତ। ତାଙ୍କ ପାଖରେ ଧର୍ମାନ୍ତରକରଣ ନାହିଁ ବରଂ ଅଛି ନିଷ୍ଠା। ଧର୍ମାନ୍ତରକରା ମାନେ ବିଶ୍ୱାସଘାତକତା କରିବା ଓ ଏହା ଧର୍ମ ରାଜ୍ୟର କଥା ନୁହେଁ। ମୋ ପାଖକୁ ଜଣେ ଖ୍ରୀଷ୍ଟିୟାନ ଭକ୍ତ ଆସିଲେ ମୁଁ ତାକୁ କୁହେ - ଆହୁରି ଗଭୀର ଭାବେ ଖ୍ରୀଷ୍ଟିୟାନ୍ ହୁଅ, କୌଣସି ମୁସଲମାନ୍ ଭକ୍ତ ଆସିଲେ ତାଙ୍କୁ କୁହେ ଆହୁରି ଗଭୀର ଭାବେ ମୁସଲିମ୍ ହୁଅ। ଏହି ପ୍ରସଙ୍ଗରେ ପୁନରାୟ ଆମେରିକାନ୍ ଭକ୍ତ ସ୍ପେନ୍‌ସର୍ ଭାଇ ପରିପୂରଣୀ ଦୀକ୍ଷା ସମର୍ଥନରେ ବାଇବେଲ୍‌ରୁ ପଢ଼ି ଶୁଣାଇଲେ - ସ୍ୱର୍ଗୀୟ ଜୀବନବାଦରେ ଦୀକ୍ଷିତ ପ୍ରତିଟି ଇହୁଦୀ ଧର୍ମଶାସ୍ତ୍ରଜ୍ଞ ବ୍ୟକ୍ତି ସେହି ଗୃହୀର ସମତୁଲ୍ୟ ଯିଏ କି ତାର ଭଣ୍ଡାରରୁ ପ୍ରାଚୀନ ଓ ନବୀନ ସବୁକିଛି ବାହାର କରି ଦେଖାଇପାରେ। (ମାଥ୍ୟୁ. ୧୪;୫୧)

ଜଣେ ମୌଲବୀ ସାହେବଙ୍କ ସହିତ ଇସ୍‌ଲାମ ସମ୍ପର୍କରେ କଥା କହୁ କହୁ ଶ୍ରୀ ଶ୍ରୀ ଠାକୁର କହିଲେ - ଇସ୍‌ଲାମ ଶବ୍ଦର ଅର୍ଥ ଖୋଦାଙ୍କ ଠାରେ ଆତ୍ମନିବେଦନ ବା ଶାନ୍ତି। କଲେମା, ନାମାଜ, ରୋଜା, ହଜ୍ ଓ ଜାକାତ୍ - ଏହି ପାଞ୍ଚଟି ଅନୁଷ୍ଠାନ ମୁସଲମାନ ମାନଙ୍କର ଅବଶ୍ୟ କରଣୀୟ। ପ୍ରତ୍ୟେକ ଶାସ୍ତ୍ରରେ ଏହି ବିଧାନ ଅବଶ୍ୟ ଅଛି, ହୁଏତ ବିଭିନ୍ନ ଭାଷାରେ ବା ନାମରେ। କଲେମା ଅର୍ଥ ଖୋଦାଙ୍କ ପାଖରେ ବିଶ୍ୱାସ ରଖି ପ୍ରେରିତ ପୁରୁଷଙ୍କୁ ସ୍ୱୀକାର କରି ତାଙ୍କ ଅନୁଶାସନରେ ଚାଲିବା। ଏହି ବିଶ୍ୱାସ, ସ୍ୱୀକୃତି ଓ ଅନୁସରଣ ହେଉଛି ଧର୍ମର ପ୍ରଥମ ଭିତ୍ତି। ହିନ୍ଦୁ ମାନଙ୍କ ମତରେ ସଦ୍‌ଗୁରୁଙ୍କ ପାଖରେ ଦୀକ୍ଷା ଗ୍ରହଣ ଓ ଖ୍ରୀଷ୍ଟିୟାନ୍ ମାନଙ୍କର ଅଭିଷେକ ପ୍ରଥା ରହିଛି। ବୌଦ୍ଧମାନେ ଆନୁଷ୍ଠାନିକ ଭାବେ ତ୍ରିଶରଣ ମନ୍ତ୍ର ଗ୍ରହଣ କରନ୍ତି। ନମାଜ ମାନେ ସନ୍ଧ୍ୟା, ବନ୍ଦନା ଓ ପ୍ରାର୍ଥନା। ରୋଜା ମାନେ ଇଷ୍ଟଚିନ୍ତାପରାୟଣ ହୋଇ ସୁନିୟନ୍ତ୍ରିତ ଉପବାସ। ହଜ୍ ମାନେ ତୀର୍ଥଯାତ୍ରା। ଜାକାତ୍ ମାନେ ଧର୍ମାର୍ଥେ ଦାନ ଅର୍ଥ ଇଷ୍ଟଭୃତି। ଏହି ପଞ୍ଚନୀତି ସବୁଧର୍ମରେ ନିହିତ ଅଛି। ବିଦାୟ ହଜ୍‌ରେ ପୟଗମ୍ବର ରସୁଲ ଆଲ୍ଲା ଧର୍ମାନ୍ତରୀକରଣ ବିରୁଦ୍ଧରେ ତୀବ୍ର ଭାବେ ମତ ପ୍ରକାଶ କରିଛନ୍ତି। ହିନ୍ଦୁ ମାନଙ୍କର ଗୟାରେ ପିଣ୍ଡଦାନ, ଖ୍ରୀଷ୍ଟିୟାନ ମାନଙ୍କର ବିଚାରର ଦିନ ଓ ମୁସଲମାନ ମାନଙ୍କର ରୋଜକୟାମତ୍‌ର ଅର୍ଥ ଏକ ଓ କେବଳ ଭାଷାର ବିଭିନ୍ନତା। ଶ୍ରୀକୃଷ୍ଣ ଶବ୍ଦଯୋଗୀ ଥିଲେ। ଶ୍ରୀକୃଷ୍ଣଙ୍କ ହାତରେ ଥିଲା ବଂଶୀ ଓ ସେହି ବଂଶୀରୁ ରାଧା, ରାଧା ବୋଲି ଆୱାଜ ବାଜୁଥିଲା। ମୋର ମନେହୁଏ ଯୀଶୁଖ୍ରୀଷ୍ଟ ମଧ୍ୟ ଶବ୍ଦଯୋଗୀ ଥିଲେ। ବାଇବେଲ୍‌ରେ ଅଛି - ଆଦିରେ ବାକ୍ ଥିଲା, ବାକ୍ ଥିଲା ଈଶ୍ୱରଙ୍କ ପାଖରେ ଏବଂ ବାକ୍ ହିଁ ଈଶ୍ୱର। ରସୁଲ୍ ମଧ୍ୟ ନୂର ଓ ଆୱାଜ କଥା କହୁଥିଲେ। ଏହି ଶବ୍ଦ ସାଧନା ହିନ୍ଦୁ, ମୁସଲମାନ ଓ ଖ୍ରୀଷ୍ଟିୟାନ ସମସ୍ତଙ୍କ ଭିତରେ ଅଛି, ତେଣୁ ଧର୍ମାନ୍ତରୀକରଣ ହେଉଛି ଗୀତା, କୋରାନ୍ ଓ ବାଇବେଲ ବିରୋଧୀ। ତେଣୁ ବଜ୍ରକଣ୍ଠରେ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ମାନବ ଜାତିକୁ ଆହ୍ୱାନ ଦେଲେ - ଭାରତ ! ଯଦି ଭବିଷ୍ୟତ କଲ୍ୟାଣକୁ ଆବାହନ କରିବାକୁ ଚାହଁ ତେବେ ସମ୍ପ୍ରଦାୟଗତ ବିରୋଧ ଭୁଲି ଜଗତର ପୂର୍ବ ପୂର୍ବ ଗୁରୁମାନଙ୍କ ପ୍ରତି ଶ୍ରଦ୍ଧା ସମ୍ପନ୍ନ ହୁଅ - ଆଉ ତୁମର ମୂର୍ତ୍ତ ଓ ଜୀବନ୍ତ ଗୁରୁ ବା ଭଗବାନଙ୍କ ପ୍ରତି ଆସକ୍ତ ହୁଅ ଏବଂ ସେହି ମାନଙ୍କୁ ହିଁ ସ୍ୱୀକାର କର ଯେଉଁମାନେ ତାଙ୍କୁ ଭଲ ପାଆନ୍ତି। କାରଣ ପୂର୍ବବର୍ତ୍ତୀଙ୍କୁ ଅଧିକାର କରି ହିଁ ପରବର୍ତ୍ତୀଙ୍କର ଆର୍ବିଭାବ।

ପ୍ରତିରତ୍ୱିକ, ଅବସରପ୍ରାପ୍ତ ପ୍ରଫେସର,
ବିଭାଗୀୟ ମୁଖ୍ୟ ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ,
କଟକ,
ମୋ : ୯୪୩୭୦୫୧୯୫୭

# ଆମ ସମ୍ବିଧାନ, ଆତ୍ମବଳୀଦାନର ଅନୁଚିନ୍ତା



ଡ଼ଃ.ଅରୁନ୍ଧତୀ ଦେବୀ



ପିଲମାନେ ଆଜି ହେଉଛି ସାଧାରଣତନ୍ତ୍ର ଦିବସ। ତୁମ୍ଭେମାନେ ଏହି ଦିବସଟିକୁ ଭଲ ଭାବେ ଜାଣିଛ ଆଉ ଆମେ ସମସ୍ତେ ଏହି ଦିନଟିକୁ ଆମ ବିଦ୍ୟାଳୟରେ ଭାବ ଗମ୍ଭୀର ଓ ବଳୀଦାନକୁ ସ୍ମରଣ ପୂର୍ବକ ପାଳନ କରିଥାଉ। ଦୀର୍ଘ ଦୁଇଶହ ବର୍ଷର ଇଂରେଜ ଶାସନର ଉତ୍ପୀଡ଼ନ ପରେ ଭାରତରେ ଉଦିତ ହେଲା ସ୍ୱାଧୀନତାର ନବୀନ ପ୍ରଭାତର ସୂର୍ଯ୍ୟ। ଶତ ଆନ୍ଦୋଳନ ଓ ଆତ୍ମ ବଳିଦାନର ପ୍ରତୀକ ଆମର ସ୍ୱାଧୀନତା। ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଆମ ଦେଶ ସ୍ୱାଧୀନ ହେବା ପରେ ଆମେ ଆମକୁ ଶାସନ କରିବାକୁ ଆମର ଏକ ନିଜସ୍ୱ ଖସଡ଼ା ପ୍ରସ୍ତୁତ କଲୁ। ତାକୁ ଆମ ଦେଶର ସମ୍ବିଧାନ ବୋଲି କୁହାଗଲା। ୧୯୫୦ ମସିହା ଜାନୁଆରୀ ୨୬ ତାରିଖରେ ଆମ ସମ୍ବିଧାନ କାର୍ଯ୍ୟକାରୀ ହୋଇଥିଲା। ଡକ୍ଟର ବି.ଆର୍.ଆମ୍ବେଦକର ଥିଲେ ଆମ ସମ୍ବିଧାନର ପ୍ରଣେତା। ଆଉ ଆଜି ଆମେ ଗର୍ବର ସହିତ କହିପାରୁଛେ ଯେ, ଆମେ ଭାରତୀୟ। ଆମ ସମ୍ବିଧାନିକ ବ୍ୟବସ୍ଥାରେ ଆମ ଅଧିକାର ଠାରୁ ଆରମ୍ଭ କରି ଦେଶ ଶାସନ ପର୍ଯ୍ୟନ୍ତ ପ୍ରତ୍ୟେକ ବିଷୟ ଉଲ୍ଲେଖ ରହିଛି। ଆବଶ୍ୟକ ସ୍ଥଳେ ଜନଗଣ ଓ ଦେଶର ସ୍ୱାର୍ଥ ଦୃଷ୍ଟିରୁ ଆମ ସମ୍ବିଧାନରେ ଅନେକ ସଂଶୋଧନ ମଧ୍ୟ ହୋଇଛି।

ସମ୍ବିଧାନ ଏପରି ଏକ ଶବ୍ଦ ଯେଉଁଠି ଅନ୍ୟ ଯେକୌଣସି ଶବ୍ଦର ଗୁରୁତ୍ୱ ମଧ୍ୟ ଫିକା ପଡ଼ିଯାଇଥାଏ। ସବୁକିଛି ଉପରେ ସମ୍ବିଧାନକୁ ସ୍ଥାନ ଦିଆଯାଇଛି। ସମ୍ବିଧାନ କହିଲେ କେତେକ ଆବଶ୍ୟକୀୟ ତଥା ଗୁରୁତ୍ୱପୂର୍ଣ୍ଣ ନିୟମାବଳୀ, ଯେଉଁଥିରେ ସମ୍ପୂର୍ଣ୍ଣ ଦେଶ ପରିଚାଳିତ ହୋଇଥାଏ। ଦେଶର ସମ୍ବିଧାନରେ ଉଲ୍ଲେଖ କରାଯାଇଥିବା ପ୍ରତ୍ୟେକ ନିୟମକୁ ସେହି ଦେଶର ବ୍ୟକ୍ତିବିଶେଷଙ୍କୁ ମାନିବାକୁ ହୋଇଥାଏ। ଦେଶର ସାଧାରଣଲୋକଙ୍କ ସୁରକ୍ଷା, ଅଧିକାର ଏବଂ କର୍ତ୍ତବ୍ୟ ପ୍ରତି ସେଠାକାର ସମ୍ବିଧାନ ସର୍ବଦା ଯତ୍ନବାନ ରହିଥାଏ। ସମ୍ପୂର୍ଣ୍ଣ ଗଣତନ୍ତ୍ର ପ୍ରକ୍ରିୟା ଏବଂ ଏହାର ୪ଟି ସ୍ତମ୍ଭ ମଧ୍ୟ ସମ୍ବିଧାନ ଅନ୍ତର୍ଗତ। ଇତିହାସ କହେ ଯେ ଯେଉଁ ଦେଶରେ ନିଜ ସମ୍ବିଧାନକୁ ଗୁରୁତ୍ୱ ଦିଆଯାଇ ଶାସନ ବ୍ୟବସ୍ଥା ପରିଚାଳିତ କରାଯାଇଛି ସେ ଦେଶ ସେତେ ବିକଶିତ, ଉନ୍ନତ ଓ ସଭ୍ୟ ରାଷ୍ଟ୍ର ଭାବେ ଖ୍ୟାତି ଲାଭ କରିଛି। ସମ୍ବିଧାନ ନଥିଲେ ଦେଶର ସବୁଆଡ଼େ ବିଶୃଙ୍ଖଳା, ଅରାଜକତା, ହିଂସା, ବିଦ୍ୱେଷ, ଦୁଷ୍କର୍ମ, ଚୋରି, ଡକାୟତି, ହତ୍ୟା ଆଦି ଅପରାଧ ବ୍ୟାପିଯିବ। କେହି କହିବାକୁ ମାନିବା ତ ଦୂରର କଥା, କାହା କଥା ମଧ୍ୟ କେହି ଶୁଣିବେନି। ଦୁର୍ବଳ ଉପରେ ସବଳର ଅତ୍ୟାଚାର ବଢ଼ିଯିବ। ଗରିବ ଆହୁରି ଗରିବ ହୋଇଯିବ ଏବଂ ଧନୀ ଆହୁରି ଧନୀ। ଦେଶ ଆଉ ଦେଶ ହୋଇ ରହିବ ନାହିଁ, ଏକ ଅପରାଧ ପୃଷ୍ଠଭୂମି ପାଲଟିଯିବ। ମାତ୍ର ସମ୍ବିଧାନ ଏସବୁକୁ ରୋକିବା ପାଇଁ ଗୋଟିଏ ମାତ୍ର ବାଟ। ସମ୍ବିଧାନ ଅନୁଯାୟୀ ପ୍ରତ୍ୟେକ ମଣିଷର ଏ ସମାଜରେ ନିଜ ହିସାବରେ ମୁଣ୍ଡ ଟେକି ବାଟ ଚାଲିବାର ଏବଂ ବଞ୍ଚିବାର ଅଧିକାର ରହିଛି। ଏହା ମଣିଷର ଜନ୍ମସିଦ୍ଧ ଅଧିକାର ବୋଲି ସମ୍ବିଧାନ କହିଛି। ତେଣୁ ଏହାକୁ କେହି ରୋକିପାରିବେ ନାହିଁ। ଅନ୍ୟ ଅର୍ଥରେ କହିଲେ ସମ୍ବିଧାନ ବ୍ୟକ୍ତିକୁ ନିଜ ଦେଶରେ ସୁରକ୍ଷା ଦେଇଥାଏ। ଏକ ସୁସ୍ଥ ସମାଜଭିତ୍ତିକ ଦେଶରେ ଶାନ୍ତିରେ ନିଶ୍ୱାସ ପ୍ରଶ୍ୱାସ ନେବାକୁ ହେଲେ ଏକ ସୁସ୍ଥ ସମ୍ବିଧାନର ଆବଶ୍ୟକତା ରହିଛି। ତେବେ ଆମେ ନିଜକୁ ଭାଗ୍ୟବାନ ମନେ କରିବା ଉଚିତ ଯେ ଆମେ ଏପରି ଏକ ଦେଶରେ ନାଗରିକ ଯେଉଁ ଦେଶର ସମ୍ବିଧାନ ବିଶ୍ୱର ଏକ ଶକ୍ତିଶାଳୀ ସମ୍ବିଧାନ ଭାବେ ମାନ୍ୟତା ପାଇଛି। ପିଲାମାନେ ତୁମେ ତୁମ ଭାରତ ମାତାକୁ ତୁମେ ତୁମ ସମ୍ବିଧାନକୁ ତୁମେ ତୁମ ସମାଜକୁ ସର୍ବୋପରି ତୁମ ପିତାମାତା ଓ ତୁମ ବିଦ୍ୟାଳୟକୁ ଏହିପରି ଏକ ସ୍ମରଣୀୟ ଦିନରେ ମନେପକାଇବା ଉଚିତ।

ଦେଶରେ ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ହେଲେ ଏକ ବିଧିବଦ୍ଧ ଆଇନ ବ୍ୟବସ୍ଥା ତଥା ସମ୍ବିଧାନର ଆବଶ୍ୟକତା ରହିଛି ବୋଲି ମାନବେନ୍ଦ୍ରନାଥ ରୟ ସର୍ବ ପ୍ରଥମେ ଚିନ୍ତା କରିଥିଲେ। ୧୮୮୭ରେ କଲିକତାର ଆରବେଲିଆ ଅଞ୍ଚଳର ଏକ ବ୍ରାହ୍ମଣ ପରିବାରରେ ଜନ୍ମ ଗ୍ରହଣ କରିଥିବା ମାନବେନ୍ଦ୍ରନାଥ ପ୍ରଥମେ କମ୍ୟୁନିଷ୍ଟ ଚିନ୍ତାଧାରାରେ ବିଶ୍ୱାସ ରଖୁଥିଲେ। ପରେ ସେ ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟ ଏବଂ ସ୍ୱାମୀ ବିବେକାନନ୍ଦଙ୍କ ଲେଖାରେ ପ୍ରଭାବିତ ହୋଇଥିଲେ। ଦେଶରେ କିପରି ଏକ ସୁଶାସନ ବ୍ୟବସ୍ଥା ପ୍ରଚଳନ କରାଯିବ ସେ ନେଇ ଦିନ ରାତି ଭାବିବାକୁ ଲାଗିଲେ। ପରେ ଏହାକୁ ଏକ ଲିଖିତ ତଥା ଚରିତାର୍ଥ ରୂପ ଦେଇଥିଲେ ବି.ଆର. ଆମ୍ବେଦକର। ସେତେବେଳେ ଦେଶର ଜଣେ ଆଇନ ବିଶାରଦ ତଥା ଜଣେ ପ୍ରମୁଖ ଚିନ୍ତାଶୀଳ ବ୍ୟକ୍ତି ଭାବେ ବି.ଆର.ଆମ୍ବେଦକରଙ୍କ ଖ୍ୟାତି ଦେଶ ତଥା ଦେଶ ବାହାରେ ରହିଥିଲା। ୧୮୫୭ରୁ ୧୯୪୭ ପର୍ଯ୍ୟନ୍ତ ଦେଶରେ ଚାଲିଥିବା ବ୍ରିଟିଶ ଶାସନ ଅମଳରେ ଯେଉଁ ଯେଉଁ ନିୟମରେ ଦେଶ ପରିଚାଳିତ ହେଉଥିଲା ଏସବୁକୁ ଆମ୍ବେଦକର ନିଜ ରଚିତ ସମ୍ବିଧାନରେ ସ୍ଥାନ ଦେଇଥିଲେ। କେବଳ ସେତିକି ନୁହେଁ ଯୁକ୍ତ ରାଷ୍ଟ୍ର ଆମେରିକା, ଅଷ୍ଟ୍ରେଲିଆ, ଫ୍ରାନ୍ସ, କାନାଡ଼ା, ସୋଭିଏତ ୟୁନିଅନ ଆଦି ଦେଶର ନିୟମକୁ ମଧ୍ୟ ଭାରତୀୟ ସମ୍ବିଧାନରେ ସେ ପ୍ରଣୟନ କଲେ। ୧୯୪୯, ନଭେମ୍ବର ୨୬ ତାରିଖରେ ଏହାକୁ ସ୍ୱାଧୀନ ଭାରତର ସଂସଦରେ ଉପସ୍ଥାପନ କରାଯାଇଥିଲା। ଆଜିର ଦିନରେ ଭାରତର ସମ୍ବିଧାନ ବିଶ୍ୱର ସର୍ବଦୀର୍ଘ, ସର୍ବୋତ୍ତମ ଏବଂ ସର୍ବଶ୍ରେଷ୍ଠ ସମ୍ବିଧାନର ମାନ୍ୟତା ପାଇଛି। ୧୯୫୦ ଜାନୁଆରୀ ୨୬ ତାରିଖରେ ଏହାକୁ ଦେଶରେ କାର୍ଯ୍ୟକାରୀ କରାଯାଇଥିଲା। ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁ ଏଥିରେ ଦସ୍ତଖତ କରି ଏହାକୁ ଗୃହୀତ କରିଥିଲେ।

ପିଲାମାନେ ସାଧାରଣତନ୍ତ୍ର ଦିବସକୁ କେବଳ ବିଦ୍ୟାଳୟରେ ପାଳନ କରାଯାଉଥିବା ଏକ ଦିନଟିଏ ବୋଲି ଭାବିବ ନାହିଁ। ଏହି ଦିନର ଗୁରୁତ୍ୱ ଅତ୍ୟନ୍ତ ସ୍ମରଣୀୟ। ସମାଜ ପ୍ରତି ତୁମର ଉତ୍ତରଦାୟିତ୍ୱ ରହିଛି। ତୁମ ପିତାମାତାଙ୍କ ପ୍ରତି ତୁମର କର୍ତ୍ତବ୍ୟ ରହିଛି, ତୁମ ବିଦ୍ୟାଳୟ ପ୍ରତି ତୁମର ଦାୟିତ୍ୱ ମଧ୍ୟ ରହିଛି। ଯେଉଁ ସମାଜ ତୁମକୁ ସବୁକିଛି ଶିକ୍ଷା ଦେଇଛି ସେ ସମାଜ ପ୍ରତି ତୁମର ଯେଉଁ ଦାୟିତ୍ୱବୋଧ ତାହାକୁ ତୁମେ କେବେ ଭୁଲିବ ନାହିଁ। ଆମ ସମ୍ବିଧାନ ପାଇଁ ଆଜିର ଦିନଟି ସମ୍ମାନ, ଗର୍ବ ଓ ଗୌରବର ଦିବସଟି ଏହି ଚେତନା ଆମ ଜୀବନକୁ ସତ୍ କର୍ମର ଭାବନା ଗ୍ରହଣ କରି ଦେଶ ମାତୃକାର ସେବା ପାଇଁ ଉତ୍ସର୍ଗୀକୃତ ଗଢ଼ିତୋଳୁ।

+ସମ୍ପାଦିକା-ନିର୍ଦ୍ଦେଶିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ମୋ : ୯୯୩୭୧୭୨୮୧୦

# ଜନ ଗଣ ମନ

## କାଳି ଦାସ



ଗଣତନ୍ତ୍ର ଦିବସ ଓଡିଶା ବାସୀଙ୍କ ପାଇଁ ଗର୍ବ ଗୌରବର ଦିନ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗଣତନ୍ତ୍ର ଦିବସ ଅବସରରେ କର୍ତ୍ତବ୍ୟ ପଥରେ ଜାତୀୟ ପତକା ଉତ୍ତୋଳନ କରିବେ। ଦ୍ରୌପଦୀ ମୁର୍ମୁ ଓଡିଶାର ଝିଅ, ଓଡିଆ ମାଟିର ଝିଅ। ଦେଶ ତାର ୭୭ ତମ ଗଣତନ୍ତ୍ର ଦିବସ ପାଳନ କରିବାକୁ ଯାଉଛି। ଗଣତନ୍ତ୍ର ଦିବସ ଓ ସ୍ୱାଧୀନତା ଦିବସ ଦୁଇଟି ଯାକ ଦିବସ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଗୌରବର ଦିବସ। ଏହି ସମୟ ରେ ଆମର ପାଣି ପବନରେ ଯେମିତି ଦେଶ ପ୍ରେମ ଭରିଯାଇଥାଏ। ଏକ ରୋମାଞ୍ଚକର ଅନୁଭୂତି ଅନୁଭବ କରି ହୁଏ। ପ୍ରତି ବର୍ଷ ଆମେ ସ୍ୱାଧୀନତା ଦିବସ ଏବଂ ଗଣତନ୍ତ୍ର ଦିବସକୁ ପାଳନ କରୁ କିନ୍ତୁ ପ୍ରତ୍ୟେକ ଥରର ଅନୁଭୂତି ନୂଆ ମନେ ହୁଏ। ପିଢି ପରେ ପିଢି ଏହି ଜାତୀୟ ପର୍ବ ପାଳନ କରି ଚାଲିଛନ୍ତି ଏବଂ ଚାଲୁଥିବେ ମଧ୍ୟ। ଆମ ଭିତରେ କମ ଲୋକ ଏମିତି ଥିବେ ଯେଉଁ ମାନେ ପରାଧୀନ ଭାରତକୁ ଦେଖିଥିବେ। ତଥାପି ଭିତରେ ଭିତରେ କେଉଁଠି ନା କେଉଁଠି ଆମେ ପରାଧୀନତାର ଦୁଃଖ ଅନୁଭବ କରୁ। ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନ ଆମ କୁ ବଳିଷ୍ଠ କରିଛି। ସ୍ୱାଧୀନତା ସଂଗ୍ରାମୀଙ୍କ ପାଦ ତଳେ ମୁଣ୍ଡ ନୁଆଇଁ ଆମେ ନିଜକୁ ଧନ୍ୟ ମନେ କରିଛୁ।

ଭାରତ ରେ ଗଣତନ୍ତ୍ରର ପ୍ରତିଷ୍ଠା ପୂର୍ବରୁ ରାଜତନ୍ତ୍ର ଚାଲିଥିଲା। ଭାରତର ସ୍ୱାଧୀନତା ପରେ ସରଦାର ବଲ୍ଲଭ ଭାଇ ପଟେଲ ଛୋଟ ଛୋଟ ରାଜ୍ୟ ଗୁଡିକୁ ଭାରତରେ ବିଳୟ କରାଇଥିଲେ। ୫୬୫ ରାଜା ଶାସିତ ରାଜ୍ୟ ଗୁଡିକ ଭାରତରେ ବିଳୟ ହେଲେ ଏବଂ ଭାରତ ରେ ଗଣତନ୍ତ୍ରର ପ୍ରତିଷ୍ଠା ହେଲା । ୨୬ ଜାନୟାରୀ ୧୯୫୦ରେ ଭାରତରେ ପ୍ରଥମ ଥର ଗଣତନ୍ତ୍ର ଦିବସ ପାଳନ କରାଯାଇଥିଲା। ଗଣତନ୍ତ୍ର ଦିବସ କୁ ଭାରତ ରେ ଜାତୀୟ ଛୁଟି ରୂପେ ପାଳନ କରାଯାଏ । ୨୪ ଜାନୟାରୀ ୧୯୫୦ ଦିନ ସମ୍ବିଧାନ ଲେଖାପୂର୍ଣ୍ଣ ହେଲା। ଆଉ ୨୬ ଜାନୁୟାରୀ ଦିନ ଏହାକୁ କାର୍ଯ୍ୟକାରୀ କରଯାଇଥିଲା । ସମ୍ବିଧାନର ପ୍ରଣେୟତା ଡ . ବି.ଆର ଆମ୍ବେଦକରଙ୍କୁ ସମ୍ବିଧାନ ର ଜନକ କୁହାଯାଏ । ଡ . ଆମ୍ବେଦକର ଭାରତ ରେ ଥିବା ବିଭିନ୍ନତା ରେ ଏକତାକୁ ଦୃଷ୍ଟିରେ ରଖି ଆମର ସମ୍ବିଧାନକୁ ପ୍ରଣୟନ କରିଥିଲେ। ଆମର ପ୍ରଥମ ଗଣତନ୍ତ୍ର ଦିବସର ସମାରୋହରେ ଭାରତର ପ୍ରଥମ ରାଷ୍ଟ୍ରପତି ଡା .ରାଜେନ୍ଦ୍ର ପ୍ରସାଦ ଘୋଡାରେ ବସି ରେଡ ଫୋର୍ଟକୁ ଯାଇଥିଲେ। ଗଣତନ୍ତ୍ର ଦିବସ ଭାରତର ନାଗରିକଙ୍କ ପାଇଁ ଏକ ମହତ୍ୱପୂର୍ଣ୍ଣ ଦିନ । ଗଣତନ୍ତ୍ରର ଅର୍ଥ ହେଲା ସାଧାରଣ ଜନତାଙ୍କ ଶାସନ। ଏହା କୌଣସି ଉତ୍ସବଠାରୁ କମ ନୁହେ । ବିଭିନ୍ନ ସ୍ଥାନରେ ହର୍ଷ ଉଲ୍ଲାସରେ ଗଣତନ୍ତ୍ର ଦିବସ ପାଳନ କରାଯାଇଥାଏ । ପୋଲିସ କର୍ମୀ ଏବଂ ସ୍କୁଲରେ ପଢୁଥିବା ଛାତ୍ର ଛାତ୍ରୀ ମାନେ ପେରେଡ ମାର୍ଚ୍ଚ କରି ଗଣତନ୍ତ୍ର ଦିବସ ପାଳନ କରିଥାନ୍ତି। ଏହି ଅବସରରେ ଦେଶର ରାଷ୍ଟ୍ରପତି କର୍ତ୍ତବ୍ୟପଥରେ ପତକା ଉତ୍ତୋଳନ କରନ୍ତି । ଗଣତନ୍ତ୍ର ଦିବସରେ ତିରଙ୍ଗାକୁ ଖୁଣ୍ଟର ଉପରେ ବନ୍ଧା ଯାଇଥାଏ କିନ୍ତୁ ସ୍ୱାଧୀନତା ଦିବସରେ ତିରାଙ୍ଗାକୁ ଖୁଣ୍ଟିର ମଝିରେ ବନ୍ଧା ଯାଇଥାଏ । ସ୍ୱାଧୀନତା ଦିବସରେ ପ୍ରଧାନମନ୍ତ୍ରୀ ତିରଙ୍ଗାକୁ ଖୁଣ୍ଟିର ଉପରକୁ ଉଠାନ୍ତି ଓ ଉତ୍ତୋଳନ କରିଥାନ୍ତି । ବିଭିନ୍ନ ରାଜ୍ୟର ରାଜ୍ୟପାଳ ଗଣତନ୍ତ୍ର ଦିବସ ଅବସରରେ ରାଜ୍ୟ ଗୁଡିକ ରେ ଜାତୀୟ ପତକା ଉତ୍ତୋଳନ କରନ୍ତି । ଗଣତନ୍ତ୍ର ଦିବସରେ ରାଷ୍ଟ୍ରପତି ନିଜର ଅଭିଭାଷଣ ଦେଇଥାନ୍ତି । ଶହୀଦ ମାନଙ୍କୁ ଏବଂ ବଳ ଓ ଶୌର୍ଯ୍ୟ ଦେଖାଇଥିବା ସେନା ବାହିନୀର ଅଫିସର, ପୋଲିସ କର୍ମୀଙ୍କୁ ଓ ଜବାନକୁ କୀର୍ତ୍ତି ଚକ୍ର ଓ ପରମବୀର ଚକ୍ରରେ ସମ୍ମାନିତ କରାଯାଏ । ଗଣତନ୍ତ୍ର ଦିବସର ଅବସର ରେ ବିଭିନ୍ନ କ୍ଷେତ୍ରରେ ନିଜର ପାରଦର୍ଶୀ ଦେଖାଇଥିବା ବ୍ୟକ୍ତି ବିଶେଷଙ୍କୁ ପଦ୍ମ ଭୂଷଣ, ପଦ୍ମ ଶ୍ରୀ ଦ୍ୱାରା ସମ୍ମାନିତ କରାଯାଇଥାଏ। ଗଣତନ୍ତ୍ର ଦିବସ ଅବସରରେ ଦେଶର ଭିର୍ନ୍ନ ଭିର୍ନ୍ନ ସ୍ଥାନରେ ସଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ମିଳିଥାଏ । ଦିଲ୍ଲୀର ରାଜପଥ ରେ ଦେଶର ବିଭିନ୍ନ ରାଜ୍ୟର କଳା ଓ ସଂସ୍କୃତିର ଝାଙ୍କି ଦ୍ୱାରା ପ୍ରଦର୍ଶନ କରାଯାଇଥାଏ । ପ୍ରତ୍ୟେକ ପ୍ରଦେଶ ତାର ବିଶେଷତାକୁ କର୍ତ୍ତବ୍ୟପଥରେ ଉପସ୍ଥାପନା କରିଥାଏ । ସ୍କୁଲ, କଲେଜ ଓ ଅଫିସ ସବୁଠାରେ ଲୋକେ ଏକତ୍ରିତ ହୋଇ ଗଣତନ୍ତ୍ର ଦିବସ ପାଳନ କରିଥାନ୍ତି । କୋଠା, ବାଡି ଘର ସବୁଠି ତିରଙ୍ଗା ଦେଖିବାକୁ ମିଳେ । ଆମର ଛୋଟ ବେଳୁ ଆମେ ଦେଶ ପ୍ରେମର ସ୍ୱର୍ଶ ଏହି ଜାତୀୟ ଉତ୍ସବ ପାଳନ କରି ପାଇଥାଉ ।

+ବ୍ରହ୍ମପୁର
ଖୋଡାସିଙ୍ଗ, କଳିଙ୍ଗନଗର
ମୋ: ୭୨୦୫୧୦୦୮୩୯

# ଗର୍ବ ଓ ଗୌରବର ପର୍ବ ଗଣତନ୍ତ୍ର ତଥା ଜନରାଜ୍ୟ ଦିବସ



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା



ଅଗଷ୍ଟ ୧୫ ତାରିଖ ୧୯୪୭ ମସିହାରେ ଭାରତ ସ୍ୱାଧୀନ ହୋଇଥିଲା । ୨୬ ଜାନୁଆରୀ ୧୯୫୦ରେ ସମ୍ବିଧାନକୁ ଆତ୍ମସାତ କରାଯାଇଥିଲା। ଏହାପରେ ଭାରତକୁ ଏକ ଲୋକତନ୍ତ୍ର ଗଣତନ୍ତ୍ର ଦେଶ ଘୋଷଣା କରାଗଲା। ସେବେଠାରୁ ପ୍ରତି ବର୍ଷ ୨୬ ଜାନୁଆରୀକୁ ଗଣତନ୍ତ୍ର ଦିବସ ରୂପେ ପାଳନ କରାଯାଇଆସୁଛି। ଭାରତରେ ପ୍ରତିବର୍ଷ ଜାନୁଆରୀ ମାସ ୨୬ ତାରିଖକୁ ଗଣତନ୍ତ୍ର ଦିବସ ଭାବେ ପାଳନ କରାଯାଏ । ଏହି ଦିନ ଲାଗୁ ହୋଇଥିଲା ଭାରତର ସମ୍ବିଧାନ । ଏହି ଦିନକୁ ମନେ ରଖିବା ପାଇଁ ହିଁ ପ୍ରତିବର୍ଷ ଏହାକୁ ଗଣତନ୍ତ୍ର ଦିବସ ଭାବେ ପାଳନ କରାଥାଏ । ଦେଶର ସମସ୍ତ ସ୍କୁଲ, କଲେଜ, ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନ, ସରାକରୀ ଓ ବେସରକାରୀ କାର୍ଯ୍ୟାଳୟରେ ମଧ୍ୟ ଜାତୀୟ ପତକା ଉତ୍ତୋଳନ କରାଯାଏ । ଦେଶର ପ୍ରଥମ ରାଷ୍ଟ୍ରପତି ଡକ୍ଟର ରାଜେନ୍ଦ୍ର ପ୍ରସାଦ ୨୬ ଜାନୁଆରୀ ୧୯୫୦ରେ ୨୧ ତୋପ ସଲାମୀ ସହିତ ଭାରତର ଧ୍ୱଜାକୁ ଉଡ଼ାଇ ଥିଲେ ଓ ଭାରତକୁ ପୂର୍ଣ୍ଣ ଗଣତନ୍ତ୍ର ଦିବସ ଘୋଷଣା କରିଥିଲେ। ସେବେଠାରୁ ଏହି ଦିନକୁ ଗଣତନ୍ତ୍ର ଦିବସ ରୂପେ ପାଳନ କରାଯାଉଛି।

ଅନେକ ରାଜ୍ୟକୁ ନେଇ ଆମ ଭାରତ ଗଠିତ ହୋଇଛି। ରାଜ୍ୟ ମାନଙ୍କର ଏକ ସଙ୍ଘ ହେଉଛି ଭାରତ। ସଂସଦୀୟ ପ୍ରକ୍ରିୟାରେ ବନ୍ଧା ହୋଇଥିବା ଏକ ଗଣରାଜ୍ୟ ହେଉଛି ଭାରତ। ଏହି ଗଣରାଜ୍ୟ ଭାରତ ସମ୍ବିଧାନ ଅନୁଯାୟୀ ଶାସିତ ଅଟେ । ସମ୍ବିଧାନ ସଭାରେ ୨୬ ନଭେମ୍ବର ୧୯୪୯ରେ ଏହି ସମ୍ବିଧାନକୁ ଗ୍ରହଣ କରାଯାଇଥିଲା। ଯାହାପରେ ୨୬ ଜାନୁୟାରୀ ୧୯୫୦ ମସିହାରେ ଏହା ପ୍ରଭାବ ଦେଖାଇଲା। ସ୍ୱାଧୀନତା ପାଇବାର ପ୍ରାୟ ଅଢେଇ ବର୍ଷ ପରେ ଭାରତ ନିଜ ସମ୍ବିଧାନ ପ୍ରଣୟନ କରିବାରେ ସକ୍ଷମ ହୋଇଥିଲା ।ପରେ ଭାରତ ଗଣତାନ୍ତ୍ରିକ ଗଣରାଜ୍ୟ ଭାବରେ ନିଜକୁ ଘୋଷଣା କରିଥିଲା। ନୂଆଦିଲ୍ଲୀରେ ଗଣତନ୍ତ୍ର ଦିବସ ସମାରୋହ ପାଇଁ ଏକ ମାସ ପୂର୍ବରୁ ପ୍ରସ୍ତୁତି ଆରମ୍ଭ ହୋଇଥାଏ । ଏହି ସମାରୋହରେ ବିଭିନ୍ନ ରାଜ୍ୟର ସଂସ୍କୃତି ଓ ପରମ୍ପରାର ଝଲକ ଦେଖିବାକୁ ମିଳେ। ପରେ ଜଳ, ସ୍ଥଳ ଓ ବାୟୁ ସେନାର ଯବାନମାନଙ୍କ ପ୍ୟାରେଡ ଏବଂ ବିଭିନ୍ନ ଦୁଃସାହାସିକ କୌଶଳ ପ୍ରଦର୍ଶନ କରାଯାଇଥାଏ । ଗଣତନ୍ତ୍ର ଦିବସର ୩ ଦିନ ପରେ ଜାନୁଆରୀ ୨୯ରେ ଜାତୀୟ ପତକା ଅବତରଣ ଉତ୍ସବ ଅନୁଷ୍ଠିତ ହୋଇଥାଏ । ଚଳିତ ବର୍ଷ ବଦଳିବ ଗଣତନ୍ତ୍ର ଦିବସ ପରମ୍ପରା୧୯୭୩ ମହିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଇଣ୍ଡିଆଗେଟ ସ୍ଥିତ 'ଅମର ଯବାନ ଜ୍ୟୋତି'ଠାରେ ସହିଦ ସୈନିକଙ୍କୁ ଶ୍ରଦ୍ଧାଞ୍ଜଳୀ ଦେବା ପରମ୍ପରା ଆରମ୍ଭ କରିଥିଲେ। ଯାହା ଗତବର୍ଷ ପର୍ଯ୍ୟନ୍ତ ଚାଲୁଥିଲା। 'ଅମର ଯୱାନ ଜ୍ୟୋତି'ଠାରେ ୧୯୭୧ ପାକିସ୍ତାନ ସହ ଯୁଦ୍ଧରେ ସହିଦ ଯୱାନଙ୍କ ଉଦ୍ଦେଶ୍ୟରେ ନିର୍ମାଣ କରାଯାଇଥିଲା।

ଦେଶର ପ୍ରଥମ ନାଗରିକ ଅର୍ଥାତ ରାଷ୍ଟ୍ରପତି ଗଣତନ୍ତ୍ର ଦିବସ ସମାରୋହରେ ଉପସ୍ଥିତ ରହି ରାଷ୍ଟ୍ରୀୟ ଧ୍ୱଜା ଉଡ଼ନ୍ତି। ଭାରତର ରାଷ୍ଟ୍ରପତି ଭବ୍ୟ ପ୍ୟାରେଡର ସଲାମୀ ନିଅନ୍ତି। ସେ ଭାରତୀୟ ସସସ୍ତ୍ରବଳଙ୍କ କମାଣ୍ଡର ଇନ୍ ଚିଫ୍ ବି ହୁଅନ୍ତି। ବିଟିଂ ରିଟ୍ରିଟର ସମାରୋହ ରାଇସିନା ହିଲସରେ ରାଷ୍ଟ୍ରପତି ଭବନ ସାମ୍ନାରେ ହୁଏ, ଯେଉଁଠି ମୁଖ୍ୟ ଅତିଥି ରାଷ୍ଟ୍ରପତି ହିଁ ରୁହନ୍ତି। ବିଟିଂ ରିଟ୍ରିଟ ଗଣତନ୍ତ୍ର ଦିବସ ସରିବାର ତୃତୀୟ ଦିନ ପାଳନ କରାଯାଏ। ସମାରୋହ ସାରିବା ପରେ ବିଟିଂ ରିଟ୍ରିଟ ସମାରୋହ ପାଳନ ହୁଏ। ବିଟିଂ ରିଟ୍ରିଟରେ ସ୍ଥଳ ସେନା, ବାୟୁ ସେନା , ଓ ନୌସେନାଙ୍କ ବ୍ୟାଙ୍ଗ ପାରମ୍ପରିକ ବାଦ୍ୟ ବଜାଇ ମାର୍ଚ୍ଚ କରନ୍ତି। ପ୍ରତିବର୍ଷ ୨୬ ଜାନୁୟାରୀ ପୁର୍ବ ସନ୍ଧ୍ୟାରେ ରାଷ୍ଟ୍ରୀୟ ବୀର ପୁରସ୍କାର ପ୍ରଦାନ କରାଯାଏ। ୧୯୫୭ ମସିହାରୁ ଏହି ପୁରସ୍କାର ଛୋଟ ପିଲାଙ୍କୁ ଦିଆଯାଇ ଆସୁଛି। ଏହିଦିନ ଗୋଟାଏ ପଦକ, ପ୍ରମାଣ ପତ୍ର ଓ ନଗଦ ଟଙ୍କା ପ୍ରଦାନ କରାଯାଏ। ଏହି ସବୁ ପିଲାଙ୍କୁ ସ୍କୁଲ୍ ସାରିବା ପର୍ଯ୍ୟନ୍ତ ପାଠ ପଢା ଖର୍ଚ୍ଚ ଦିଆଯାଏ ।ରାଜ୍ୟର ରାଜଧାନୀରେ ରାଜ୍ୟର ରାଜ୍ୟପାଳ, ଗଣତନ୍ତ୍ର ଦିବସରେ ରାଷ୍ଟ୍ରୀୟ ଧ୍ୱଜା ଉଡ଼ାନ୍ତି। ଭାରତରେ ରାଷ୍ଟ୍ରୀୟ ଧ୍ୱଜ ସମାରୋହ ଦୁଇଥର ହୁଏ। ଗଣତନ୍ତ୍ର ଦିବସ ଏବଂ ସ୍ୱାଧୀନତା ଦିବସରେ। ସ୍ୱାଧୀନତା ଦିବସରେ ପ୍ରଧାନମନ୍ତ୍ରୀ ଦେଶର ରାଜଧାନୀରେ ରାଷ୍ଟ୍ରୀୟ ଧ୍ୱଜା ଉଡ଼ନ୍ତି। ଆଉ ରାଜ୍ୟର ରାଜଧାନୀରେ ମୁଖ୍ୟମନ୍ତ୍ରୀ।

ପ୍ରତ୍ୟେକ ଦେଶପରି ଆମ ଦେଶରେ ଗୋଟିଏ ସମ୍ବିଧାନ ରହିଛି । ସେହି ସମ୍ବିଧାନକୁ ମାନି ଚଳିବା ପାଇଁ ଦେଶବାସୀ ଏହି ଦିବସରେ ସଂକଳ୍ପବଦ୍ଧ ହୁଅନ୍ତି । ସାଧାରଣତନ୍ତ୍ର ଦିବସ ଭାରତର ଏକ ଜାତୀୟ ଦିବସ ରୂପେ ପରିପାଳିତ ହେଉଛି । ଏହା ଦେଶବାସୀଙ୍କର ଆତ୍ମସମୀକ୍ଷା ଓ ସଂକଳ୍ପ ଦିବସ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଏପରିପ୍ରେକ୍ଷୀରେ ବ୍ୟକ୍ତି ବିଶେଷ ଦେଶର ଜାତୀୟ ସଂହତି ଅକ୍ଷୁଣ୍ଣ ରଖିବାକୁ ସଦାଚେଷ୍ଟିତ ହୋଇଥାଆନ୍ତି । ଦେଶର ବିଭିନ୍ନ ସ୍ଥାନରେ ଦେଖାଦେଇଥିବା ଦୁର୍ନୀତିକୁ ଦେଶରୁ ସମୂଳେ ନଷ୍ଟ କରିବା ନିମନ୍ତେ ସମସ୍ତେ ଆଗେଇ ଆସିବା ଉଚିତ । ଦେଶରୁ ସନ୍ତ୍ରାସବାଦୀ କାର୍ଯ୍ୟକଳାପକୁ ସମ୍ପୂର୍ଣ୍ଣ ଧ୍ୱଂସ କରିବା ନିମନ୍ତେ ସମସ୍ତ ନାଗରିକ ପ୍ରତିଜ୍ଞାବଦ୍ଧ ହେବା ଉଚିତ । ଦେଶରୁ ଦୋଷ ଦୁର୍ବଳତାକୁ ପ୍ରତିହତ କରି ଦେଶକୁ ଉନ୍ନତି ପଥରେ ଆଗେଇ ନେବା ପାଇଁ ସମସ୍ତେ କାର୍ଯ୍ୟ କରିବା ଉଚିତ । ବ୍ୟକ୍ତିର ଉନ୍ନତି ସହିତ ଦେଶର ଉନ୍ନତି ଦେଖିବା ପ୍ରତ୍ୟେକ ନାଗରିକର ଧେୟ ହେବା ଉଚିତ । ତାହାଦ୍ୱାରା ଦେଶର ତଥା ବ୍ୟକ୍ତିର ଉନ୍ନତି ହୋଇପାରିବ ।

+ଅରଙ୍ଗାବାଦ, ବରୀ, ଯାଜପୁର
ମୋ: ୮୨୪୯୫୦୨୭୭୬



# ସାଧାରଣତନ୍ତ୍ର ଦିବସ

## ରତ୍ନକାନ୍ତି ମିଶ୍ର



ପରାଧୀନତାର ଅସହ୍ୟ ଯାତନା
ଫାଶୀ କଳାପାଣି କେତେ କଟକଣା
ସହିଥିଲେ ଆମ ସଂଗ୍ରାମୀ ଗଣ
ମାଟିମା' ମୁକ୍ତିରେ କରିଥିଲେ ପଣ।

ଶୁଣି ସହୀଦଙ୍କ ଜୀବନ ବୃତ୍ତାନ୍ତ
ଆଖି ଦୁଇ ହୁଏ ଲୁହରେ ଆପ୍ଲୁତ,
ବଳିଦାନର ସେ ଅମର ସଂଗୀତ
ଆଜି ବି ହୃଦୟେ ହୁଅଇ ସ୍ପନ୍ଦିତ।

ଦୁର୍ଦ୍ଦିନର ସେଇ ଅମା ଅନ୍ଧକାର
ଘୁଞ୍ଚି ଦୃଶ୍ୟହେଲା ଆଲୋକର ଧାର
ଅଗଷ୍ଟ ମାସର ପନ୍ଦର ତାରିଖ
ସ୍ୱାଧୀନତା ସ୍ୱାଦ ପାଇଲା ଏ ଦେଶ।

ସ୍ୱତନ୍ତ୍ରତାର ସେ ଅମୂଲ୍ୟ ସ୍ୱାକ୍ଷର
ତ୍ରିରଙ୍ଗା ରୂପରେ ଉଡେ ଫରଫର,
ଆଜି ଏ ଦେଶର କୋଣ ଅନୁକୋଣେ
ଖୁସି ଉଦ୍ଦୀପନା ଝଳେ ପ୍ରତି ପ୍ରାଣେ।

ସୁନୀଳ ଆକାଶେ ଶାନ୍ତିର କପୋତ
ଖୁସିରେ ଗାଇଲେ ମୁକ୍ତିର ସଂଗୀତ,
ଏ ଦେଶ ହୋଇଲା ସାଧାରଣତନ୍ତ୍ର
ଜାତୀୟତା ଭାବ ମନେ ଉଦ୍ରେକିତ।

ନୂତନ ଯୋଜନା ନୂତନ କଳ୍ପନା
ନବୀନ ଚେତନା ନବ ସଂରଚନା
ଭିତ୍ତିଭୂମି ଆମ ଦୃଢ ଗଣତନ୍ତ୍ର
ସ୍ୱୀୟ ସମ୍ବିଧାନ ସଫଳତା ସୂତ୍ର ।

ଜାନୁଆରୀ ମାସ ଛବିଶ ତାରିଖ
ଜନ-ଗଣ-ମନ ଉଲ୍ଲାସେ ଉନ୍ମୁଖ,
ସାର୍ବଭୌମତାର ପର୍ବ ଏ ଆମର
ଐତିହ୍ୟ ସଂସ୍କୃତି ମୈତ୍ରୀ ଧରୋହର।

+ ଆଳି, କେନ୍ଦ୍ରାପଡା

# ପାରାଦୀପ ଏବଂ ଜଗତସିଂହପୁର ଅଞ୍ଚଳର ଗରିବ, ଦୃଷ୍ଟିହୀନ ଖେଳାଳିଙ୍କ ପାଇଁ ଜ୍ୟୋତି ଲେଡିଜ୍ କ୍ଲବ୍ ଇଫକୋ ପାରାଦୀପ ଦାନ ଅଭିଯାନ



ପାରାଦୀପ, ୨୫/୧ (ନି.ପ୍ର): କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧର ଏକ ହୃଦୟସ୍ପର୍ଶୀ ପ୍ରଦର୍ଶନ ସ୍ୱରୂପ, ଇଫକୋ ର ପ୍ରଥମ ମହିଳା ଶ୍ରୀମତୀ ମମତା ପଟେଲ ପାରାଦୀପ ଏବଂ ଜଗତସିଂହପୁର ଅଞ୍ଚଳରେ ଆର୍ଥିକ ଭାବରେ ଦୁର୍ବଳ, ଦୃଷ୍ଟିହୀନ ଖେଳାଳି ଏବଂ ବୃଦ୍ଧାଶ୍ରମର ବାସିନ୍ଦାଙ୍କୁ ଲକ୍ଷ୍ୟ କରି ଦାନ କାର୍ଯ୍ୟକ୍ରମର ଏକ ଶୃଙ୍ଖଳାର ଶୁଭାରମ୍ଭ କରିଛନ୍ତି। ଇଫକୋ ର ଜ୍ୟୋତି ଲେଡିଜ୍ କ୍ଲବ୍ ଦ୍ୱାରା ଆୟୋଜିତ, ଏହି ପଦକ୍ଷେପଗୁଡ଼ିକ ଏକ ସ୍ପନ୍ଦନଶୀଳ ସାମାଜିକ-ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଆବଶ୍ୟକତା ଥିବା ଲୋକଙ୍କ ପାଖରେ ପହଞ୍ଚିଥିଲା। ଦୃଷ୍ଟିହୀନ ଖେଳାଳିମାନେ ରାଜ୍ୟ ଦୃଷ୍ଟିହୀନ ଏବଂ ପାରା ଜୁଡୋ ଆସୋସିଏସନ୍ ଅଫ୍ ଓଡ଼ିଶାର ତାଲିମ ଏବଂ ପ୍ରତିଯୋଗିତାକୁ ସମର୍ଥନ କରିବା ପାଇଁ ସ୍ୱତନ୍ତ୍ର କ୍ରୀଡ଼ା ପୋଷାକ ସମେତ ବ୍ୟାପକ କ୍ରୀଡ଼ା କିଟ୍ ପାଇଥିଲେ। ବାଲିଝରା ପାରାଦୀପର ମା ସନ୍ତୋଷୀ ଜରାଶ୍ରମର ଅନାଥାଶ୍ରମ କେନ୍ଦ୍ରକୁ ଅତ୍ୟାବଶ୍ୟକୀୟ ସାମଗ୍ରୀ, ମଶାରୀ, ବିଛଣା ଏବଂ ଅନ୍ୟାନ୍ୟ ଦୈନନ୍ଦିନ ଆବଶ୍ୟକତା ଯୋଗାଇ ଦିଆଯାଇଥିଲା। ଏହା ସହିତ, ସମାଜର ଆର୍ଥିକ ଦୃଷ୍ଟିହୀନ ବ୍ୟକ୍ତିମାନଙ୍କୁ ଆତ୍ମନିର୍ଭରଶୀଳତା ଏବଂ ଆୟ ବୃଦ୍ଧି ପାଇଁ ସିଲାଇ ମେସିନ୍ ଉପହାର ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶ୍ରୀମତୀ ଜୀଙ୍କ ସମେତ ପ୍ରମୁଖ ବ୍ୟକ୍ତିବିଶେଷଙ୍କୁ ଆକର୍ଷିତ କରାଯାଇଥିଲା। ଜ୍ୟୋତି ଲେଡିଜ୍ କ୍ଲବର ସଭାପତି ସନ୍ଦୀପା ସୁଚରିତା ରଥ, ସଚିବ ଶ୍ରୀମତୀ ଲିପିକା ଦଳାଇ ଏବଂ ଜ୍ୟୋତି ଲେଡିଜ୍ କ୍ଲବ ଇଫକୋ ର ଅନ୍ୟାନ୍ୟ ସମ୍ମାନିତ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ବଣ୍ଟନ କାର୍ଯ୍ୟକ୍ରମରେ କ୍ଲବର ତୃଣମୂଳ ସ୍ତରର କଲ୍ୟାଣ ପ୍ରତି ପ୍ରତିବଦ୍ଧତା ଉପରେ ଆଲୋକପାତ କରାଯାଇଥିଲା। ସମାବେଶକୁ ସମ୍ବୋଧିତ କରି, ଶ୍ରୀମତୀ ପଟେଲ ଇଫକୋ ର ନିରନ୍ତର ସମର୍ପଣ ଉପରେ ଗୁରୁତ୍ୱାରୋପ କରିଥିଲେ। 'ଇଫକୋ ର ଜ୍ୟୋତି ଲେଡିଜ୍ କ୍ଲବ ଯେତେବେଳେ ଏବଂ ଯେଉଁଠାରେ ସାହାଯ୍ୟର ଆବଶ୍ୟକତା ପଡ଼ିବ ସେତେବେଳେ ଏପରି କାର୍ଯ୍ୟକ୍ରମ ପରିଚାଳନା କରିବ,' ସେ କହିଥିଲେ। 'ଯେଉଁ ସ୍ଥାନଗୁଡ଼ିକରେ ସାହାଯ୍ୟ ଅପହଞ୍ଚ ମନେହୁଏ, ସେଠାରେ ମଧ୍ୟ ଇଫକୋ ଆବଶ୍ୟକୀୟ ସମସ୍ତ କାର୍ଯ୍ୟକ୍ରମ ଯୋଗାଇବା ପାଇଁ ପଦକ୍ଷେପ ନେବ।' ଏହି କାର୍ଯ୍ୟକ୍ରମକୁ ଇଫକୋ ର ଜନସମ୍ପର୍କ ଅଧିକାରୀ ଶ୍ରୀ ପ୍ରସନ୍ନ କୁମାର ବେଉରା ଦକ୍ଷତାର ସହିତ ପରିଚାଳିତ କରିଥିଲେ। ଏହି ପଦକ୍ଷେପ କ୍ଲବର ପୂର୍ବ ଦାନଶୀଳ ପ୍ରୟାସ ଉପରେ ଆଧାରିତ, ଭବିଷ୍ୟତରେ ଏପରି କାର୍ଯ୍ୟକଳାପକୁ ବଜାୟ ରଖିବା ଏବଂ ବିସ୍ତାର କରିବା ପାଇଁ ଯୋଜନା ସହିତ, ଓଡ଼ିଶାର ଶିଳ୍ପ କେନ୍ଦ୍ରଭୂମିରେ ସାମୁଦାୟିକ ଉନ୍ନତିରେ ଇଫକୋ ର ଭୂମିକାକୁ ଆହୁରି ସୁଦୃଢ଼ କରିଥାଏ।

# ଶିମିଳିପାଳ ଜୈବମଣ୍ଡଳ ସୁରକ୍ଷା ପ୍ରବନ୍ଧ ଲିଖନ ଓ ଆଲୋଚନା

ଉଦଳା , ୨୫/୧ (ନି.ପ୍ର): ଜନଜାଗୃତି ମଂଚ ଉଦଳା ମୟୂରଭଂଜଙ୍କ ପ୍ରତକ୍ଷ ତତ୍ତ୍ୱାବଧାନରେ ତଥା ଜିଲ୍ଲାର ଜନସାଧାରଣଙ୍କ ସହଯୋଗରେ ୧୫ ନଭେମ୍ବର ୨୦୨୫ ତାରିଖରୁ ଜନଜାତି ଗୌରବ ଦିବସର ପରମ୍ପରା ଗୌରବ ଅଭିଯାନ ଚାଲୁରହିଛି । ଏହି ଅଭିଯାନ କାର୍ଯ୍ୟସୂଚୀରେ ଜଙ୍ଗଲ ଚାଲ, ଆମ ପାରମ୍ପରିକ ଖେଳ, ଛଅତିଅଣ ନଅ ଭଜା, ଆମ ପାରମ୍ପାରିକ ବିହନ, ପାଗଯୋଗ, ଆସ ଆମେ ଖେଳିବା, ପରିବର୍ତ୍ତନର ଧାରା ସମୂହ, ଯୁବ ପିଢ଼ିଙ୍କୁ ବୟସ୍କଙ୍କ ବାର୍ତ୍ତା, ଜୈବ ବିବିଧତାର ଅବକ୍ଷୟ ଓ ଯୁବ ଛାତ୍ର ସମାଜର ଭୂମିକା, ଗୋଷ୍ଠୀ ଭିତିକ ଜଣା ଅଜଣା, କାର୍ଯ୍ୟ ସମୂହ ଆୟୋଜିତ ହୋଇ ଆସୁଅଛି । ଏହି କ୍ରମରେ ଶିମିଳିପାଳ ଉଚ୍ଚ ବିଦ୍ୟାଳୟ ଭୋଳାଗଡ଼ିଆ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଏକ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି । ଶିମିଳିପାଳ ଜୈବ ମଣ୍ଡଳ ସୁରକ୍ଷାରେ ଛାତ୍ର ଛାତ୍ରୀ ମାନଙ୍କର ଦାୟିତ୍ୱ ଓ କର୍ତବ୍ୟ ସମ୍ବନ୍ଧିତ ପ୍ରବନ୍ଧରେ ବିଦ୍ୟାଳୟର ୪ଜଣ ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ପ୍ରବନ୍ଧ ଲିଖନ ପରେ ଏହି ବିଷୟରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇ ଯାଇଛି । ଆମର ସୌଭାଗ୍ୟ ଆମେ ଶିମିଳିପାଳ ପାରିପାର୍ଶ୍ୱିକ ଅଂଚଳରେ ବସବାସ କରୁଛନ୍ତି । ଏହାର ସଂରକ୍ଷଣ, ସମୃଦ୍ଧି, ବିକାଶ ଓ ଅବକ୍ଷୟକୁ ରୋକିବା ନିମନ୍ତେ ଆମ ସମସ୍ତଙ୍କୁ ଦାୟିତ୍ୱ ସମ୍ପନ୍ନ ଭାବେ ସମ୍ମିଳିତ କାର୍ଯ୍ୟ କରିବାକୁ ପଡ଼ିବ । ଶିମିଳିପାଳ ଜୈବ ମଣ୍ଡଳ କେବଳ ମୟୂରଭଂଜରେ ନୁହେଁ ଓଡ଼ିଶା, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ଛତିଶଗଡ଼ ରାଜ୍ୟର ଜଳବାୟକୁ ଏହା ପ୍ରତକ୍ଷ୍ୟରୂପେ ପ୍ରଭାବିତ କରୁଅଛି । ଏହାର ଅବକ୍ଷୟ ହେଲେ ଆମକୁ ପ୍ରଥମେ ଏହାର କୁପରିଣାମ ଭୋଗିବାକୁ ପଡ଼ିବ । ଆମର ଜୀବନ ଓ ଜିବିକା ପ୍ରତକ୍ଷ ଭାବରେ କ୍ଷତିଗ୍ରସ୍ତ ହେବ । ଆସ ଆମେ ଏହାର ସଂରକ୍ଷଣ କାର୍ଯ୍ୟରେ ମନ ଦେବା । ଏହା ହେଉଛି ଭୋଳାଗଡ଼ିଆ ସରପଂଚ ନନ୍ଦ କିଶୋର ହାଁସଦାଙ୍କ ଛାତ୍ର ଛାତ୍ରୀ ମାନଙ୍କୁ ପ୍ରେରଣାଦାୟକ ଅଭିଭାଷଣ । ସେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଛନ୍ତି । ପ୍ରଧାନ ଶିକ୍ଷୟିତ୍ରୀ ଦେବକି ନାୟକ, ସହକାରୀ ଶିକ୍ଷକ ସିଦ୍ଧେଶ୍ୱର ପାଣିଗ୍ରାହୀ, ଅଶ୍ୱିନି ଘୋଷ, ସାଗରଜନ ସିଂ, ସୁମିତ୍ରା ବେହେରାଙ୍କ ସହିତ ଜନଜାଗୃତି ମଂଚର ଜିଲ୍ଲା ତତ୍ତ୍ୱବଧାରକ ଗଦାଧର ଦାଶ ଓ ଅନ୍ୟାନ୍ୟ କର୍ମି ଯଥା- ଆରତି ଖଣ୍ଡାପାତ୍ର, କୈଳାଶ ନାୟକ, ସୁଦର୍ଶନ ଦଳେଇ, ଭାରତି ଖଣ୍ଡାପାତ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ପ୍ରବନ୍ଧ ଲିଖନରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଓ ଛାତ୍ରୀ ଯଥା ପୂର୍ଣ୍ଣଚନ୍ଦ୍ର ଟୁଡୁ, ରବିନ୍ଦ୍ର ଲୋହାର, ମୁନା ସିଂ, ଆକାଶ ନାଏକ, ରଜନି ହାଁସଦା ଓ ଅନୀଲ ହୋଙ୍କୁ ପ୍ରମାଣପତ୍ର ସହିତ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇ ଅଛି । ଏହିପରି କାର୍ଯ୍ୟକ୍ରମ ମାନ ଶିକ୍ଷାନୁଷ୍ଠାନ ମାନଙ୍କରେ ନିୟମିତ ଆୟୋଜନ କରାଯିବ ବୋଲି ଜନଜାଗୃତି ମଂଚର କର୍ମକର୍ତାଙ୍କ ଠାରୁ ସୂଚନା ମିଳିଛି ।

# ଭୀମଦା ପଂଚାୟତ ସରପଂଚଙ୍କ ବିରୋଧରେ ଅନସ୍ଥା ପ୍ରସ୍ତାବ



ବଡସାହି, ୨୫/୧ (ନି.ପ୍ର): ବଡସାହି ବ୍ଲକ ଅଧିନ ଭୀମଦା ପଂଚାୟତର ସରପଂଚ ଭୀମ ସିଂଙ୍କ ବିରୋଧରେ ଅନସ୍ଥା ପ୍ରସ୍ତାବ ଆଗତ ହୋଇଥିବାର ଜଣାଯାଇଛି । ଉକ୍ତ ପଂଚାୟତର ୧୧ଟି ୱାର୍ଡ ଥିବା ବେଳେ ୫ ନମ୍ବର ୱାର୍ଡର ୱାର୍ଡ ମେମ୍ବର ଶରତ ମୁଖୀ ୨ମାସ ପାଖପାଖି ହେବ ମୃତ୍ୟୁବରଣ କରିଛନ୍ତି । ଅନ୍ୟ ୧୦ଟି ୱାର୍ଡ ମଧ୍ୟରୁ ୭ଟି ୱାର୍ଡର ୱାର୍ଡ ମେମ୍ବର ଯଥା ୧ ନମ୍ବରର ପୂର୍ଣ୍ଣିମା ବେହେରା( ନାଏବ ସରପଂଚ), ୨ ନମ୍ବରର ମିନତୀ ଦଳେଇ, ୩ ନମ୍ବରର ପୁନି ପଲେଇ, ୪ ନମ୍ବରର ସୁନି ସିଂ, ୮ନମ୍ବରର ସସ୍ମିତା ସିଂ, ୯ ନମ୍ବରର ଦିଲ୍ଲିପ କୁମାର ପ୍ରଧାନ ଓ ୧୦ ନମ୍ବରର ବାସନ୍ତି ସାନ୍ତରା ପ୍ରମୁଖ ସରପଂଚ ଶ୍ରୀ ସିଂକୁ ଗାଦିଚ୍ୟୁତ କରିବା ପାଇଁ ଅଂଟା ଭିଡିଛନ୍ତି । ସେମାନେ ସରପଂଚଙ୍କ ମନମୁଖୀ କାର୍ଯ୍ୟ ବିରୋଧରେ ପଂଚାୟତରେ ଏକତ୍ରିତ ହୋଇ ଏକ ଜରୁରୀ ବୈଠକ ମାଧ୍ୟମରେ ଏହି ସିଦ୍ଧାନ୍ତ ନେଇଥିବାର ଜଣାଯାଇଛି । ସରପଂଚ ଶ୍ରୀ ସିଂ ୱାର୍ଡ ସଭ୍ୟସଭ୍ୟାମାନଙ୍କୁ ସଦାସର୍ବଦା ବେଖାତିର କରିବା, ସେମାନଙ୍କ ଅଗୋଚୋରରେ ମନଇଚ୍ଛା କାର୍ଯ୍ୟ କରିବା, ଗ୍ରାମସଭା ଓ ପଂଚାୟତ ବୈଠକରେ ନିଆଯାଉଥିବା ନିଷ୍ପତିକୁ ଅବମାନନା କରିବା, ବୈଠକର ବିଭିନ୍ନ ପ୍ରସ୍ତାବ ଓ ଉନ୍ନୟନ କାର୍ଯ୍ୟର ଚିଠାକୁ ପରବର୍ତୀ ମୁହୂର୍ତରେ ପରିବର୍ତନ କରିବା, ପଂଚାୟତର କୌଣସି ହିସାବ ନ ଦେଖାଇବା କିମ୍ବା ଅବଗତ ନ କରିବା ଆଦି ବିଭିନ୍ନ ପ୍ରସଙ୍ଗକୁ ନେଇ ୱାର୍ଡ ସଭ୍ୟସଭ୍ୟାମାନେ ଏକତ୍ରିତ ହୋଇ ଅନସ୍ଥା ପ୍ରସ୍ତାବ ଆଗତ କରିଥିବାର ଜଣାଯାଇଛି । ଏ ସଂକ୍ରାନ୍ତରେ ସମସ୍ତ ୱାର୍ଡ ସଭ୍ୟସଭ୍ୟା ଏକତ୍ରିତ ହୋଇ ଉପ ଜିଲ୍ଲାପାଳ, ସଦର ବାରିପଦାଙ୍କୁ ସାକ୍ଷାତ କରି ସେମାନଙ୍କର ଦାବୀ ଉପସ୍ଥାପନ କରିବା ସହିତ ଲିଖିତ ଅଭିଯୋଗ କରିଛନ୍ତି । ଏହାକୁ ନେଇ ଉପ ଜିଲ୍ଲାପାଳଙ୍କ ଚିଠି ନମ୍ବର-୩୪, ୩ ଜାନୁୟାରୀ ୨୦୨୬ ଅନୁଶାରେ ବି.ଡି.ଓ ବଡସାହି ବନଜା ଦାସଙ୍କୁ ୱାର୍ଡ ସଭ୍ୟସଭ୍ୟାମାନଙ୍କର ଦସ୍ତଖତ ଯାଞ୍ଚ ସହିତ ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହାର ନକଲ ନାଏବ ସରପଂଚ ପୂର୍ଣ୍ଣିମା ବେହେରାଙ୍କ ସହିତ ସମସ୍ତ ୱାର୍ଡ ସଭ୍ୟସଭ୍ୟ ଓ ଜିଲ୍ଲାପଂଚାୟତ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ଉପ ଜିଲ୍ଲାପାଳଙ୍କ ଚିଠିକୁ ଆଧାର କରି ବିଡିଓଙ୍କ ନିର୍ଦ୍ଦେଶରେ ଜିପିଓ ଅବିନାଶ ପଣ୍ଡା ସମସ୍ତ ୭ଜଣ ୱାର୍ଡ ସଭ୍ୟସଭ୍ୟାମାନଙ୍କୁ ବ୍ଲକ୍ କାର୍ଯ୍ୟାଳୟକୁ ଡାକି ସେମାନଙ୍କ ଠାରୁ ସମସ୍ତ ଘଟଣା ସମ୍ପର୍କରେ ବୁଝିବା ସହିତ ଅଭିଯୋଗରେ ଥିବା ସେମାନଙ୍କର ଦସ୍ତଖତର ଯାଞ୍ଚ କରିଛନ୍ତି । ଏ ସମ୍ପର୍କରେ ଏହି ୭ଜଣ ୱାର୍ଡ ସଭ୍ୟସଭ୍ୟାମାନଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ ମଧ୍ୟ କରାଯାଇଥିବାର ଜଣାଯାଇଛି ।

# ସମାଜସେବୀ ବୈଦ୍ୟନାଥ ଦାଶଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ

ଭଦ୍ରକ, ୨୫/୧ (ନି.ପ୍ର): ତିହିଡି ଅଞ୍ଚଳର ବର୍ଷିଆନ ସମାଜସେବୀ, ଘରୋଇଅମିନ,ତିହିଡି ଅଞ୍ଚଳର ବିଶିଷ୍ଟ କଳାକାର, ତିହିଡି ଅଞ୍ଚଳର ବହୁ ସାଂସ୍କୃତିକ ଅନୁଷ୍ଠାନର ପ୍ରତିଷ୍ଠାତା ବୈଦ୍ୟନାଥ ଦାଶଙ୍କ ସ୍ମୃତି ଚାରଣ ସଭା ତିହିଡି ବ୍ଲକ ଗୋବିନ୍ଦପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ତାଙ୍କ ପଇତପୁର ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି । ସମାଜସେବୀ ବୈଦ୍ୟନାଥ ଦାଶ ସତୁରୀ ଦଶକରେ କଲିକତାରେ ଏକ କ୍ଷୁଦ୍ର ବହି ଦୋକାନ କରି ବହୁ ଓଡିଆ ପିଲାଙ୍କୁ ମାଗଣାରେ ବହି ଯୋଗାଇବା ସହ ଓଡିଆ ଭାଷା ଓ ସାହିତ୍ୟର ପ୍ରଚାର ଓ ପ୍ରସାର ପାଇଁ ସେ କଲିକତାରେ ଓଡିଆ ମାନଙ୍କୁ ଏକାଠି କରୁଥିଲେ । କଲିକତାରୁ ଫେରି ନିଜ ପଞ୍ଚାୟତ ଅବିଭକ୍ତ ବାରସ ରେ ସେ ମାଗଣାରେ ଛାତ୍ର ଛାତ୍ରୀ ମାନଙ୍କୁ ଶିକ୍ଷା ପ୍ରଦାନ କରୁଥିଲେ । ବାଦ୍ୟ, ସଂଗୀତ, ହାରମୋନିୟମ ଶିକ୍ଷା ସେ ପିଲାମାନଙ୍କୁ ଦେଉଥିଲେ । ବହୁ ଗରିବ ଲୋକଙ୍କ ଜମି ସେ ମାଗଣାରେ ମାପୁଥିଲେ । ଏକ ସଫଳ ଚାଷୀ ଭାବେ ଏକ ନିପଟ ମଫସଲରେ ସେ ପରିଚିତ ଥିଲେ । ଗୋବିନ୍ଦପୁର ଅଞ୍ଚଳର ଶିକ୍ଷା ଓ ଗମନାଗମନର ବିକାଶ ପାଇଁ ପ୍ରଶାସନ ପାଖରେ ସେ ସର୍ବଦା ଦାବି ଜଣାଉଥିଲେ । ତାଙ୍କ ମୃତ୍ୟୁରେ ଏକ ସ୍ମୃତିଚାରଣ ସଭା ଅବସରପ୍ରାପ୍ତ ଶିକ୍ଷକ ହରେକୃଷ୍ଣ ମହାକୁଡଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ସ୍ମୃତିଚାରଣ ସଭାରେ ସିପିଆଇ(ଏମ) ଚାନ୍ଦବାଲି ନିର୍ବାଚନ ମଣ୍ଡଳୀ ଯୁବନେତା ବିକାଶ ନାଥ, ବରିଷ୍ଠ ସିପିଆଇ(ଏମ) ନେତା ମଳୟ ଭୋଇ, ବରିଷ୍ଠ ଆଇନଜୀବୀ ଶଶିଭୂଷଣ ପଣ୍ଡା, ଭଦ୍ରକ ଓକିଲ ସଂଘର ପୂର୍ବତନ ସଂପାଦକ ଦିବ୍ୟସିଂହ ନାୟକ, ବରିଷ୍ଠ ଆଇନଜୀବୀ ପ୍ରଫୁଲ୍ଲ ପାଢୀ, ଓଡିଶା କୃଷକ ସଭା ଭଦ୍ରକ ଜିଲ୍ଲା ସଂପାଦକ ପ୍ରଭାସ ମହାପାତ୍ର, ଓଡିଶା କୃଷକ ସଭା ଚାନ୍ଦବାଲି ବ୍ଲକ ସଂପାଦକ ଅଶୋକ ବେହେରା, ଓଡିଶା କୃଷକ ସଭା ତିହିଡି ବ୍ଲକ ସଭାପତି ଭାଗବତ ସେନାପତି, କାଁପଡା ଗ୍ରାମ ପଞ୍ଚାୟତର ସିପିଆଇ(ଏମ) ଯୁବନେତା ଜ୍ୟୋତିର୍ମୟ ମଳିକ, ମହିଳା ନେତ୍ରୀ ସ୍ୱର୍ଣ୍ଣପ୍ରଭା ବଳ, ବିଜୟା ଲକ୍ଷ୍ମୀ ପାଢୀ, ସମାଜସେବୀ ଲକ୍ଷ୍ମୀଧର ବଳ, ଶିକ୍ଷାବିତ୍ ସୁରେନ୍ଦ୍ର ନାଥ ମାଝୀ, ଶିକ୍ଷାବିତ୍ ସନ୍ତୋଷ ଦାସ, କୃଷକ ନେତା ବ୍ରହ୍ମାନନ୍ଦ ପରିଡା, ଶିକ୍ଷାବିତ୍ ଗୟାଧର ବଳ, ଶିକ୍ଷାବିତ୍ ଗଙ୍ଗାଧର ସାହୁ, ଶିକ୍ଷାବିତ୍ ମହେଶ୍ୱର ମଲ୍ଲିକ, ଶିକ୍ଷାବିତ୍ ମହେଶ୍ୱର ଦାଶ, ବରିଷ୍ଠ ନାଗରିକ ନୃସିଂହ ଚରଣ ମହାକୁଡ, ଶିକ୍ଷାବିତ୍ ପ୍ରଦୀପ୍ତ କୁମାର ମିଶ୍ର, ଯୁବନେତା ମାନସ ରଞ୍ଜନ ନାୟକ, ଅବସରପ୍ରାପ୍ତ ଶିକ୍ଷକ ନିର୍ମଳ ଦଳେଇ, ଗୋବିନ୍ଦପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ମାନସ ରଞ୍ଜନ ସାହୁ, ଭାରତୀୟ ଜାତୀୟ କଂଗ୍ରେସ ପିରହାଟ ଜୋନ୍ ର ଯୁବନେତା ସର୍ବେଶ୍ୱର ବେହେରା, କୃଷକ ନେତା ସତ୍ୟମୂର୍ତ୍ତି ବେହେରା ପ୍ରମୁଖ ଯୋଗଦେଇ ସମାଜସେବୀ ବୈଦ୍ୟନାଥ ଦାଶଙ୍କ ସରଳ ଜୀବନ ଚର୍ଯ୍ୟା ଓ ତାଙ୍କ ସମାଜବାଦ ଆଦର୍ଶ ସଂପର୍କରେ ଆଲୋଚନା କରିଥିଲେ । ଶେଷରେ ତାଙ୍କ ମଧ୍ୟମ ପୁତ୍ର ସିପିଆଇ(ଏମ) ଜିଲ୍ଲା ସଂପାଦକ ମଣ୍ଡଳୀ ସଭ୍ୟ ତଥା ଆଇନଜୀବୀ ବିଷ୍ଣୁ ଚରଣ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସ୍ମୃତିଚାରଣ ସଭାରେ ବୈଦନାଥ ବାବୁଙ୍କ ଜ୍ୟୋଷ୍ଠପୁତ୍ର ବ୍ରହ୍ମାନନ୍ଦ ଦାଶ, କନିଷ୍ଠ ପୁତ୍ର ମହେଶ୍ୱର ଦାଶ ଙ୍କ ସମେତ ତାଙ୍କ ବଂଧୁ ବାଂଧବ ପରିବାର ବର୍ଗ, ବହୁ ଶିକ୍ଷାବିତ୍, ଓକିଲ, ଆଶା ,ପାଟିକା , ସହାୟିକା, ଅଙ୍ଗନୱାଡି କର୍ମୀ, ନିର୍ମାଣ ଶ୍ରମିକ, ଚାଷୀ, ଭାଗଚାଷୀ, କ୍ଷେତମଜଦୂର ଓ ଶତାଧିକ ସାଧାରଣ ଜନତା ଉପସ୍ଥିତ ଥିଲେ ।

# ଜନପଥରେ 'ଆମ ବସ' ଭଙ୍ଗାରୁଜା ଘଟଣା: ଆଉ ଜଣେ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୨୫/୧ (ନି.ପ୍ର): ଜନପଥ ରାସ୍ତାରେ 'ଆମ ବସ' ଭଙ୍ଗାରୁଜା ଘଟଣା ସମ୍ପର୍କରେ କ୍ୟାପିଟାଲ ଥାନା ପୋଲିସ୍ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ପରିଚୟ ସିଲୁ ଦିଗଲ ଭାବେ ଜଣାପଡ଼ିଛି। ଏହା ପୂର୍ବରୁ ଏହି ଘଟଣାରେ ସଂପୃକ୍ତ ଦୁଇଜଣ ଅଭିଯୁକ୍ତଙ୍କୁ ପୋଲିସ୍ ଗିରଫ କରି ବିଚାର ବିଭାଗୀୟ ହାଜତକୁ ପଠାଇଥିଲା। ପୋଲିସ୍ ପକ୍ଷରୁ କୁହାଯାଇଛି ଯେ ଘଟଣାରେ ଅନ୍ୟାନ୍ୟ ଲୋକଙ୍କ ସଂପୃକ୍ତତା ନେଇ ତଦନ୍ତ ଚାଲିଛି।

# ଏପ୍ରିଲରେ ପାଳିତ ହେବ ବଳାଙ୍ଗୀ ମହୋତ୍ସବ: ବାରିପଦାଠାରେ ପ୍ରସ୍ତୁତି ବୈଠକ ଓ ବାର୍ଷିକ ବନ୍ଧୁମିଳନ



ବାରିପଦା , ୨୫/୧ (ନି.ପ୍ର): ମୟୁରଭଞ୍ଜ ଜିଲ୍ଲାରେ ଓଡ଼ିଆ ଭାଷା ସାହିତ୍ୟ, କଳା ସଂସ୍କୃତି ଏବଂ ପର୍ଯ୍ୟଟନର ସୁରକ୍ଷା ଏବଂ ବିକାଶ ନିମନ୍ତେ ବିଗତ ୨୦୦୩ ମସିହା ଠାରୁ ବାରିପଦାର ବାବା ବୁଢା ରାଉଳ ମଠ ନିକଟ ବୁଢାବଳଙ୍ଗ, ଚିପଟ ଏବଂ ଇଟାଯୋଡ଼ି ନଦୀର ତ୍ରିବେଣୀ ସଙ୍ଗମ ପୀଠରେ ମୟୁରଭଞ୍ଜ ଜିଲ୍ଲାର ମହାନ ଗଣପର୍ବ ମୟୁରଭଞ୍ଜ ବାଲି ମେଳା ବଳାଙ୍ଗୀ ମହୋତ୍ସବ ପାଳିତ ହୋଇ ଆସୁଥିବା ବେଳେ, ଚଳିତ ବର୍ଷ ୨୪ତମ ରାଜ୍ୟ ସ୍ତରୀୟ ବଳାଙ୍ଗୀ ମହୋତ୍ସବ-୨୦୨୬ ମହା ବିଷୁବ ପଣା ସଂକ୍ରାନ୍ତି ତଥା ଓଡ଼ିଆ ନବ ବର୍ଷ ପାଳନ ଉପଲକ୍ଷେ ଆସନ୍ତା ଏପ୍ରିଲମାସରେ ୭ଦିନ ଧରି ପାଳିତ ହେବ। ଏହି ପରିପ୍ରେକ୍ଷୀରେ ପ୍ରତିବର୍ଷ ଭଳି ଜିଲ୍ଲାରେ ଭାଇଚାରାର ପରମ୍ପରାକୁ ମଜଭୁତ କରିବା ପାଇଁ ବଳାଙ୍ଗୀ ସାଂସ୍କୃତିକ ଜାଗରଣ ଯାତ୍ରା ଏବଂ ମହାରାଜା ଶ୍ରୀ ରାମଚନ୍ଦ୍ର ଜ୍ୟୋତିରଥର ଜିଲ୍ଲା ପରୀକ୍ରମା କାର୍ଯ୍ୟକ୍ରମ ଆଗାମୀ ମାର୍ଚ୍ଚ ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ୩ଦିନ ଧରି ଅନୁଷ୍ଠିତ ହେବ। ସେହିପରି ପ୍ରତିଭା ଚୟନ ପାଇଁ ଅନୁଷ୍ଠିତ ହେଉଥିବା ବଳାଙ୍ଗୀ ଟେଲେଣ୍ଟ ହଣ୍ଟ ମେଗା ଅଡିସନ କାର୍ଯ୍ୟକ୍ରମ ଏପ୍ରିଲ ୫ତାରିଖ ରବିବାର ଦିନ ଅନୁଷ୍ଠିତ ହେବ ବୋଲି ଜଣାଯାଇଛି। ଏହି ଅବସରରେ ଆଜି ମହୋତ୍ସବ କମିଟି ପକ୍ଷରୁ ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷ ଠାରେ ମହୋତ୍ସବର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ ପ୍ରସ୍ତୁତି ବୈଠକ ତଥା ବନ୍ଧୁମିଳନ କାର୍ଯ୍ୟକ୍ରମରେ ମହୋତ୍ସବ କମିଟିର ସଭାପତି ତଥା ରାଜ୍ୟ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ବିକଶିତ ବାରିପଦା ତଥା ବିକଶିତ ମୟୁରଭଞ୍ଜ ଗଠନ ପାଇଁ ସମସ୍ତଙ୍କର ସହଯୋଗ କାମନା କରିବା ସହିତ ଅବଲୁପ୍ତ ପ୍ରାୟ କଳା ସଂସ୍କୃତିର ସୁରକ୍ଷା କ୍ଷେତ୍ରରେ ବଳାଙ୍ଗୀ ମହୋତ୍ସବର ଭୂମିକା ଅତୁଳନୀୟ ବୋଲି କହିଥିଲେ. ଅନ୍ୟ ମାନଙ୍କ ମଧ୍ୟରେ ମହୋତ୍ସବ କମିଟିର ଚେୟାରପର୍ସନ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ମେଳା କମିଟିର ଅଧ୍ୟକ୍ଷ ଆଇନଜୀବୀ ଅରବିନ୍ଦ ଦାସ, ଉପଦେଷ୍ଟା ପୂର୍ବତନ ବିଧାୟକ କାନ୍ଦ୍ରା ସୋରେନ, ବର୍ଷୀୟାନ ସାମ୍ବାଦିକ ଡ଼. ବିଜୟ କୁମାର ଅଗ୍ରୱାଲ, ପଣ୍ଡିତ ଭାଗବତ ପଣ୍ଡା କମଳେନ୍ଦୁ ଲାଲ ମହାନ୍ତ, ନରେନ୍ଦ୍ର ମୋହନ ସେନାପତି, ପ୍ରଭାତି ମହାନ୍ତି, ସଂଯୁକ୍ତା ବସା, ପ୍ରଫେସର ସୁନୀଲ କୁମାର ଜେନା, ସମାଜସେବୀ ଅମର କୁମାର ସେଠୀ ପ୍ରମୁଖ ଯୋଗଦେଇ ଆଗାମୀ କାର୍ଯ୍ୟପନ୍ଥା ବିଷୟରେ ଆଲୋଚନା କରିଥିଲେ।

# ରଜତ ଜୟନ୍ତୀ ଓଡ଼ିଆ ନାଟକ ଉତ୍ସବ ତଥା ଓଡ଼ିଆ ନାଟ୍ୟକାର ସମ୍ମିଳନୀ - ପ୍ରାଚୀନ ଏବଂ ନବୀନ ସ୍ମୃତି ଓ ଅନୁଭୂତିର ସମାହାର




ପାରାଦୀପ, ୨୫/୧ (ନି.ପ୍ର): ବନ୍ଦର ନଗରୀ ପାରାଦୀପର ଅଗ୍ରଣୀ ସାରସ୍ୱତ ଓ ସାଂସ୍କୃତିକ ଅନୁଷ୍ଠାନ କାନମାସ ଦ୍ୱାରା ସ୍ଥାନୀୟ ବାଣୀପୀଠ ଜୟଦେବ ସଦନ ଠାରେ ପାରାଦୀପ ବନ୍ଦର ଓ ରାଷ୍ଟ୍ରୀୟ ନାଟ୍ୟ ବିଦ୍ୟାଳୟ , ନୂଆ ଦିଲ୍ଲୀର ସହଯୋଗରେ ଜାନୁଆରୀ ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ରଜତ ଜୟନ୍ତୀ ଓଡ଼ିଆ ନାଟ୍ୟ ଉତ୍ସବ ଆୟୋଜିତ ହୋଇ ଯାଇଛି । ୨୩ ତାରିଖ ଦିନ କାନମାସର ଉପଦେଷ୍ଟା କ୍ୟାପଟେନ ଅଲେଖ ସାହୁଙ୍କ ପୌରହତ୍ୟରେ ଆୟୋଜିତ ଉଦ୍ଘାଟନୀ ସନ୍ଧ୍ୟାରେ ବନ୍ଦର ଅଧ୍ୟକ୍ଷ ପି ଏଲ ହରନାଧ ଉତ୍ସବକୁ ଉଦଘାଟନ କରି କହିଥିଲେକି ନାଟକକୁ କେବଳ ପାରାଦୀପରେ ସୀମିତ ନରଖି ତାକୁ ଅଧିକ ଲୋକାଭିମୁଖୀ କରିବାରେ ତଥା ଭାରତର ସାଂସ୍କୃତିକ ମାନଚିତ୍ରରେ ପାରାଦୀପ ବନ୍ଦରକୁ ଏକ ଅନନ୍ୟ ସ୍ଥାନ ଦେବାରେ କାନମାସର ପ୍ରଚେଷ୍ଟା ପ୍ରଶଂସନୀୟ । ବନ୍ଦର ସିଏମ୍ଇ ସୁଶିଲ ନାହାକ ସ୍ୱାଗତ ଭାଷଣ ଦେଇଥିବା ବେଳେ କାନମାସର ସମ୍ପାଦକ ଶ୍ରୀମନ ମିଶ୍ର ବାର୍ଷିକ ବିବରଣୀ ରଖିଥିଲେ । କାନମାସର ଉପ ସଭାପତି ସନ୍ତୋଷ ସାମଲ ସମ୍ମାନିତ ଅତିଥି ଭାବେ ମଞ୍ଚରେ ଉପସ୍ଥିତ ଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ହରନାଧ ସାଗରିକା କଳା ନିକେତନର ଗୁରୁ ପ୍ରଫୁଲ୍ଲ ବଳ, ବ୍ରଜ ମଲ୍ଲିକ, କେଦାର ପରିଡ଼ା, ଶୁଭଶ୍ରୀ ବେଉରା, ସ୍ମୃତି କାନ୍ତ ଶର୍ମାଙ୍କୁ ନୃତ୍ୟ ଓ ସଙ୍ଗୀତ ଶିକ୍ଷାଦାନ କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ସମ୍ବର୍ଦ୍ଧିତ କରିଥିଲେ । ପାରାଦୀପର ମୂର୍ଚ୍ଛନା ମିଶ୍ର, ସଂଜୀଓ ସାନୁ, ନିରଞ୍ଜନ ଗାନ, ମିଲୁ ଖୁଣ୍ଟିଆ ଆଦି କଳାକାର ମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ଉଦ୍ଘାଟନୀ ସନ୍ଧ୍ୟାରେ ଉତ୍କଳି ସାଂସ୍କୃତିକ ଶିଳ୍ପୀ, ରାଉରକେଲା ବିଲୋଚନ ପାତ୍ରଙ୍କ ନିର୍ଦ୍ଦେଶନାରେ ନାଟକ କମ୍ପାନୀ ସରକାର ମଞ୍ଚସ୍ଥ କରିଥିଲେ । ନାଟକଟି ହୀରାକୁଦ ଜଳଭଣ୍ଡାର ମଧ୍ୟରେ ଥିବା ଗୋରୁଦ୍ୱିପ ବା କ୍ୟାଟଲ ଆଇଲଣ୍ଡରୁ ମହାନଦୀ ଶଯ୍ୟାର ତଳ ମୁଣ୍ଡ ପର୍ଯ୍ୟନ୍ତ ଜନ ଜୀବନ ତଥା ଜୈବମଣ୍ଡଳକୁ ପ୍ରଭାବିତ କରୁଥିବା କଥା ଏବଂ ତାର ଆଧାରରେ ଆମ ଦେଶବାସୀଙ୍କ ପାଇଁ ସାଂପ୍ରତିକ ପରିସ୍ଥିତିରେ ସାମାଜିକ ଓ ଅର୍ଥନୈତିକ ଆଶଙ୍କାର ସାଙ୍କେତିକ ବାର୍ତ୍ତା ବହନ କରେ । ୨ୟ ସନ୍ଧ୍ୟାରେ ହୃଦୟ, ଭୁବନେଶ୍ୱର ପ୍ରଫେସର ରମାକାନ୍ତ ମିଶ୍ରଙ୍କ ନିର୍ଦ୍ଦେଶନାରେ ବୈଷ୍ଣବ ପାଣି ମଞ୍ଚସ୍ଥ କରିଥିଲେ ଯାହାକି ଗଣକବି ବୈଷ୍ଣବ ପାଣିଙ୍କ ଜୀବନ ଓ ସୃଜନଶୀଳ ସଂଘର୍ଷର ଏକ ଜୀବନ୍ତ ଚିତ୍ରଣ ଥିଲା । ବିଂଶତମ ଶତାବ୍ଦୀର ପ୍ରାରମ୍ଭରେ ଓଡ଼ିଶାର ଯାତ୍ରା ଆନ୍ଦୋଳନର ପ୍ରବର୍ତ୍ତକ ଭାବେ ସେ ଯେପରି ଏକ ଅତୁଟ ଛାପ ରଖିଥିଲେ ଏହି ନାଟକ ତାକୁ ଉଦଘାଟନ କରେ । ବୈଷ୍ଣବ ପାଣି ନାଟକଟିକୁ ଗୀତିନାଟ୍ୟ ଶୈଳୀରେ ପ୍ରସ୍ତୁତ କରାଯାଇଥିଲା । ପାଲା, ରାସ ଓ ଲୀଳା ପରି ଓଡ଼ିଶାର ଲୋକନାଟ୍ୟ ରୂପରୁ ପ୍ରେରଣା ନେଇ ବୈଷ୍ଣବ ପାଣି କିପରି ସୁଆଙ୍ଗ ରୂପକୁ ଉନ୍ନତ କରି ଏକ ଲୋକପ୍ରିୟ ଶିକ୍ଷା ଓ ବିନୋଦନ ମାଧ୍ୟମରେ ପରିଣତ କରିଥିଲେ ଏହା ଥିଲା ଏହି ନାଟକର ମୂଳ ଆଧାର । ୩ୟ ସନ୍ଧ୍ୟାରେ ଶ୍ରୀ ଜଗନ୍ନାଥ କଲଚରାଲ ଆସୋସିଏସନ୍, ସମ୍ବଲପୁର ସତ୍ୟ ରଞ୍ଜନ ବେହେରାଙ୍କ ନିର୍ଦ୍ଦେଶନାରେ ସମ୍ବଲପୁରୀ ଭାଷାରେ ନାଟକ ସାଧନା ମଞ୍ଚସ୍ଥ କରିଥିଲେ । ଏହି ନାଟକ ସତ୍ୟକୁ ଉଜାଗର କରେ କି ଅଦମ୍ୟ ପରିଶ୍ରମ, ଦୃଢ଼ ସଂକଳ୍ପ ଓ ସମର୍ପଣ ଦ୍ୱାରା ମଣିଷ ତା ଜୀବନରେ କୌଣସି ଲକ୍ଷ୍ୟକୁ ସାଧନ କରିପାରେ । ନାଟକର ମୁଖ୍ୟ ଚରିତ୍ର ନୃତ୍ୟାଙ୍ଗନା ଅଞ୍ଜି ଏସିଡ ଆକ୍ରମଣରେ ନିଜର ବାକଶକ୍ତି ଓ ଶ୍ରବଣ ଶକ୍ତି ହରାଇ ମଧ୍ୟ ପରଜୟକୁ ସ୍ୱୀକାର କରି ନାହିଁ । ତାର ପ୍ରେରଣାର ଉତ୍ସ ତାର ବାପା ହିମାଂଶୁ । ନିଜର କଠୋର ସାଧନା ବଳରେ ଧ୍ୱନି ତରଙ୍ଗର ସ୍ପନ୍ଦନକୁ ଅନୁଭବ ପୂର୍ବକ ପୁନର୍ବାର ସେ ନୃତ୍ୟ ଆରମ୍ଭ କରେ ଏବଂ ପ୍ରସିଦ୍ଧି ଓ ପ୍ରତିଷ୍ଠା ଅର୍ଜନ କରେ । ନିଷ୍ଠା ଓ ସାଧନା ବଳରେ ଅସମ୍ଭବ ସମ୍ଭବରେ ପରିଣତ ହୁଏ । ରଜତ ଜୟନ୍ତୀ ଅବସରରେ ଅଫିସର୍ଷ କ୍ଲବ ଠାରେ ୮ମ ଓଡ଼ିଆ ନାଟ୍ୟକାର ସମ୍ମିଳନୀ ଆୟୋଜିତ ହୋଇଥିଲା । ଏହି ନାଟ୍ୟକାର ସମ୍ମିଳନୀକୁ ବିଶିଷ୍ଟ ଔପନାସିକ ଓ ନାଟ୍ୟକାର ଭାଗିରଥି ଦାସ ଉଦଘାଟନ କରିଥିଲେ । ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ନାଟ୍ୟକାର ମାନେ ନାଟକର ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସଙ୍ଗେ ସଙ୍ଗେ ଭାଗିରଥି ଦାସଙ୍କର ସାରସ୍ୱତ ସାଧନା ଉପରେ ଆଲୋକପାତ କରିଥିଲେ । ବିଶେଷ କରି ଭାଗିରଥି ଦାସଙ୍କ ସହିତ ମୁହାଁ ମୁହିଁ ଏକାକୀ ଆଲୋଚନା ଏକ ଅନନ୍ୟ ପରିବେଶ ସୃଷ୍ଟି କରିଥିଲା ଯେଉଁଥିରେ ଶ୍ରୀ ଦାସ ପ୍ରତିକୂଳ ପରିସ୍ଥିତିରେ ତାଙ୍କର ସାରସ୍ୱତ ସାଧନାର ଅନେକ ଅତୀତକୁ ନାଟ୍ୟକାର ମାନଙ୍କ ସମ୍ମୁଖରେ ରଖିଥିଲେ। ନାଟ୍ୟକାରମାନେ କହିଥିଲେ କି ନାଟ ମଞ୍ଚନକୁ କାନମାସ ନାଟ୍ୟ ଆନ୍ଦୋଳନରେ ପରିଣତ କରିଛି ଓ ଏହି ଆନ୍ଦୋଳନରେ ଜଣେ ଜଣେ ସାରଥୀ ହେବା ପାଇଁ କାନମାସ ସତେ ଯେପରି ଆମ୍ଭମାନଙ୍କୁ ଆମନ୍ତ୍ରଣ କରୁଛି ଏବଂ କାନମାସର ଚଲାପଥ କୁସୁମିତ ହେଉ ବୋଲି ଆଶା ପ୍ରକାଶ କରିଥିଲେ । ଉଦଯାପନୀ ସନ୍ଧ୍ୟାରେ ବିଶିଷ୍ଟ ନାଟ୍ୟକର, ନିର୍ଦ୍ଦେଶକ ପ୍ରଫେସର ସତ୍ୟବ୍ରତ ରାଉତ, ନାଟ୍ୟକାର ପ୍ରଫେସର ରମାକାନ୍ତ ମିଶ୍ର, ବନ୍ଦର ଡିସି ଅଲେଖ ସାହୁ , ସିଏମ୍ଇ ସୁଶିଲ ନାହାକ ଅତିଥି ଭାବେ ଯୋଗଦାନ କରି କଳାକାର ମାନଙ୍କୁ ସମ୍ବର୍ଦ୍ଧିତ କରିବା ସଙ୍ଗେ ସଙ୍ଗେ ମତାମତ ରଖିଥିଲେ କି ପାରାଦୀପ ପରି ସହରରେ ଓଡ଼ିଆ ନାଟକର ରଜତ ଜୟନ୍ତୀ ସଫଳତାର ସହିତ ପାଳନ କରି କାନମାସ ନାଟକ ପ୍ରତି ତାର ପ୍ରତିବଦ୍ଧତାକୁ ପୁନର୍ବାର ପ୍ରତିପାଦିତ କରି ପାରିଛି ଓ ତା ସହିତ ନାଟ୍ୟକାର ସମ୍ମିଳନୀ ଆୟୋଜନ କରି ସବୁ ନାଟ୍ୟକାର ମାନଙ୍କ ସହିତ ପାରାଦୀପର ସାରସ୍ୱତ ତଥା ସାଂସ୍କୃତିକ ଚେତନା ସହିତ ପରିଚିତ କରିପାରିଛି ଏବଂ ସେଥିପାଇଁ କାନମାସର ସମ୍ପାଦକ ଶ୍ରୀମନ ନାରାୟଣ ମିଶ୍ର ତଥା ସମସ୍ତ କର୍ମକର୍ତ୍ତା ଧନ୍ୟବାଦର ପ୍ରିୟପାତ୍ର ।

# ପାଟରାଣୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

ବାଲିଆପାଳ , ୨୫/୧ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ତାହାଲିଆ ପାଟରାଣୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳନ ହୋଇଯାଇଛି । ଏହି ଅବସରରେ ଆୟୋଜିତ ସଭାରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିନୋଦ କୁମାର ଜେନା ସଭାପତିତ୍ୱରେ ବାଲିଆପାଳ ଅତରିକ୍ତ ଶିକ୍ଷାଅଧିକାରିଣୀ ନମିତା ପ୍ରଭା ସାମଲ ମୁଖ୍ୟ ଅତିଥି ଏବଂ ନିଶାମଣି ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର କୁମାର ବେହେରା ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ସିଆରସିସି ପତିତ୍ୱପାବନ ପ୍ରଧାନ ,ତାହାଲିଆ ୟୁଜିୟୁପି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋରଞ୍ଜନ ରାଜ ,ବିଦ୍ୟାଳୟ ଅବସରପ୍ରାପ୍ତ ଶିକ୍ଷକ ଅମରେନ୍ଦ୍ର ତ୍ରିପାଠୀ ଏବଂ ଶିବପ୍ରସାଦ ନାୟକ ପ୍ରମୁଖ ଯୋଗ ଦେଇଥିଲେ । ପିଲାଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ । ଶିକ୍ଷକ ଶିଶିର କୁମାର ହାଜିରା ବାର୍ଷିକ ବିବରଣୀ ପାଠ ପଠନ କରିଥିଲେ । ଶିକ୍ଷକ ଜନ୍ମେଜୟ ମହାନ୍ତି ,ରବୀନ୍ଦ୍ର ଦାସ,ରୀନାରାଣୀ ସେଠୀ,ପ୍ରଭାସ ଭଞ୍ଜ,ଜୟକୃଷ୍ଣ ପରିଡା,କମଳାକାନ୍ତ କର,ମହେଶ୍ୱର ପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଶେଷରେ ଶିକ୍ଷକ ପଦୀପ କୁମାର ମାଝୀ ଧନ୍ୟବାଦ ପ୍ରଦାନ କରିଥିଲେ ।

# ମା' ଖଇରାଶୁଣୀ ପୀଠରେ ବାର୍ଷିକ ପୂଜା

ଖଇରା, ୨୫/୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରାର ଆରାଧ୍ୟାଦେବୀ ମା ଖଇରାଶୁଣୀଙ୍କ ପୀଠରେ ମାଙ୍କ ବାର୍ଷିକପୂଜା ଧୁମଧାମରେ ପାଳିତ ହୋଇ ଯାଇଛି । ନିରଞ୍ଜନ ସାହୁ,ମୁରଲୀଧର ସାହୁ, ଜଗନ୍ନାଥ ସାହୁ, ରାଜେନ୍ଦ୍ର ସାହୁ, ପିକୁନୁ ସାହୁ, କଟିଆ ସାହୁଙ୍କ ଦ୍ୱାରା ବୈଦେହୀ ପୋଖରୀରୁ ପୀଠକୁ କଳସ ଅଣାଯାଇଥିଲା । ପରେ



ବିରଞ୍ଚି ନାରାୟଣ ପଣ୍ଡା, ରମେଶ କୁମାର ପଣ୍ଡା, ସରଗମ ସତ୍ୟବ୍ରତ ସାହୁ ଓ ପ୍ରଫୁଲ୍ଲ ତ୍ରିପାଠୀଙ୍କ ଦ୍ୱାରା ମାଙ୍କ ପୂଜାର୍ଚ୍ଚନା ସାଙ୍ଗକୁ ଯଜ୍ଞକର୍ମ ଅନୁଷ୍ଠିତ ହୋଇଥିଲା । ପୁରସ୍ତମପୁର ଗ୍ରାମବାସୀ ଦିବସ ବ୍ୟାପି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ରାସ୍ତାମଝିରେ ବିଦ୍ୟୁତଖୁଣ୍ଟକୁ ଧକ୍କାଦେଲା କାର: ଅଳ୍ପକେ ବଞ୍ଚିଲା ଦୁଇ ଜୀବନ

ନୀଳଗିରି , ୨୫/୧ (ନି.ପ୍ର): ନୀଳଗିରି ପୂର୍ତ୍ତବିଭାଗର ଅପରିଣାମଦର୍ଶୀ କାର୍ଯ୍ୟପାଇଁ ଆଜି ଏକ ବିରାଟ ଦୁର୍ଘଟଣାରୁ ଦୁଇଦୁଇଟି ଅମୂଲ୍ୟ ଜୀବନ ଅଳ୍ପକେ ମୃତ୍ୟୁମୁଖରୁ ବଞ୍ଚିଯାଇଛି । ରାସ୍ତାଉପରେ ଥିବା ବିଦ୍ୟୁତ୍ ଖୁଣ୍ଟ ନଉଠାଇ ତା'ଉପରେ ରାସ୍ତାନିର୍ମାଣ କରିବାଫଳରେ ଆଜି ଏକ କାର ଧକ୍କା ଦେଇଥିଲେ ହେଁ ଅଳ୍ପକେ ଦୁଇଟି ଜୀବନ ବଂଚିଯାଇଛି । ସୂଚନାଅନୁଯାୟୀ ନୀଳଗିରି ଥାନା ମିତ୍ରପୁର ଭାୟା କାଂଶ ଉଦଳା ରାସ୍ତାରେ ଆଜି ସକାଳ ପ୍ରାୟ ୮ଟା ନୀଳଗିରି ବ୍ଲକ୍ ନରସିଂହପୁର ପଞ୍ଚାୟତ ପୁରୁଣା ଗାଁ ଗ୍ରାମର ସ୍ୱରୂପାନନ୍ଦ ଜେନା ନାମକ ଜୈନିକ ଲୋକ ୨୫ବିଏଚ ୩୧୯୦ଏଲ୍ ନଂ ଟାଟା ହରିଅର୍ କାରରେ ନୀଳଗିରି ଅଞ୍ଚଳର ନିଜ ଭଣଜାକୁ ବସାଇ ବାଲେଶ୍ୱର ଅଭିମୁଖେ ଯାଉଥିବା ବେଳେ ମିତ୍ରପୁର ନିକଟସ୍ଥ ସିନ୍ଦୁରଗୌରା ଠାକୁରାଣୀ ନିକଟରେ ହଠାତ୍ ଏକ ବାଇକ୍ ସାମ୍ନାକୁ ଆସିଯିବାରୁ ବାଇକ୍ ଚାଳକକୁ ବଞ୍ଚାଇବାକୁ ଯାଇ ପିଚରାସ୍ତା ମଝିରେ ଥିବା ଏକ ବିଦ୍ୟୁତଖୁଣ୍ଟକୁ ଧକ୍କା ଦେଇଥିଲା । ଗାଡ଼ି ଧକ୍କାରେ କାରରେ ଥିବା ଦୁଇଟି ସେଫ୍ଟିବେଲୁନ ବାହାରି ପଡ଼ିବା ଫଳରେ ଚାଳକ ସ୍ୱରୂପାନନ୍ଦଙ୍କ ସମେତ ଅନ୍ୟ ଆରୋହୀ ଅଳ୍ପକେ ମୃତ୍ୟୁମୁଖରୁ ବଞ୍ଚିଯାଇଛନ୍ତି । କାରର ସମ୍ମୁଖଭାଗ ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବା ବେଳେ ବିଦ୍ୟୁତ୍ ଖୁଣ୍ଟଟି ବାଙ୍କିଯାଇଥିବା ଦେଖିବାକୁ ମିଳିଛି । ଘଟଣାସ୍ଥଳ ଲୋକାରଣ୍ୟ ହୋଇପଡ଼ିଥିବା ବେଳେ ସାଧାରଣଜନତା ତୁରନ୍ତ ରାସ୍ତାରୁ ବିଦ୍ୟୁତ୍ ଖୁଣ୍ଟ ଅପସାରଣ କରିବାକୁ ଅଡିବସି ରାସ୍ତା ଅବରୋଧ କରିଥିଲେ ।ଖବରପାଇ ନୀଳଗିରି ଆଇଆଇସି ଗୋବର୍ଦ୍ଧନ ନାୟକଙ୍କ ସହିତ ଅନ୍ୟ ପୋଲିସ ଷ୍ଟାଫ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବାପରେ ରାସ୍ତା ଅବରୋଧ ହଟିଥିଲା ।ତେବେ ଏଭଳି ଘଟଣା ବାରମ୍ବାର ଘଟୁଥିଲେ ହେଁ ପୂର୍ତ୍ତବିଭାଗର କୁମ୍ଭକର୍ଣ୍ଣ ନିଦ୍ରା କେବେ ଭାଙ୍ଗିବ ଏବଂ କେବେ ସାଧରଣଜନତା ବିପଦମୁକ୍ତ ହେବେ ତାକୁ ସମସ୍ତଙ୍କର ଅପେକ୍ଷା ।




# ଚକରଜୁନି ଗ୍ରାମରେ ଆମ ଗାଁ ଯୁବ ପରିଷଦ ପକ୍ଷରୁ ସାଂସ୍କୃତିକ ମଞ୍ଚର ଉଦ୍ଘାଟନି ଉତ୍ସବ



ଜଳେଶ୍ୱର, ୨୫/୧ (ନି.ପ୍ର): ଜଳେଶ୍ୱର ବ୍ଲକ ଆରୁହା ପଞ୍ଚାୟତ ଚକରଜୁନି ଆମ ଗାଁ ଯୁବ ପରିଷଦ ସାଂସ୍କୃତିକ ମଞ୍ଚ ର ଉଦ୍ଘାଟନି ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉଦ୍ଘାଟନୀ ଉତ୍ସବରେ ଗ୍ରାମ ମୁଖ୍ୟ ତଥା ଇଂରାଜୀ ଅଧ୍ୟାପକ କର୍ତିକେଶ୍ୱର ପାତ୍ର ଅଧକ୍ଷତା କରିଥିଲେ ।ଜିଲ୍ଲା ପରିଷଦ ଉପ ସଭାପତି ଆନୂଷୟା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିବା ବେଳେ କଲେଜର ପ୍ରାକ୍ତନ ଅଧକ୍ଷ ଜିତାରାମ ଦେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଗ୍ରାମୀଣ ଏକତା,ପରମ୍ପରା,ସଂସ୍କୃତିର ସଂରକ୍ଷଣ ନିମନ୍ତେ ଆମ ଗାଁ ଯୁବ ପରିଷଦ ସଂକଳ୍ପ ବଧ ହୋଇ ଆଗମୀ ଦିନରେ ବ୍ୟାପକ କାର୍ଯ୍ୟକ୍ରମ ଆହୁରି ଲୋକପ୍ରିୟ ହୋଇ ପାରିବ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ ।ପ୍ରାକ୍ତନ ଅଧ୍ୟାପକ ଡ.ରଜନୀକାନ୍ତ ଭୂୟାଁ,ପ୍ରାକ୍ତନ ପ୍ରଧାନ ଶିକ୍ଷକ ରବିନ୍ଦ୍ର ଦାସ,ଅନୁଷ୍ଠାନର ସଂପାଦକ ରାଜେନ୍ଦ୍ର ନାରାୟଣ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ବେଦପାଠ କିରଣ କୁମାର ଦାସ ।ସଦସ୍ୟ ଜିତାରାମ ସାମଲ ଏବଂ ଶୁଭଦର୍ଶିନି ପ୍ରଧାନ ଧନ୍ୟବାଦ୍ ଅର୍ପଣ କରିଥିଲେ । ପରମ ଧର୍ମ ପରାୟଣୀ ମହିଳା ପ୍ରଭାମଣୀ ଭୂୟାଁ,ଆଶାକର୍ମୀ ଅନ୍ନପୂର୍ଣ୍ଣା ସାମଲ ଏବଂ ଓ୍ୱାର୍ଡ ସଭ୍ୟ ମଧୁସୁଦନ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା ।ମହିଳା ମାନଙ୍କୁ ନେଇ ବିଭିନ୍ନ ପ୍ରକାରର ପ୍ରତିଯୋଗିତା,କୁନି କୁନି ପିଲା ମାନଙ୍କୁ ନେଇ ନୃତ୍ୟ ପରିଯୋଗିତା ସହିତ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା







❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❐ Editor: Sairindhree Sahoo
❐ Managing & Executive Editor : Srustidhar Parida